

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୨ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 SEPTEMBER 2021
Vol.No. 32 ■ No. 234 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଆକ୍ରମଣକୁ ପୂରିଲା ୨୦ ବର୍ଷ



ନୂଆଦିଲ୍ଲୀ,୧୧/୦୯: ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣକୁ ପୂରିଛି ୨୦ ବର୍ଷ । ୨୦୦୧ ମସିହାରେ ଘଟିଥିଲା ଆମେରିକା ଇତିହାସରେ ସବୁଠାରୁ ବଡ ଆତଙ୍କବାଦୀ ଆକ୍ରମଣ । ଏଥିପାଇଁ ଆତଙ୍କବାଦୀ ସଂଗଠନ ଅଲକାଏଦାକୁ ଦାୟୀ କରିଥିଲା ଆମେରିକା । ଏହାକୁ ନିପାତ କରିବାକୁ ଆଫଗାନିସ୍ତାନରେ ପାଦ ରଖିଥିଲା ଆମେରିକା ସେନା । ଆରମ୍ଭ ହୋଇଥିଲା ଅଲକାଏଦାକୁ ନିପାତ ମିଶନ । ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିଲା ଆମେରିକାର ନ୍ୟୁୟର୍କ ସିଟିରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର । କିନ୍ତୁ ଆମେରିକା ଗୁଇନ୍ଦା ଏହାର ଟେର ବି ପାଇନଥିଲା । ୨୦୦୧ ମସିହା ସେପ୍ଟେମ୍ବର ୧୧ ତାରିଖ, ସଂଧ୍ୟା ୬ଟା ୧୬ ମିନିଟ୍ ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ୧୧୦ ମହଲା ବିଶିଷ୍ଟ ଉତର ଟାୱାରର ୮୦ ତମ ମହଲାରେ ଧକ୍କା ହେଲା ଆମେରିକୀୟ ବୋଇଂ ବିମାନ ୭୬୭ । ପ୍ରାୟ ୨୦ ହଜାର ଗ୍ୟାଲନ ଗ୍ୟାସୋଲିନ୍ ଥିଲା ବିମାନରେ । ନର୍ଥ ଟାୱାରରେ ଧକ୍କା ହେବା ପରେ ପୁରା ଖେଳି ଯାଇଥିଲା ଆତଙ୍କ । ଠିକ୍ ଏହାର ୧୮ ମିନିଟ୍ ପରେ ଆଉ ଏକ ଆମେରିକୀୟ ବିମାନ ଧକ୍କା ହେଲା ଦକ୍ଷିଣ ଟାୱାରରେ । ଲଗାତର ଦୁଇଟି ବିମାନ ଆକ୍ରମଣରେ ଭୁଷୁଡି ପଡିଲା ବିଶ୍ୱ ବାଣିଜ୍ୟ କେନ୍ଦ୍ରର ବିଶାଳ ଆକାଶ ଛୁଆଁ ଟାୱାର । ୩ ହଜାର ଲୋକ ଜୀବନ ହରାଇଲେ, ୬ ହଜାରରୁ ଅଧିକ ଆହତ ହେଲେ । ବିଶ୍ୱ ବାଣିଜ୍ୟ କେନ୍ଦ୍ର ଆକ୍ରମଣର ଠିକ୍ ୧୫ ମିନିଟ୍ ପରେ ପେଂଟାଗନରେ ଆମେରିକା ପ୍ରତିରକ୍ଷା ବିଭାଗ କୋଠା ଉପରେ ମାଡ ହେଲା ଆଉ ଏକ ବିମାନ । ଏହି ସମସ୍ତ ବିମାନ ଧକ୍କା ସ୍ପଷ୍ଟ କରି ଦେଇଥିଲା ଆମେରିକା ଆସିଯାଇଛି ଆତଙ୍କବାଦୀଙ୍କ ଆକ୍ରମଣର ଟାର୍ଗେଟକୁ । ଅନୁସନ୍ଧାନରୁ ଜଣା ପଡିଲା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଆକ୍ରମଣ ପଛରେ ଅଛି ଆତଙ୍କି ସଂଗଠନ ଅଲକାଏଦା । ମଧ୍ୟ ପ୍ରାଚ୍ୟରେ ଆମେରିକାର ସେନା ମୁତୟନ କରିଥିଲା । ଏହା ସହିତ ଇସ୍ରାଏଲକୁ ଖୋଲା ସମର୍ଥନ ଦେଇଥିଲା । ଏହାକୁ ନେଇ ଆମେରିକା ଉପରେ ଅସନ୍ତୁଷ୍ଟ ଥିଲେ ଆତଙ୍କୀ ସଂଗଠନ । ପ୍ରାୟ ୧୯ଟି ଆତଙ୍କୀ ସଂଗଠନର ସହାୟତାରେ ଆମେରିକା ୪ଟି ବିମାନ ଅପହରଣ କରି ଅଲକାଏଦା । ଏଇଟି ହୋଇଥିଲା ୯/୧୧ଆକ୍ରମଣ ଯୋଜନା । ଯାହା ପଛରେ ମୁଖ୍ୟ ମାଷ୍ଟରମାଇଁଣ୍ଡ ଥିଲା ଓସମା ବିନ୍ ଲାଡେନ । ବିଶ୍ୱ ବାଣିଜ୍ୟ କେନ୍ଦ୍ର ଓ ପେଂଟାଗନ ଆକ୍ରମଣ ପଛରେ ରହିଥିଲା ଅଲକାଏଦାର ହାତ । ସେତେବେଳେ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶଙ୍କୁ ଆତଙ୍କ ବିରୋଧରେ ଯୁଦ୍ଧ ଅଭିଜାନ ଆରମ୍ଭ କଲା । ଅଲକାଏଦାର ଚରାଭୂଇଁ ଥିଲା ▶▶ପୃଷ୍ଠା ୭

## ମୂର୍ତ୍ତି ଛୋଟ ହେବା ଅର୍ଥ ପୂଜାରେ ବିଘ୍ନ : ଭର୍ତ୍ତୃହରି



ଭୁବନେଶ୍ୱର,୧୧/୦୯(ନି.ପ୍ର): ଦୂର୍ଗା ମୂର୍ତ୍ତିର ଉଚ୍ଚତା ନ ବଢିବା ନେଇ ନିଆଁରେ ଘିଅ ଢାଳିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ । ସେ କହିଛନ୍ତି, ମୂର୍ତ୍ତି ଉଚ୍ଚତା ନ ବଢିବା ଅର୍ଥ ପୂଜାରେ ବିଘ୍ନ ହେବା । କଟକ ଶାନ୍ତି କମିଟି ବୈଠକରେ ଏପରି କହି ନିଆଁରେ ଘିଅ ଢାଳିଛନ୍ତି କଟକ ସାଂସଦ । ମହାରାଷ୍ଟ୍ର ଓ କୋଲକାତାରେ ମୂର୍ତ୍ତିର ଉଚ୍ଚତା କମ୍ ହୋଇନଥିବା କହି ଉଦାହରଣ ଦେଇଛନ୍ତି ସାଂସଦ । ତେଣୁ କଟକଣା କୋହଳ ପାଇଁ ସରକାରଙ୍କୁ ପୁଣି ନିବେଦନ କରାଯାଉ ବୋଲି ସାଂସଦ କହିଛନ୍ତି । ନିକଟରେ ମୂର୍ତ୍ତିର ଉଚ୍ଚତା ବଢାଇବା ପାଇଁ ବିଭିନ୍ନ ସଂଗଠନ ଦାବି କରିଥିଲେ । ଏହାପରେ ଗତକାଲି ଏସଆରସି ପକ୍ଷରୁ କୁହାଯାଇଥିଲା କରୋନାର ତୃତୀୟ ଲହରକୁ ଆଖି ଆଗରେ ରଖି ରାଜ୍ୟ ସରକାର ପାର୍ବଣ ପାଇଁ କୌଣସି କଟକଣାରେ କୋହଳ କରିବେ ନାହିଁ । ତେଣୁ ଅଗଷ୍ଟ ୯ରେ ସରକାର ଜାରି କରିଥିବା ଗାଇଡଲାଇନ ବଳବତ୍ତର ରଖିଛନ୍ତି । ଅନ୍ୟପଟେ ଆଜି କଟକରେ ଦୁର୍ଗାମୂର୍ତ୍ତି ଉଚ୍ଚତା ବଢିବା ନେଇ ବସିଥିବା କଟକ ଶାନ୍ତି କମିଟି ବୈଠକରେ ଅଶାନ୍ତି ଦେଖାଦେଇଛି । ବୈଠକରେ ପ୍ରବଳ ହୋ ହଲ୍ଲା ଓ ନାରାବାଜୀ ହୋଇଛି । ମୂର୍ତ୍ତି ଉଚ୍ଚତା ନ ବଢିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରି ପୂଜା କମିଟିର କିଛି କର୍ମକର୍ତ୍ତା ଏଭଳି ହୋ ହଲ୍ଲା କରିଛନ୍ତି । ପରିସ୍ଥିତିକୁ ଶାନ୍ତ କରିବା ପାଇଁ ହୋ ହଲ୍ଲା କରୁଥିବା କର୍ମକର୍ତ୍ତାଙ୍କୁ ସଭାସ୍ଥଳ ବାହାରକୁ ନିଆଯିବା ପରେ ପରିସ୍ଥିତି ଶାନ୍ତ ପଡିଛି ।

## ସ୍ନେହ ଏବଂ ସଦିଚ୍ଛାର ଅନନ୍ୟ ପରମ୍ପରା ନୂଆଁଖାଇ : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୧/୦୯ (ନି.ପ୍ର): ପବିତ୍ର 'ନୂଆଁଖାଇ' ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମବୀ ଧର୍ମେନ୍ଦ୍ର ପ୍ରଧାନ ପ୧/୨ିମ ଓଡ଼ିଶାବାସୀଙ୍କୁ ଭିଡ଼ିଓ ବାର୍ତା ଜରିଆରେ 'ନୂଆଁଖାଇ'ର ଅଭିନନ୍ଦନ ଜଣାଇଛନ୍ତି । ପ୧/୨ିମ ଓଡିଶାର ଆରଧ୍ୟା ଦେବୀ ମାଁ ସମ୍ଲେଇଙ୍କ ଆଶୀର୍ବାଦରେ ମହାନ ପର୍ବ 'ନୂଆଁଖାଇ' ସମସ୍ତଙ୍କ ଜୀବନରେ ଓ ପରିବାରରେ ଖୁସି, ଆନନ୍ଦ ଓ ଉଲ୍ଲାସ ଆଣିଦେବା ନେଇ ଶ୍ରୀ ପ୍ରଧାନ କାମନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ଚାଷଭିତିକ ଏକ ସାମାଜିକ ତଥା ସାଂସ୍କୃତିକ ଗଣପର୍ବ । ଇଷ୍ଟଦେବାଦେବୀ, ମାଁ-ମାଟିକୁ କୃତଜ୍ଞତା ଏବଂ ପରିବାରରେ ସ୍ନେହ, ସଦିଚ୍ଛା ଏବଂ ସ୧ାନ ଆଦାନ ପ୍ରଦାନ ସହ ଜୀବନକୁ ସୁଖମୟ କରିବାର ଏକ ମହାନ ଏବଂ ଅନନ୍ୟ ପରମ୍ପରା ହେଉଛି ନୂଆଁଖାଇ । ▶▶ପୃଷ୍ଠା ୭

## ଓଡ଼ିଶା ସୀମାନ୍ତ ମାଣିକପାଟଣାରେ ଡେରା ପକାଇଛନ୍ତି ଆନ୍ଧ୍ର ଅଧିକାରୀ : ଉତ୍ତେଜନା ଜାରି

ଭୁବନେଶ୍ୱର,୧୧/୦୯(ନି.ପ୍ର): ପୁଣିଥରେ ଆନ୍ଧ୍ରର ଗୁଣ୍ଡାରାଜ । ଗତକାଲି ଗଙ୍ଗାବାଡ଼ ପଂଚାୟତର ମାଣିକପାଟଣା ଗାଁରେ ଆନ୍ଧ୍ର ନିଜର ଗୁଣ୍ଡାରାଜ ଓ ଶକ୍ତି ପ୍ରଦର୍ଶନ କରିଛି । ଅଂଚଳର ଶାନ୍ତି ଫେରାଇ ଆଣିବାକୁ ଓ ସୀମା ବିବାଦର ସମସ୍ୟା ପାଇଁ ନିବେଦନ କରିଛନ୍ତି ଅଂଚଳବାସୀ । ସେପଟେ ଆନ୍ଧ୍ର ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଶିର୍ଦିର ଆପ୍ପାଲାଜୁ ଓ ତାଙ୍କ ସମର୍ଥକଙ୍କ ଅଶ୍ଳୀଳୀନ ଆଚରଣକୁ ଦୃଢ଼ ନିନ୍ଦା କରିଛନ୍ତି । ବାରମ୍ବାର ଅନୁରୋଧ ସତ୍ତ୍ୱେ ମଧ ଆନ୍ଧ୍ରର ଗୁଣ୍ଡାରାଜ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପକୁ ସମସ୍ତଙ୍କ ନଜର । ଆନ୍ଧ୍ର ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଥିଲେ ଚାରି ପ୍ଲାଟୁନ୍ ? ସଶସ୍ତ୍ର ପୁଲିସ ଏବଂ ମାଳମାଳ ସରକାରୀ ଅଧିକାରୀ । ସେଠାରେ ଉପସ୍ଥିତ ଥିବା ଗଜପତି ଅତିରିକ୍ତ ଜିଲ୍ଲାପାଳ ସମ୍ବଗ୍ରାମ ଶେଖର ପଣ୍ଡାଙ୍କୁ ସର୍ବସାଧାରଣରେ ତମେ କିଏ, କୁଆଡ଼େ ଆସିଛ, ଅର୍ଡ଼ର କପି, ମ୍ୟାପ୍ କାହିଁ ବୋଲି ତାଗିଦ୍ କରିଥିଲେ ଓ ଓଡ଼ିଶା ସରକାରଙ୍କ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ରକୁ ମାଟିରେ ମିଶାଇ ଦେବାକୁ ଧମକ ଦେଇଥିଲେ । ପାଖରେ ଥିବା ଆନ୍ଧ୍ର ପୁଲିସ ଡିଏସ୍‌ପିଙ୍କୁ ଡାକି ମାମଲା ରୁଜୁ କରି ଗିରଫ କର ବୋଲି ନିର୍ଦ୍ଦେଶ ଦେବାର ନାଟକବାଜି ମଧ କଲେ । ଧମକାଇଲେ, ଏ ଜମି ଆମର, ଓଡ଼ିଶା ସରକାର ମିଛ କହୁଛନ୍ତି । ଜଣେ ମନ୍ତ୍ରୀ ଭାବେ ଗଜପତି ଅତିରିକ୍ତ ଜିଲ୍ଲାପାଳଙ୍କୁ ଏପରି ଧମକ ଦେବା ଓ ଦୁର୍ବ୍ୟବହାର କରିବା କେତେଦୂର ଯଥାର୍ଥ ଥିଲା, ଏବେ ରାଜ୍ୟ ସରକାର କଠୋର ହୁଅନ୍ତୁ ବୋଲି ପଞ୍ଚାୟତବାସୀ, ଜନପ୍ରତିନିଧି ମତ ଦେଇଛନ୍ତି । ମାଣିକପାଟଣା ଗ୍ରାମରେ ୪୪ ପରିବାର ବାସ କରନ୍ତି ଏବଂ ଗ୍ରାମଟି ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ସୀମା ମଧ୍ୟରେ । ବିଗତ ପ୍ରାୟ ୧୨ ବର୍ଷ ହେଲା ଏହି ଗ୍ରାମକୁ ଆନ୍ଧ୍ର ପ୍ରଶାସନ ଦଖଲ କରିବାକୁ ନାନା ଉଦ୍ୟମ, ହିଂସା ଘଟାଇ ଚାଲିଛି । ଓଡ଼ିଶା ସରକାର ସୁରକ୍ଷା ଦେଇପାରୁ ନାହାନ୍ତି । ▶▶ପୃଷ୍ଠା ୭

## ଇସ୍ତଫା ଦେଲେ ଗୁଜରାଟ ମୁଖ୍ୟମନ୍ତ୍ରୀ



ଗାନ୍ଧୀନଗର,୧୧/୦୯ (ନି.ପ୍ର): ଗୁଜରାଟର ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀ ଇସ୍ତଫା ଦେଇଛନ୍ତି । ଇସ୍ତଫା ଦେବାପରେ ସେ ସାମ୍ବାଦିକମାନଙ୍କ ସହିତ କଥାବାର୍ତା କରି କହିଛନ୍ତି ଯେ ପାର୍ଟିରେ ସମୟ ସହିତ ଦାୟିତ୍ୱ ବଦଳୁଥାଏ । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ । ମତେ ୫ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ମିଳିଛି, ଏହା ବହୁତ ବଡ଼ କଥା ଅଟେ । ରୂପାଣୀ କହିଛନ୍ତି ଯେ ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କ ମଧ ମାର୍ଗଦର୍ଶନ ମୋ ପାଇଁ ଅଭୂତପୂର୍ବ ଅଟେ । ଏବେ ମତେ ଯେଉଁ ଦାୟିତ୍ୱ ମିଳିବ, ମୁଁ ତାହାକୁ ନିର୍ବାହ କରିବି । ଆମେ ପ୍ରଦେଶର ନିର୍ବାଚନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗୁବାଇରେ ଲଢୁଛନ୍ତି ଏବଂ ୨୦୨୨ର ନିର୍ବାଚନ ମଧ ତାଙ୍କର ଅଗୁବାଇରେ ଲଢ଼ାଯିବ । ଉଲ୍ଲେଖନୀୟ ଯେ ରୂପାଣୀ ୨୬ ଡିସେମ୍ବର, ୨୦୧୭କୁ ଦ୍ୱିତୀୟ ଥର ଗୁଜୁରାଟର ମୁଖ୍ୟମନ୍ତ୍ରୀ ପଦର ଶପଥ ନେଇଥିଲେ । ବିଜେପି ଗୁଜୁରାଟରେ ୧୮୨ ସିଟ୍‌ରୁ ୯୯ ସିଟ୍ ଜିତି ବହୁମତ ହାସିଲ କରିଥିଲେ । ବିଧାନମଣ୍ଡଳ ଦଳର ବୈଠକରେ ରୂପାଣୀକୁ ବିଧାୟକ ଦଳର ନେତା ଏବଂ ନିତିନ ପଟେଲଙ୍କୁ ଉପନେତା ନିର୍ବାଚିତ କରାଯାଇଥିଲା ।

## ମୁମ୍ବାଇରେ ନିର୍ଭୟା କାଣ୍ଡର ପୁନରାବୃତ୍ତି

ନୂଆଦିଲ୍ଲୀ,୧୧/୦୯: ଦିଲ୍ଲୀ ନିର୍ଭୟା ଭଳି ମୁମ୍ବାଇରେ ଘଟିଛି ଲୋମାଟାଙ୍କୁରା କାଣ୍ଡ । ଦୁଷ୍କର୍ମ ପରେ ପୀଡିତାଙ୍କ ସମ୍ବେଦନଶୀଳ ଅଙ୍ଗରେ ଲୁହା ରଡ୍ ଭର୍ତି କରି ଦେଇଛନ୍ତି ଦୁଷ୍କର୍ମକାରୀ । ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ରହିଛି । ହସ୍ପିଟାଲରେ ଚିକିତ୍ସା ଚାଲିଛି । ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ସାକିନାକା ଅଂଚଳର ଖୈରାନୀ ରୋଡରେ ଏହି ବର୍ବର କାଣ୍ଡ ଘଟାଇଛନ୍ତି ଦୁର୍ବୃତ୍ତ । ଜଣେ ୩୨ ବର୍ଷିୟା ମହିଳା ଏହାର ଶିକାର ହୋଇଛନ୍ତି । ମୁମ୍ବାଇ ପୋଲିସର ସୂଚନା ଅନୁସାରେ ଗତକାଲି ଭୋର ସାଢ଼େ ତିନିଟା ସମୟରେ ଏକ କଲ ଆସିଥିଲା । ଖୈରାନୀ ରୋଡରେ ମହିଳା ଜଣଙ୍କ ରକ୍ତ ଜୁଡୁବୁଡୁ ହୋଇ ଅଚେତ୍ ଅବସ୍ଥାରେ ପଡିଥିଲେ । ପୋଲିସ ଘଟଣାସ୍ଥଳରେ ପହଁଚି, ପୀଡିତାଙ୍କୁ ଉଦ୍ଧାର କରି ଘଟକୋପର ରାଜୱାଡି ଡାକ୍ତରଖାନାରେ ଭର୍ତି କରିଥିଲେ । ଆଇପିସି ଧାରା ୩୭୬ ଅର୍ଥାତ ଦୁଷ୍କର୍ମ, ଏବଂ ଧାରା ୩୦୭ ଅର୍ଥାତ ହତ୍ୟା ଉଦ୍ୟମରେ ମାମଲା ରୁଜୁ କରି ତଦନ୍ତ କରୁଛି ପୋଲିସ । ଏଭଳି ନୃଶଂସ କାଣ୍ଡ ପାଇଁ ଜଣଙ୍କୁ ଗିରଫ କରିଛି ପୋଲିସ । ଘଟଣାସ୍ଥଳଠାରୁ କିଛି ଦୂରରେ ଥିବା ଜଣେ ୱାଚମ୍ୟାନଙ୍କ ସୂଚନା ଅନୁସାରେ ମୋହନ ଚୌହ୍ୱାନ ନାମକ ଜଣେ ୪୫ ବର୍ଷୀୟ ଫୁଟପାତରେ ରହୁଥିବା ଏହି ମହିଳାଙ୍କୁ ଏକ ଅଟୋ ଭିତରକୁ ଟାଣି ନେଇ ଦୁଷ୍କର୍ମ କରିଥିଲେ । ଏବଂ ମାଡ ମାରୁଥିବା ମଧ ଦେଖିଥିଲେ । ଏହା ପରେ ୱାଚମ୍ୟାନ ଜଣଙ୍କ ପୋଲିସକୁ ତୁରନ୍ତ ସୂଚନା ଦେଇଥିଲେ । କିନ୍ତୁ କାଣ୍ଡ ଘଟାଇବା ପରେ ମନୋଜ ଫେରାର ହୋଇଯାଇଥିଲା । ସିସିଟିଭି ଫୁଟେଜକୁ ଆଧାର କରି କୁର୍ଲା ଅଂଚଳରୁ ତାକୁ ଗିରଫ କରାଯାଇଛି ।

## ଓଡ଼ିଶା ହାଇକୋର୍ଟରେ ଇ-ଫାଇଲିଂ ଷ୍ଟେସନ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଓଡ଼ିଶାର ଆଡ୍‌ଭୋକେଟ୍ ଏବଂ ନ୍ୟାୟାଳୟର ଅଧିକାରୀମାନଙ୍କର ସୁବିଧା ନିମନ୍ତେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ତଥା ଇ-କମିଟିର ଅଧକ୍ଷ ଜଷ୍ଟିସ୍ ଡକ୍ଟର ଡି. ୱାଇ. ଚନ୍ଦ୍ରଚୂଡ଼ ୫ଟି ଇ-ସେବାର ଉନ୍ମୋଚନ କରିଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଷ୍ଟିସ୍ ଡକ୍ଟର ଏସ୍. ମୁରଲୀଧର ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ବିଭିନ୍ନ ଇ-ସେବା କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ଉଦ୍‌ଘାଟିତ ହୋଇଥିବା ଇ-ସେବା କାର୍ଯ୍ୟ ମଧ୍ୟରେ ଅଛି ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ୍‌ର ଓକିଲମାନଙ୍କ ପାଇଁ ଇ-ଫାଇଲିଂ ଷ୍ଟେସନ୍/ ଓଡ଼ିଶା ହାଇକୋର୍ଟ ରେକର୍ଡରୁମ୍ ଡିଜିଟାଇଜେସନ୍ କେନ୍ଦ୍ର/ଓଡ଼ିଶା ହାଇକୋର୍ଟରେ ପେପରଲେସ୍ ବେଂଚ ପ୍ରତିଷ୍ଠା/ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କୋର୍ଟ କାର୍ଯ୍ୟକ୍ରମକୁ କରାଯିବା ପାଇଁ ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ, କଟକରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ/ କଟକ ଜିଲ୍ଲା ବାର୍ ଆସୋସିଏସନ୍ ର ଓକିଲମାନଙ୍କର ଜିଲ୍ଲା କୋର୍ଟର ଇ-ଫାଇଲିଂ, ଇ-ପେମେଂଟ ଏବଂ ▶▶ପୃଷ୍ଠା ୭

## ଡବଲ୍ ଡୋଜ୍ ଟିକା ପରେ ବି ୨୦% ଲୋକଙ୍କ ଦେହରେ ହୋଇନି ଆଂଟିବଡି

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଡବଲ୍ ଡୋଜ୍ ଟିକା ନେଲା ପରେ ବି ୨୦ ପ୍ରତିଶତ ଲୋକଙ୍କ ଦେହରେ ଆଂଟିବଡି ସୃଷ୍ଟି ହେଉନି । ଡବଲ ଡୋଜ ପରେ ବୁଷ୍ଟର କି ତୃତୀୟ ଡୋଜ ଦେବା ନେଇ ଅନୁଧ୍ୟାନ ଚାଲିଛି । ତେବେ ସମାନ କମ୍ପାନିର କିମ୍ବା ଅନ୍ୟ କମ୍ପାନିର ଡୋଜ ଦିଆଯିବ, ଏହାକୁ ନେଇ ବିଶ୍ଳେଷଣ କରାଯାଉଛି । ଖୁବଶୀଘ୍ର ଭାରତ ସରକାର ଏ ସମ୍ପର୍କରେ ଘୋଷଣା କରିବେ ବୋଲି ଆଇଏଲ୍ ଏସ୍ ନିର୍ଦ୍ଦେଶକ ଡକ୍ଟର ଅଜୟ ପରିଡ଼ା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଅଗଷ୍ଟରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ଭିତରେ ରାଜ୍ୟର ୬ଶହ ସାମ୍ପଲକୁ ଜେନମ ସିକ୍ୱେନ୍ସିଂ କରାଯାଇଥିଲା । ସେଥିରୁ ୪୨୫ ଡେ଼ଲ୍ଟା ଭାରିଏଂଟ ବାହାରିଥିଲା, ବାକି ସାମ୍ପଲ ଅନ୍ୟ ଭାରିଏଂଟର । ତେବେ କୌଣସି ନୂଆ ମ୍ୟୁଟେସନ ଚିହ୍ନଟ ହୋଇନି । ଅଧିକ ସାମ୍ପଲର ଜେନମ ସିକ୍ୱେନ୍ସିଂରେ ଓଡ଼ିଶା ଦେଶରେ ୪ ନମ୍ବର । ଜାନୁଆରିରୁ ବର୍ତମାନ ସୁଦ୍ଧା ଓଡ଼ିଶାର ୬ ହଜାର ସାମ୍ପଲ ଜେନାମ ସିକ୍ୱେନ୍ସିଂ ହୋଇଛି । ଆଇଏଲ୍ ଏସ୍ ନିର୍ଦ୍ଦେଶକ ଆହୁରି ମଧ କହିଛନ୍ତି, ପାର୍ବଣରେ ଲୋକଙ୍କ ସମାଗମ ପୁଣିଥରେ ସଂକ୍ରମଣ ବଢାଇପାରେ । କେରଳର ଓନମ ପର୍ବ ଏହାର ଏକ ବଡ଼ ଉଦାହରଣ । ଏଣୁ ନୂଆଖାଇ ଠାରୁ କାଳୀପୂଜା ଯାଏ ଆମକୁ ଜଗିରଖି ଚଳିବାକୁ ହେବ । ଓଡ଼ିଶାର ପରିସ୍ଥିତି ଏବେ ବହୁତ ଭଲ ଅଛି । ପଜିଟିଭ ସଂଖ୍ୟା ୬୦୦ ରୁ ୭୦୦ ଭିତରେ ରହୁଛି । ତା ଅର୍ଥ ନୁହେଁ ଆମେ ସଂକ୍ରମଣକୁ ନିୟନ୍ତ୍ରଣରେ ରଖିଛନ୍ତି । କେରଳ ଏବଂ ▶▶ପୃଷ୍ଠା ୭

## ଡ.ରମାକାନ୍ତ ବେହେରାଙ୍କ ଆତ୍ମଜୀବନୀ ଓ ଉପନ୍ୟାସ ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର,୧୧/୦୯ (ନି.ପ୍ର): ଆଜି ସୁବର୍ଣ୍ଣଶ୍ରୀ ପ୍ରକାଶନି ଦ୍ୱାରା ହୋଟେଲ କଳିଙ୍ଗ ପରିସରରେ ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ଗବେଷକ କବି ଓ ଔପନ୍ୟାସିକ ଡ. ରମାକାନ୍ତ ବେହେରାଙ୍କ ଦୁଇଗୋଟି ପୁସ୍ତକ 'ସ୍ୱାତୀ ଓ ଶାମୁକା ସମ୍ବାଦ'- ଆତ୍ମଜୀବନୀ ଓ 'ଅନେକ ଇତ୍ୟାଦି ପରେ'- ଉପନ୍ୟାସ ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବରେଣ୍ୟ ଅତିଥିମାନେ ଯୋଗଦେଇ ଦୁଇ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ.ବେହେରାଙ୍କ ରଚିତ ପୁସ୍ତକ ଦ୍ୱୟର ବିଷୟ ବସ୍ତୁ ଓ ବୋଧଗମ୍ୟ ଶବ୍ଦ ସଂଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ । ଏହା ପାଠକୀୟ ଆଦୃତ ପାଇବା ନେଇ ସେ ଆଶା ପ୍ରକାଶ କରିଥିଲେ । ଶିକ୍ଷାବିତ ତଥା ବିଶିଷ୍ଟ ଗବେଷକ ଡ.ଆବିନ୍ଦ ଗିରି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ବେହେରାଙ୍କ ପୁସ୍ତକର ଉଚ୍ଚକୋଟୀର ଲିଖନ ଶୈଳୀ ଓ ଶିକ୍ଷୟଣୀୟ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ । ସମାଜ ବାଲେଶ୍ୱର ସଂସ୍କରଣ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ, 'ଧ୍ୱନି ପ୍ରତିଧ୍ୱନି'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଫକୀର ମୋହନ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରାଧ୍ୟାପକ ଡ.ଦେବାଶିଷ ପାତ୍ର ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ବେହେରାଙ୍କ ଦୁଇ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ଲଘୁଚାପ : ଆଜିଠୁ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୧/୦୯ (ନି.ପ୍ର): ପୂର୍ବ କେନ୍ଦ୍ରୀୟ ଏବଂ ଉତର-ପୂର୍ବ ବଙ୍ଗୋପସାଗରରେ ଶନିବାର ସକାଳେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଆଗାମୀ ୨-୩ ଦିନ ମଧ୍ୟରେ ପଶ୍ଚିମ-ଉତରପଶ୍ଚିମ ଦିଗରେ ଗତିକରି ଉତର ଓଡିଶା ଉତର ଛତିଶଗଡ ଅତିକ୍ରମ କରିବା ସମ୍ଭାବନା ରହିଛି । ଏହାସହ, ୪୮ଘଂଟା ମଧ୍ୟରେ ଘନୀଭୂତ ହୋଇ ଅବପାତ ରେ ପରିଣତ ହୋଇପାରେ । ଏହାର ପ୍ରଭାବରେ ଆସନ୍ତାକାଲି (ରବିବାର)ଠାରୁ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୧୨ ତାରିଖ ସକାଳ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଂଚଳରେ ପାଣି ଜମିବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇପାରେ । ▶▶ପୃଷ୍ଠା ୭

# ପୁଣି ମାତିଲେ ରାଜପଥ ଲୁଟେରା : କୋରିଅର ଗାଡ଼ିର ଡ୍ରାଇଭର କାନ କାଟି ମୋବାଇଲ ଓ ଚାବି ଲୁଟିନେଲେ

ଖୋର୍ଦ୍ଧା,୧୧/୯ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ବାଣପୁର-ବାଲୁଗାଁ ବାଇପାସରେ ପୁଣିଥରେ ଲୁଟେରା ମାତିଛନ୍ତି । ଗତକାଲି ବିଳମ୍ବିତ ରାତିରେ ଏହି ଲୁଟେରାମାନେ କୋରିଅର ଗାଡିର ଡ୍ରାଇଭର କାନ କାଟି ମୋବାଇଲ ଓ ଗାଡ଼ି ଚାବି ଲୁଟି ନେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି ।
ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ କଟକରୁ ଫ୍ଲିପକାର୍ଟ କୋରିଅର ଜିନିଷ ନେଇ ଡ୍ରାଇଭର ପ୍ରଦୀପ ସାହୁ ପିକଅପ୍ ଭ୍ୟାନ୍ ଗାଡ଼ିରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ହେଲେ ବ୍ରହ୍ମପୁରରୁ ୧୩ ଗୋଟି ଫେରସ୍ତ ପାର୍ସଲ ଧରି କଟକ ଫେରୁଥିବା ବେଳେ ବାଣପୁର ବାଇପାସ ମଠପାଟଣା ଛକଠାରେ ଦୁଇ ଜଣ ଯୁବକ ପ୍ରଦୀପଙ୍କୁ ଲିଫ୍ଟ ମାଗିଥିଲେ। ପ୍ରଦୀପ ଗାଡ଼ି ଅଟକାଇବାରୁ ଛପି ରହିଥିବା ଅନ୍ୟ ତିନି ଜଣ ଯୁବକ ଏକତ୍ର ହୋଇ ୫ ଜଣ ଯୁବକ ପ୍ରଦୀପଙ୍କୁ ଅତର୍କିତ ଆକ୍ରମଣ କରଥିଲେ । ଏପରିକି ଛୁରାରେ ତାଙ୍କ କାନ କାଟିଦେବା ସହ ଛାତିରେ ଆକ୍ରମଣ କରି ତାଙ୍କ ଗାଡ଼ି ଚାବି ଓ ମୋବାଇଲ ନେଇ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ । ତେବେ ସ୍ଥାନୀୟ କିଛି ଯୁବକ ପ୍ରଦୀପଙ୍କୁ ଉଦ୍ଧାର କରିଛନ୍ତି । ଏ ନେଇ ବାଲୁଗାଁ ଏସଡ଼ିପିଓ ଖବର ପାଇ ବାଣପୁର ପୋଲିସ ଓ ନାଭାଲ ଫାଣ୍ଡି ପୋଲିସକୁ ଘଟଣାସ୍ଥଳକୁ ପଠାଇଥିଲେ । ଲୁଟ୍ ରେ ସମ୍ପୃକ୍ତ ଦୁଇ ଯୁବକଙ୍କୁ ପୋଲିସ ଓଭରବ୍ରିଜ ଉପରୁ କାବୁ କରି ଅଟକ ରଖି ପଚରାଉଚରା କରୁଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଜଣ ଲୁଟେରା ଫେରାର ହୋଇଯାଇଛନ୍ତି ।

# ଆରକ୍ଷଣ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜିତ

ରାଇରଙ୍ଗପୁର,୧୧/୯ (ନି.ପ୍ର): ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ 'ସେବାସ୍ତମ୍ଭ' ମୟୁରଭଞ୍ଜ ଜିଲ୍ଲା ଶାଖା ରାଇରଙ୍ଗପୁର ତରଫରୁ ଆରକ୍ଷଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଉପଦେଷ୍ଟା ମୋଚିରାମ ମାଝୀଙ୍କ ମାର୍ଗଦର୍ଶନ ଓ ଜିଲ୍ଲା ସଭାପତି ଜଗତ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅନେକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ଭାରତ ରତ୍ନ ସଂବିଧାନ ପ୍ରଣେତା ଡାକ୍ତର ଭୀମ ରାଓ ଆମ୍ବେଦକର ଫୋଟୋ ଚିତ୍ରରେ ଧୂପଦୀପ ପୁଷ୍ପାଞ୍ଜଳୀ ପ୍ରଦାନ କରିବା ସହିତ ଏହି ମହାସଂଘର ବାଏ-ଲ ଉପରେ ମୋଚିରାମ ମାଝୀ ଆଲୋକପାତ କରିଥିଲେ । ସଭାପତି ଜଗତ ମାଝୀ ସ୍ୱାଗତ ସମ୍ଭାଷଣ ଉପସ୍ଥାପନ କରିବା ସହିତ ସଭା ପରିଚାଳନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଆରକ୍ଷଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯାହାକୁ ରାଷ୍ଟ୍ରୀୟ ସମ୍ପାଦକ ବିଜୟ କୁମାର ରାମ ଉଦଘାଟନ କରି ରାଷ୍ଟ୍ରୀୟ ସ୍ତରରେ ଆରକ୍ଷଣ ରକ୍ଷାରେ ସେବାସ୍ତମ୍ଭର ଭୂମିକା ସମ୍ପର୍କରେ ଚର୍ଚ୍ଚା କରିଥିଲେ ଏବଂ ଭବିଷ୍ୟତରେ ସର୍ବ ସାଧାରଣ ପାଇଁ ଏହି ପ୍ରକାରର କର୍ମଶାଳା ଆୟୋଜନ ପାଇଁ ପ୍ରସ୍ତାବ ଦେଇଥିଲେ । ଅନେକ କର୍ମଚାରୀ ମାନେ ତାଙ୍କ ଅସୁବିଧା ସମ୍ପର୍କରେ କହିଥିଲେ ଏବଂ ମୋଚିରାମ ମାଝୀ, ଉପସଭାପତି ପ୍ରଦୀପ ହେମ୍ବ୍ରମ, ଗୋପାଳ ମହାନ୍ତି , ମୋଅଜ୍ଜର ହୁସେନ ସମାଧାନର ବାଟ ବାହାର କରି ଥିଲେ । ଜିଲ୍ଲା ସମ୍ପାଦକ ବାଜଲ ମୁର୍ମୁ ଜିଲ୍ଲା ସ୍ତରରେ ଆରକ୍ଷଣର ସଠିକ୍ ସମୀକରଣ ଉପରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡା. ସାଗେରାମ ଟୁଡୁ, ଧନଞ୍ଜୟ ମାରାଣ୍ଡି, ରବିନ୍ଦ୍ର ମୁଖୀ, ବିଭୁତି ଭୂଷଣ ପାତ୍ର, ଲକ୍ଷ୍ମଣ ଟୁଡୁ, ଦୀନବନ୍ଧୁ ଗିରି, ମେଘନାଥ ଶାହ ଓ ସେବାସ୍ତମ୍ଭର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ନୂତନ ଆରକ୍ଷଣ ଉପରେ ପ୍ରଶ୍ନୋତ୍ତର କରିଥିଲେ ।

# ଗଜେଶ୍ୱର ହାଇସ୍କୁଲ ନିକଟରେ କରାଯାଉ ଖେଳ ପଡିଆ : ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା,୧୧/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଦେଉଳିପଡା ର ଗଜେଶ୍ୱର ସରାକରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆ ହାଇସ୍କୁଲ ନିକଟରେ କରିବା ପାଇଁ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ମୁତାବକ ହାଇସ୍କୁଲ ନିକଟରେ ଖେଳ ପଡିଆ ନିର୍ମାଣ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ପଂଚାୟତ ରାଜ ପାନୀୟ ଜଳ ବିଭାଗ ତିନି ତିନୋଟି ନିର୍ଦ୍ଦେଶନାମା ଚିଠି ଦେଇଥିବା ବେଳେ ସ୍କୁଲ ଠାରୁ ପ୍ରାୟ ୨ କିମି ଦୂର ଗୋଚର ଜମିରେ ଖେଳ ପଡିଆ ନିର୍ମାଣ କରାଯାଉଛି । ଯାହାକି ସଂପୂର୍ଣ୍ଣ ଆଇନ ବିରୁଧ ଓ ଉଦ୍ଦେଶ୍ୟ ପ୍ରଣୋଦିତ । କେତେକ ଗ୍ରାମାବସୀ ମାନେ ଏହି ନିର୍ମାଣକୁ ବିରୋଧ କରି ସ୍କୁଲ ନିକଟରେ ଖେଳ ପଡିଆ ନିର୍ମାଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ରାଜଗଡ ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଚୟନରେ ଟଂଚକତା

କେନ୍ଦ୍ରାପଡ଼ା,୧୧/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜଗଡ ଗ୍ରାମ ପଂଚାୟତରେ ଅଧିବାସୀ ମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଦୁର୍ନିତି ହୋଇଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ନିବେଦନ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାଇ ସ୍ଥାନୀୟ ସରପଂଚ ଓ ପଂଚାୟତ ନିର୍ବାହୀ ଅଧିକାରୀ ଚଂଚକତା କରି କୋଠାଘର ଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅଆବାସ ପ୍ରଦାନ କରିଛନ୍ତି । ସ୍ଥାନୀୟ ନିୟାମତପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ କୋଠାଘର ଥିବାବେଳେ ତାଙ୍କୁ ଆବସ ଯୋଜନା ହିତାଧିକାରୀ ଭାବେ ଗୃହ ବଣ୍ଟନ କରାଯାଇଛି ।

# ବାଘୁଆ କଳାପଥର ଖାଦାନରେ ଟ୍ରାକ୍ଟର ଓଲଟି ଡ୍ରାଇଭର ଗୁରୁତର

ଧର୍ମଶାଳା,୧୧/୯ (ନି.ପ୍ର): ଯାଜପୁର ଧର୍ମଶାଳା ତହସିଲ ଅନ୍ତର୍ଗତ ବାଘୁଆ କଳାପଥର ଖାଦାନରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ଯିବା ଫଳରେ ଗାଡିର ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଗୁରୁତର ଅବସ୍ଥାରେ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ସଂକଟାପନ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଗାଡି ଚାଳକ ଜଣକ ହେଲେ ଏହି ତହସିଲ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଅଚ୍ୟୁତ ଓଝା ବୋଲି ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ଣରେ ବାଘୁଆ ପାହାଡରୁ ବେଆଇନଭାବେ ଏକ ଟ୍ରାକ୍ଟର ବେଆଇନଭାବେ କଳାପଥର ପରିବାହନ କରୁଥିଲେ । ତେବେ ଗାଡିଟି ପାହାଡ଼ରୁ ତଳୁକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଟ୍ରାକ୍ଟର ତଳେ ଅଚ୍ୟୁତ ଚାପି ହୋଇ ରହିଯାଇଥିଲେ । ତେବେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ମେଡିକାଲକୁ ନେଇଥିଲେ । ଜେନାପୁର ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇ ଟ୍ରାକ୍ଟରକୁ ଜବତ କରିଛି ।

# ୱେବ ଚ୍ୟାନେଲ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ - ବ୍ରହ୍ମପୁର ଏସପି

ଗଞ୍ଜାମ,୧୧/୯ (ନି.ପ୍ର): ରାଜ୍ୟରେ ଗତ କିଛି ଦିନ ହେଲା ୱେବ୍ ଚ୍ୟାନେଲ ନାମରେ ଉଦ୍ଦେଶ୍ୟମୂଳକ ଖବର ପରିବେଷଣ କରି ଲୋକଙ୍କୁ ହଇରାଣ କରାଯାଉଛି । ଏହିଭଳି ବିଭିନ୍ନ ସମୟରେ ବ୍ଲାକ୍ ମେଲିଂ କରାଯାଉଥିବା ଭଳି ଅଭିଯୋଗ ହେଉଛି । ବିଭିନ୍ନ ଜିଲ୍ଲାରେ ଏଭଳି ଅଭିଯୋଗକୁ ଭିତି କରି ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି । ବ୍ରହ୍ମପୁରରେ ମଧ ଏହିଭଳି ଅଭିଯୋଗ ସାମ୍ନାକୁ ଆସିଛି । କିଛି ଲୋକ ପୋଲିସ ନିକଟରେ ଅଭିଯୋଗ କରୁଥିବା ବେଳେ ଆଉ କେତେ ଜଣ ଭୟ କରୁଛନ୍ତି । ଯଦି କୌଣସି ବ୍ୟକ୍ତି ଏଭଳି ହଇରାଣ ହେଉଛନ୍ତି । ସେମାନେ ନିର୍ଭୟରେ ପୋଲିସର ସହଯୋଗ ନିଅନ୍ତୁ । ଏହିଭଳି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବା ପାଇଁ ବ୍ରହ୍ମପୁର ସହରରେ ଥିବା ୱେବ୍ ଚ୍ୟାନେଲ ସମ୍ପର୍କରେ ସୂଚନା ସଂଗ୍ରହ କରାଯିବ । ସମ୍ପୃକ୍ତ ୱେବ୍ ଚ୍ୟାନେଲର ପ୍ରତିନିଧିଙ୍କ ତଥ୍ୟ ସଂଗ୍ରହ କରିବା ପାଇଁ ଥାନା ଅଧିକାରୀ ମାନଙ୍କୁ କୁହାଯାଇଥିବା ବ୍ରହ୍ମପୁର ଏସପି ପୀନାକ ମିଶ୍ର ସୂଚନା ଦେଇଛନ୍ତି । ତଥ୍ୟ ସଂଗ୍ରହ ପରେ ଯଦି କାହାରି ବିରୋଧରେ ବେଆଇନ କିମ୍ବା କୌଣସି ଅପରାଧିକ କାର୍ଯ୍ୟକଳାପର ପ୍ରମାଣ ମିଳିବ, ତେବେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

# ଅତିବଡ଼ୀଙ୍କ ସାଧନା ଓ ସମାଧିପୀଠ ସାତଲହଡ଼ି ମଠର ଅଧିକ ଗବେଷଣା ଓ ଉନ୍ନତି ଦାବି

ପୁରୀ,୧୧/୯ (ନି.ପ୍ର): ଭକ୍ତପ୍ରିୟ ଶ୍ରୀଜଗନ୍ନାଥ । ଭକ୍ତଙ୍କ ଡ଼ାକ ଶୁଣନ୍ତି ମହାବାହୁ । ଶ୍ରୀମନ୍ଦିରରେ ପୂର୍ବରୁ ସଂସ୍କୃତ ଭାଗବତ ପାଠ କରାଯାଉଥିଲା । ଶ୍ରୀମନ୍ଦିର ପାଖାପାଖି ରହିଛି ଅନେକ ବ୍ରାହ୍ମଣ ଶାସନ ଗ୍ରାମ । କପିଳେଶ୍ୱର ପୁର ଗ୍ରାମରୁ ଅତିବଡ଼ୀ ଜଗନ୍ନାଥଙ୍କ ଦାସଙ୍କ ମା ପ୍ରତିଦିନ ଶ୍ରୀମନ୍ଦିର ଆସି ଭାଗବତ ଶୁଣିଥାନ୍ତି । ସଂସ୍କୃତ ଭାଗବତ ବୁଝିନପାରି ପୁଅକୁ କହିଲେ ପୁଅ ସଂସ୍କୃତ ଭାଗବତକୁ ଓଡ଼ିଆରେ ଲେଖିଦିଏ । ଅତିବଡ଼ୀ ମଧ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ । ପ୍ରଭୁଙ୍କୁ ସୁମରଣା କରି ଶ୍ରୀମନ୍ଦିର ବଟବୃକ୍ଷମୂଳେ ଭାଗବତ ଲେଖିବା ଆରମ୍ଭ କଲେ । ପ୍ରଭୁ ନୃସିଂହଙ୍କୁ ସୁମରଣା କରି ତାଙ୍କ ଲେଖା ଆରମ୍ଭ କଲେ । ଜଗନ୍ନାଥଙ୍କ ସଂସ୍କୃତି ଓ ଉତ୍କଳର ଚାଲିଚଳଣକୁ ନେଇ ନବାକ୍ଷରୀ ଛନ୍ଦରେ ଓଡ଼ିଆ ଭାଗବତ ଲେଖିବା ଶେଷ ହେଲା । ମାଙ୍କ କଥାକୁ ରକ୍ଷାକରି ଏହି ଭାଗବତ ଅତିବଡ଼ି ଲେଖିଥିଲେ । ଅତିବଡ଼ି ବାସେଳି ସାହି ଓଡ଼ିଆ ମଠରେ ରହୁଥିଲେ । ପରେ ଶେଷ ସମୟରେ ସମୁଦ୍ରକୂଳରେ କୁଡ଼ିଆ ଘର କରି ପ୍ରଭୁଙ୍କୁ ଧାନ କରି ଭାଗବତ ସାଧନା କରୁଥିଲେ । ସମୁଦ୍ର ଲହଡ଼ିରେ କୁଡ଼ିଆ ଘରେ ରଖିଥିବା ପୋଥିଗୁଡ଼ିକ ସୁମଦ୍ର ପାଣିରେ ବାରମ୍ବାର ଭାସି ଯାଉଥିଲା । ଏହାଦେଖି ଅତିବଡ଼ି ପ୍ରଭୁଙ୍କୁ ସ୍ମରଣକରି ସାତଟି ଲହଡ଼ି ଘୁଞ୍ଚିଯିବା ପାଇଁ ପ୍ରାର୍ଥନା କଲେ । ଭକ୍ତଙ୍କ ଡ଼ାକ ଶୁଣି ମହାପ୍ରଭୁଙ୍କ ଶଶୁର ସାତଟି ଲହଡ଼ି ଘୁଞ୍ଚିଯାଇଥିଲା । ସେହିଦିନ ଠାରୁ ଏହି ମଠଟିର ନାମ ସାତଲହଡ଼ି ମଠ ହେଇଛି । ଅତିବଡ଼ୀଙ୍କ ମହାପ୍ରୟାଣ ଗବେଷକଙ୍କ ମତରେ ୧୫୫୦ ଖ୍ରୀଷ୍ଟାବ୍ଦରେ ହୋଇଥିବା ଜଣାପଡ଼େ । ସେତେବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା । ଏହି ପୀଠଟି କୁଡୁଆରେ ବାଲିଭର୍ତି ହୋଇ ଗୁମ୍ଫା ଆକୃତିର ହୋଇଥିବା ଜଣାପଡ଼େ । ଅତିବଡ଼ୀଙ୍କ ସେହି ଠାରେ ସମାଧି ରହିଛି । ଏହି ମଠରେ ଅତିବଡ଼ିଙ୍କ ମୂର୍ତି, ପତିତପାବନ, ରାଧାକୃଷ୍ଣ, ଶାଳଗ୍ରାମ ଓ ଭାଗବତ ବାସୁଦେବ ପୋଥି ପୂଜା କରାଯାଉଛି । ମନ୍ଦିରର ଜଗମୋହନ, ପାରାୟଣଗୃହ, ରୋଷଘର ରହିଛି । ମଠରେ ସେବାପୂଜା ପାଇଁ ବ୍ରାହ୍ମଣ ରହିଛନ୍ତି । ସକାଳୁ ମଙ୍ଗଳଆଳତି ,ବାଳଭୋଗ, ମଧାହ୍ନଧୂପ ଓ ରାତିରେ ବାଳଭୋଗ କରାଯାଇ ପହୁଡ଼ ନୀତି ହେଉଛି । ବିଭିନ୍ନ ସମୟରେ ଭାଗବତ ପାରାୟାଣ ଅନୁଷ୍ଠିତ ହୁଏ । ଭାଦ୍ରବ ଶୁକ୍ଳ ଅଷ୍ଟମୀ ତଥା ରାଧାଷ୍ଟମୀ ଦିନ ଅତିବଡ଼ୀଙ୍କ ଜନ୍ମମହୋତ୍ସବ ପାଳି ହେଉଛି । ମାଘ ଶୁକ୍ଳ ସପ୍ତମୀରେ ଅତିବଡ଼ିଙ୍କ ତିରୋଧାନ ମହୋତ୍ସବରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ ପଢୁଛନ୍ତି । ଏହି ମଠଟି ଏବେ ରାଜ୍ୟ ସରକାରଙ୍କ ଦେବୋତର ବିଭାଗ ହାତକୁ ନେଇଛି । ଅଧିକ ବଙ୍ଗୀୟ ଓ ଚୈତନ୍ୟ ଭକ୍ତ ଏହି ମଠକୁ ଆସିଥାନ୍ତି । ସାତଲହଡ଼ି ମଠରେ ବର୍ତମାନ ମୁଖ୍ୟ ତତ୍ତ୍ୱାବଧାରକ ଭାବେ ବାମଦେବ ନନ୍ଦ , ପୁରୋହିତ ଭାବେ ଗୁଣନିଧି ଦାଶ ଓ ପୂଜକ ଭାବେ ରାଜକିଶୋର ରଥ ଓ ଲିଙ୍ଗରାଜ ଶତପଥୀ କାର୍ଯ୍ୟ ସଂପାଦନ କରୁଛନ୍ତି । ପ୍ରତିଦନି ପୀଠରେ ମଧାହ୍ନଧୂପ ପୂର୍ବରୁ ହୋମ କରାଯିବା ସହ ଭାଗବତ ପାଠ କରାଯାଉଛି ।

# ନିଆରା ଢଙ୍ଗରେ ଗଣେଶ ପୂଜା : ନିମ୍ବ ଚାରା ବଣ୍ଟନ

କେନ୍ଦ୍ରାପଡ଼ା,୧୧/୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଂଚାୟତ ର ମା ବୁଢୀ ଜାଗୁଳାଇ ଆଦର୍ଶ କ୍ଲବ ପକ୍ଷରୁ ନୀଆରା ଢଙ୍ଗରେ ଗଣେଶ ପୂଜା ପାଳନ କରାଯାଇଛି । କରୋନା କଟକଣା ପାଳନ କରାଯାଇ ଗଣେଶଙ୍କ ପୂଜା ହେବା ସହ ଠାକୁରାଣୀଙ୍କ ପୀଠରେ ୧୦୦ ଟି ନିମ୍ବ ଚାରା ପୂଜା କରାଯାଇ ବଣ୍ଟନ କରାଯାଇ ଥିଲା । ଠାକୁରଙ୍କ ପୂଜା ସହିତ ପରିବେଶ ସୁରକ୍ଷା ବାର୍ତା ପ୍ରଚାର କରି ଏହି କାର୍ଯ୍ୟକ୍ରମକୁ ବିରେନ ଦାସ, ସ୍ୱାଧିନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ବିଜେପି ଯୁବ ମୋର୍ଚ୍ଚା ଉପ ସଭାପତି ଓ ସାଧାରଣ ସଂପାଦକ ନିଯୁକ୍ତି

କେନ୍ଦ୍ରାପଡ଼ା,୧୧/୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଯୁବ ମୋର୍ଚ୍ଚାର ଉପ ସଭାପତି ଓ ସଂପାଦକଙ୍କୁ ନିଯୁକ୍ତ ଦିଆଯାଇଛି । ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ଯୁବ ମୋର୍ଚ୍ଚା ସଭାପତି ବିନ୍ଦୁ ସାଗର ଦାସଙ୍କ ଦ୍ୱାରା ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ଭାବେ ଓଡିଶା ଜନ ସେବା ସଂଗଠନର ରାଜ୍ୟ ସଭାପତି ଶୋଭନ ଆଚାର୍ଯ୍ୟଙ୍କୁ ନିଯୁକ୍ତ ଦିଆଯାଇ ଥିବାବେଳେ ଏବିଭିପିର ଛାତ୍ର ନେତା ନିହାର ରଞ୍ଜନ ସ୍ୱାଇଁଙ୍କୁ ଜିଲ୍ଲା ସାଧାରଣ ସଂପାଦକ ରୂପେ ମନୋନିତ କରାଯାଇଛି । ଏହି ଯୁବ ନେତାଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରେ ଦଳ ଆହୁରି ସଂଗଠିତ ହୋଇପାରିବ ବୋଲି ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ ପ୍ରକାଶ କରିଛନ୍ତି ।

# ଭେଜିପଦରଠାରେ କମ୍ୟୁନିଟି ହଲ୍ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ଉଦ୍‌ଘାଟନ

ଭବାନୀପାଟଣା,୧୧/୯ (ନି.ପ୍ର): କଳାହାଣ୍ଡି ରାଜ୍ୟସଭା ସାଂସଦ ସୁଜିତ୍ କୁମାରଙ୍କ କରକମଳରେ ଭବାନୀପାଟଣା ବ୍ଲକ୍ ଭେଜିପଦର ଠାରେ ଆଜି ଏକ କମ୍ୟୁନିଟି ହଲ୍ ଉଦଘାଟନ ହୋଇଯାଇଛି । ଏହି ସମାରୋହରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ, ଆଦିତ୍ୟ ନନ୍ଦ, ଏସସି ସେଲ୍ ର ଜିଲ୍ଲା ସଭାପତି ପ୍ରଶାନ୍ତ ନାଏକ, ବ୍ଲକ୍ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ, ମହିଳା ମୋର୍ଚ୍ଚା ଜିଲ୍ଲା ସମ୍ପାଦିକା ଶ୍ରୀମତୀ ଲଳିତା ସାହୁ, ବରିଷ୍ଠ ନେତା ଅସେଶ୍ୱର୍ ବାଗ , ମଂଟୁ ନାଏକ, ସୁରେନ୍ଦ୍ର ପ୍ରଧାନ, ମୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୁଶିଲ କୁମାର ସାହୁ ସମିତି ସଭ୍ୟ ତଥା ବ୍ଲକ୍ ବିଜେଡି ସଭାପତି ନରେଶ ହରିଜନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାଧାରଣ ସଭାକୁ ଜୟକୃଷ୍ଣ ବେହେରା ପରିଚାଳିତ କରିବା ସହ ଅଂଚଳର ପ୍ରମୁଖ ସମସ୍ୟା ଉପସ୍ଥାପନା କରିଥିଲେ । ପ୍ରମୁଖ ସମସ୍ୟା ମଧ୍ୟରେ ଇସିସି ସର୍ଭେରେ ତ୍ରୁଟି ଥିବାରୁ ପ୍ରକୃତ ଘର ପାଇବା ହିତାଧିକାରି ଘର ପାଇ ପାରୁ ନାହାନ୍ତି, ହାଇସ୍କୁଲ ଠାରେ ବାଡ଼ା, ରାସ୍ତା ତିଆରି କରିବା, ଗୁର୍ଜୁଙ୍ଗ ଠାରୁ ବୋର୍ଡା ଛକ ରାସ୍ତା ମରାମତି କରିବା, ଉଡ଼ନ୍ତି ନଦୀରେ ଆଡି ବନ୍ଧ ତିଆରି କରିବା ଦାବିକୁ ସାଂସଦ ଯଥାଶୀଘ୍ର ପୂରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

# ଜାତୀୟ ରାଜପଥ ଲୁଟେରାଙ୍କ ପର୍ଦ୍ଦାଫାସ : ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ରାଇରଙ୍ଗପୁର,୧୧/୯ (ନି.ପ୍ର): ଜାତୀୟ ରାଜପଥ ଲୁଟେରାଙ୍କ ପର୍ଦ୍ଦାଫାସ କରିବା ସହିତ ୪ ଜଣ ଲୁଟେରାଙ୍କୁ ଗିରଫ କରିଛି ବିଶୋଇ ପୁଲିସ । ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି । ଗତ ସେପ୍ଟେମ୍ବର ମାସ ୧୬ ତାରିଖ ଭୋର ପ୍ରାୟ ୩ ଟା ସମୟରେ ବିଶୋଇ ଥାନା ଅନ୍ତର୍ଗତ କଲିକତା -ମୁମ୍ବାଇ ଜାତୀୟ ରାଜପଥ ୪୯ ର ଧାଙ୍ଗିଡ଼ିମୁତା ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗୁଜୁରାଟରୁ କଲିକତା ଯାଉଥିବା ଏକ ଟ୍ରକ୍ ରାସ୍ତାରେ ଠିଆ ହୋଇଥିବା ବେଳେ ଟ୍ରକ ର ଡ୍ରାଇଭର ଓ ହେଲ୍ପରଙ୍କୁ ତିନି ଜଣ ଲୁଟେରା ମରଣାନ୍ତକ ଆକ୍ରମଣ କରିଥିଲେ । ହେଲ୍ପର ଘଟଣାସ୍ଥଳରୁ ପଳାଇବାରେ ସକ୍ଷମ ହୋଇଥିଲା, କିନ୍ତୁ ଲୁଟେରାଙ୍କ ଆକ୍ରମଣରେ ଡ୍ରାଇଭରର ମୃତ୍ୟୁ ହୋଇଥିଲା । ଲୁଟେରାମାନେ ଗାଡିରୁ, ଏଲ.ସି.ଡି ଟିଭି, ଟେପ ରେକର୍ଡର ସମେତ ଅନେକ ମୂଲ୍ୟବାନ ସାମଗ୍ରୀ ନେଇ ଫେରାର ହୋଇ ଯାଇଥିଲେ । ସେତେବେଳେ ଏହା ଚର୍ଚ୍ଚାର ବିଷୟ ପାଲଟିଥିଲା । ତେବେ ବିଶୋଇ ଥାନା ଅଧିକାରୀ ଫନିନ୍ଦ୍ର ନାଏକ ଏକ ସ୍ୱେସିଆଲ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଚାରି ଜଣ ଲୁଟେରାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛନ୍ତି । ମାମଲାରେ ଅନ୍ୟ ଜଣେ ନାବାଳକକୁ ଧରିଛି ପୋଲିସ । ନାବାଳକ ଜଣଙ୍କୁ ବାରିପଦା ସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଥିବା ବେଳେ ଅନ୍ୟ ଚାରି ଜଣଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି ।

# କାର ସହ ବିଦେଶୀ ମଦ ଜବତ : ଜଣେ ଯୁବକ ଅଟକ

ଧର୍ମଶାଳା,୧୧/୯ (ନି.ପ୍ର): ଆଜି ଅପରାହ୍ଣରେ ଯାଜପୁର ସଦର ଥାନା ଅନ୍ତର୍ଗତ ଝାଲପଡା ଛକରୁ ଏକ ଇଣ୍ଡିଗୋ କାରରେ ଚୋରା ମଦ ଚାଲାଣ ହେଉଥିବା ବେଳେ ଗାଡିକୁ ପୁଲିସ ଜବତ କରିଛି । ଏଭଳି ଘଟଣାରେ ଜଣେ ଯୁବକକୁ ଅଟକ ରଖି ପଚରାଉଚୁରା କରୁଛି । ସୂଚନା ମୁତାବକ ଯାଜପୁର ସଦର ଥାନା ଅନ୍ତର୍ଗତ ଝାଲପଡା ଛକ ନିକଟରୁ ବରୁହାଁରୁ ଝାଲପଡା ଅଭିମୁଖେ ଆସୁଥିବା ଏକ ଇଣ୍ଡିଗୋ କାର (ଓଆର୦୨ବିଟି୬୧୩୬)ରେ ଚୋରା ମଦ ଚାଲାଣ ହେଉଥିବା ନେଇ ସଦର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରି ଝାଲପଡା ଛକରୁ କାରକୁ ଅଟକାଇଥିଲା । କାରରେ ବିଦେଶୀ ମଦ ଥିବା ଜାଣିବାକୁ ପାଇଥିଲା । ଗାଡି ସହ ଜଣେ ଯୁବ ବ୍ୟବସାୟୀ ଝାଲପଡା ଗ୍ରାମର ବିଶ୍ୱନାଥ ନାୟକଙ୍କ ପୁଅ ସୁରେଶ (୨୯)କୁ ଥାନାରେ ଅଟଖ ରଖି ପଚରାଉଚୁରା କରୁଛି ।

# ତହସିଲ ଅଫିସ ନିକଟରେ ମିଶନ ଶକ୍ତିର ଦୋକାନ ଉଦ୍‌ଘାଟନ

କେନ୍ଦ୍ରାପଡ଼ା,୧୧/୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ତହସିଲ ଅଫିସ ନିକଟରେ ମିଶନ ଶକ୍ତି ଦୋକାନ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷ ମାନସ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୋକାନ ଗୃହ ଉଦ୍‌ଘାଟନ କରିଥିଲେ । ଜିଲ୍ଲାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକ ଏହି ଦୋକାନ ରେ ବିକ୍ରୟ କରାଯିବ । ମହିଳା ସଶକ୍ତିକରଣ ପାଇଁ କାର୍ଯ୍ୟରତ ମିଶନଶକ୍ତି ତରଫରୁ ଏହାକୁ ଜନ ସାଧାରଣଙ୍କ ପାଇଁ ଗୁରୁବାର ଉତ୍ସର୍ଗ କରାଯାଇଛି ।

# ଶ୍ରୀରାମଚନ୍ଦ୍ର ମନ୍ଦିରର ଦଧିନଉତି ସ୍ଥାପନ

ଧର୍ମଶାଳା,୧୧/୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମନ୍ଦିରର ଦଧିନଉତି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳ ସମୟରେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ଦୀର୍ଘ ୨୨ ବର୍ଷ ପରେ ଏହି ମନ୍ଦିର ଦଧିନଉତି ସ୍ଥାପନ ହୋଇଛି । ଶ୍ରୀ ରାମଚନ୍ଦ୍ର ମନ୍ଦିରର ଆବାହକ ବୁଲବୁଲ ନାୟକ, ଚାନ୍ଦପୁର ଗ୍ରାମର ସମସ୍ତ ଶ୍ରୀରାମ ଭକ୍ତ ଓ ଜୟଶ୍ରୀରାମ ପୂଜା କମିଟିର ସଦସ୍ୟଙ୍କ ଉଦ୍ୟମରେ ଏହି ମନ୍ଦିର ଦଧିନଉତି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀରାମ ଭକ୍ତ ଜ୍ୟୋତିମୟୀ ନାୟକ ପୂଜାକର୍ମରେ ସହଯୋଗ କରିଥିଲେ । ସକାଳୁ ସକାଳୁ ଅଧିବାସ କରାଯିବା ସହ ଭକ୍ତମାନେ ବ୍ରାହ୍ମଣୀ ନଦୀରୁ କଳସକୁ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ଆସି ପୂଜା ମଣ୍ଡପ ନିକଟରେ ପଂହଚିଥିଲେ । ବିଭିନ୍ନ ନିତିକାନ୍ତି ପରେ ଭକ୍ତମାନେ ସୁନାରୂପା,ଟଙ୍କା ସହ ଧାନ ଚାଉଳ ପ୍ରଦାନ କରି ବିଭୂକୃପା ଲାଭ କରିଥିଲେ । ପୂଜା କମିଟି ପକ୍ଷରୁ ନାମସଂକିର୍ତନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ମହେଶ୍ୱରପୁର ସରପଂଚ ଅମୂଲ୍ୟ ପାତ୍ର, ହେମନ୍ତ ସାହୁ, ଶତୃଘ୍ନ ବେହେରା, ମଙ୍ଗରାଜପୁର ସମିତିସଭ୍ୟା ମହେଶ୍ୱତା ନାୟକ ଓ ପୂଜା କମିଟିର ସଭ୍ୟ ସୁଦାମ ଦାସ, ଅଭିମନ୍ୟୁ ଦାସ,ବାବୁଲି ଦାସ, ଚନ୍ଦନ ଦାସ, ଜଳଧର ଦାସ, ବିଶ୍ୱନାଥ ଦାସ, ହେମନ୍ତ ଦାସ ଓ ରସାନନ୍ଦ ଦାସଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

# ଜୟପୁର ଜିଲା କୋର୍ଟର ନୂତନ କୋଠା ଲୋକାର୍ପିତ


ଜୟପୁର,୧୧/୯ (ନି.ପ୍ର): ଜୟପୁର ସ୍ଥିତ ଜିଲା କୋର୍ଟର ନୂତନ କୋଠା ଆଜି ଲୋକାର୍ପଣ ହୋଇଛି । ଭର୍ଚୁଆଲ ମାଧମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲୀଧରନ ଏହାକୁ ଲୋକାର୍ପଣ କରିଛନ୍ତି । ୨୨ କୋଟି ଟଙ୍କା ବ୍ୟୟରେ ୪ ମହଲା ବିଶିଷ୍ଟ ଆକର୍ଷଣିୟ କୋର୍ଟ ନିର୍ମାଣ ହୋଇଛି । ଦୀର୍ଘ ୬୮ ବର୍ଷ ପରେ ଏହି ନୂତନ କୋଠା ନିର୍ମାଣ ହୋଇଛି । ଏହାକୁ ଆଜି ଭର୍ଚୁଆଲ ମାଧମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ.ମୁରଲୀଧୀରନ ଉଦଘାଟନ କରିଛନ୍ତି । ଜିଲା ଜଜ୍ ସୌମେନ୍ଦ୍ର ରାଜଗୁରୁ ସ୍ୱାଗତ ଭାଷଣ ଦେଇଥିଲେ । ଏହା ପରେ ଜିଲା ଓକିଲ ସଂଘର ସଭାପତି ସରୋଜ କୁମାର ଦାସ ଅଭିଭାଷଣ ରଖିବା ପରେ ଭର୍ଚୁଆଲ ମାଧମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲିଧରନ ଏହାର ଲୋକାର୍ପଣ କରିଥିଲେ । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ, କୋରାପୁଟ ଜିଲାରେ ୯୦ ପ୍ରତିଶତ ଅପରାଧିକ ମାମଲା ଆସୁଥିବା ବେଳେ ସେମାନେ ଗରିବ ଶ୍ରେଣିର ଓ ସେମାନେ ସଚେତନ ମଧ ନୁହଁନ୍ତି । ସମସ୍ତଙ୍କୁ ନ୍ୟାୟ କିପରି ମିଳିବ ଅଧିକାର କିପରି ପାଇବେ ସେ ଉପରେ ମତ ରଖିଥିଲେ । ହାଇକୋର୍ଟ ଜଷ୍ଟିସ ବିଲଡିଙ୍ଗ କମିଟିର ଚେୟାରମ୍ୟାନ ଶତ୍ରୁଘ୍ନ ପୁଜାରି, କୋରାପୁଟ ଜିଲା ପାଇଁ ନିଯୁକ୍ତ ପ୍ରଶାସନିକ ଜଜ୍ ଜଷ୍ଟିସ ଏସ.କେ. ପାଣିଗ୍ରାହୀ ମଧ ନିଜ ଅଭିଭାଷଣ ରଖିଥିଲେ । ଏସପି କୋରାପୁଟ ବରୁଣ ଗୁଣ୍ଟୁପାଲ୍ଲି ଓ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଉପସ୍ଥିତ ଥିଲେ । ଶେଷରେ ହାଇକୋର୍ଟ ରେଜିଷ୍ଟାର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା କୋର୍ଟର ଏହି ନୂତନ କୋଠା ଜିଲା କୋର୍ଟ ପରିସରରେ ହିଁ ନିର୍ମାଣ କରାଯାଇଛି । ୨୦୧୪ ଜୁଲାଇରେ ନୂତନ କୋଠା ପାଇଁ ହାଇକୋର୍ଟର ବିଚାରପତି ଶତ୍ରୁଘ୍ନ ପୁଜାହାରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ୧ ଲକ୍ଷ ୯ ହଜାର ୬୪୪ ବର୍ଗ ଫୁଟରେ ଏହି କୋର୍ଟ ନିର୍ମାଣ ହୋଇଛି । ଜିଲା କୋର୍ଟ ର ଅଧିନରେ ଥିବା ୧୭ଟି କୋର୍ଟ ପାଇଁ ସ୍ୱତନ୍ତ୍ର କକ୍ଷ ରହିଛି । ହଲ୍, ବିଚାରପତିଙ୍କ ପାଇଁ ଚାମ୍ବର, ଲିଫ୍ଟ, ସିଡ଼ି, ଗାଡି ପାର୍କିଂ ବ୍ୟବସ୍ଥା ରହିଛି । କୋର୍ଟ ସମ୍ମୁଖରେ ଉଦ୍ୟାନ ରହିଛି । ପ୍ରଥମେ ବର୍ତମାନର ତହସିଲ କାର୍ଯ୍ୟାଳୟରେ କୋର୍ଟ ଚାଲୁଥିବା ବେଳେ ୧୯୫୩ ରେ ଖ୍ରୀଷ୍ଟିଆନପେଟା ନିକଟକୁ ସ୍ଥାନାନ୍ତର କରାଯାଇ ଆଜି ଯାଏ କୋର୍ଟ ଚାଲୁଥିଲା । ସେହି ସମୟରେ ଅବିଭକ୍ତ କୋରାପୁଟ ଜିଲା ପାଇଁ ଜୟପୁର ଜିଲା କୋର୍ଟ ରହିଥିଲା । ପରବର୍ତି ସମୟରେ ସମସ୍ତ ଜିଲାରେ ଜିଲା କୋର୍ଟ ସ୍ଥାପନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଜଜ୍, ଜିଲା ଓକିଲ ସଂଘର ସଭାପତି ସରୋଜ ଦାସ ସମେତ ସଂଘ କର୍ମକର୍ତା, ଆଇନଜିବୀ, କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଲାଂଚ ଗ୍ରହଣ ମାମଲାରେ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

ଗଞ୍ଜାମ,୧୧/୯ (ନି.ପ୍ର): ଲାଂଚ ଗ୍ରହଣ ମାମଲାର ଶୁଣାଣି କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ପ୍ରମାଣ ଅଭାବରୁ ଆଜି ଦୁଇ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ କନିସି ତହସିଲ ଅନ୍ତର୍ଗତ ବଡକୁଶସ୍ଥଳିର ତତ୍କାଳୀନ ରାଜସ୍ୱ ନିରୀକ୍ଷକ (ଆରଆଇ) କୈଳାସ ଚନ୍ଦ୍ର ବେହେରା ଓ ପିଅନ ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ । ଗୋପାଳପୁର ଥାନା ଅନ୍ତର୍ଗତ ବଡକୁଶସ୍ଥଳି ଗ୍ରାମର ଭଗବାନ ପାତ୍ର ଘରବାଡ଼ି ପଟ୍ଟା ପାଇଁ କନିସି ତହସିଲରେ ଆବେଦନ କରିଥିଲେ । ପରେ ବଡକୁଶସ୍ଥଳିର ତତ୍କାଳୀନ ଆରଆଇ ପଟ୍ଟା ପାଇଁ ୨୫୦୦ ଟଙ୍କା ଲାଂଚ ମାଗିଥିଲେ । ଆବେଦନକାରୀ ଭଗବାନ ଏନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଗତ ୨୦୧୭ ଜାନୁଆରୀ ୬ ତାରିଖରେ ଆବେଦନକାରୀ ଭଗବାନ ଆରଆଇଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଲାଂଚ ଟଙ୍କା ଦେବା ସମୟରେ ଆରଆଇ ଉକ୍ତ ଟଙ୍କା ନିକଟରେ ଥିବା ପିଅନ ଗୋବିନ୍ଦକୁ ଦେବାକୁ କହିଥିଲେ । ଏହି ସମୟରେ ଭିଜିଲାନ୍ସ ଟିମ୍ ସେଠାରେ ପହଂଚି ଚଢ଼ଉ କରିଥିଲେ । ଲାଂଚ ବାବଦ ୨୫୦୦ ଟଙ୍କା ଜବତ କରିବା ସହ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ପରେ ଅଭିଯୁକ୍ତ ମାନେ କୋର୍ଟରୁ ଜାମିନ୍ ପାଇଥିଲେ । ଏହି ମାମଲାର ଶୁଣାଣି ବେଳେ ୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବ ଯୋଗୁଁ କୋର୍ଟ ଉଭୟଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୪୩**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଥରେ ମୋର ସହକାରୀ ଶ୍ରୀ ପ୍ରଫୁଲ୍ଲକୁମାର ସରକାରଙ୍କ ସହିତ ନଦୀ ପଥରେ ବନ୍ୟାଞ୍ଚଳକୁ ଯାଇଥିଲି । ସେତେବେଳେ ସେ ବଙ୍ଗ ସାହିତ୍ୟର ଜଣେ ଲବ୍‌ଧପ୍ରତିଷ୍ଠ ଲେଖକ ବୋଲି ଜାଣିନଥିଲି । ଯାଉଥିବା ସମୟରେ ନାନା ବିଷୟରେ ଗଳ୍ପ କରୁ କରୁ ତାଙ୍କ ସାହିତ୍ୟିକ ପ୍ରଗଲ୍‌ଭତା ପ୍ରକାଶ କରି ଓଡ଼ିଆ ସାହିତ୍ୟର ନିନ୍ଦା କରିବାକୁ ଲାଗିଲେ । ସେ କହିଲେ, "ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ନିକୃଷ୍ଟ ସ୍ଥାନରେ ରହିଅଛି; ଯେଉଁ ମୁଷ୍ଟିମେୟ ଲେଖକ ବା କବି ଅଛନ୍ତି ସେମାନଙ୍କ ରଚନା ବଙ୍ଗସାହିତ୍ୟର ଅନୁକରଣଭିନ୍ନ କିଛି ନୁହେଁ ।" ଏହା କହି କବିବର ରାଧାନାଥ ରାୟଙ୍କ କାବ୍ୟଗୁଡ଼ିକ ସୁଦ୍ଧା ଏହି ଶ୍ରେଣୀୟ ବୋଲି ଆକ୍ଷେପ ପ୍ରକାଶ କଲେ । ମୁଁ କହିଲି, "ତାଙ୍କ ଧାରଣା ଆଧୁନିକ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ କେତେକାଂଶରେ ସ୍ଥାନ ବିଶେଷରେ ଅଭ୍ରାନ୍ତ ହୋଇପାରେ । କିନ୍ତୁ ପ୍ରାଚୀନ ରଚନା ସମୂହ ଓଡ଼ିଶାର ଗୌରବ ଏବଂ ବିଶ୍ୱ ସାହିତ୍ୟରେ ସୁଦ୍ଧା ବିଶିଷ୍ଟ ସ୍ଥାନଯୋଗ୍ୟ ବୋଲାଯାଇପାରେ ।" ଏହା କହି ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ, ସାମନ୍ତସିଂହାରଙ୍କ ବିଦଗ୍ଧ ଚିନ୍ତାମଣି, ଦୀନକୃଷ୍ଣ ଦାସଙ୍କ ରସକଲ୍ଲୋଳ ଓ ଆଉ କେତେକ ପ୍ରାଚୀନ ଗ୍ରନ୍ଥରୁ କେତେକାଂଶ ଆବୃତ୍ତି କରି ଛାନ୍ଦ, ଯମକ, ଅନୁପ୍ରାସାଦି ଅଳଙ୍କାର ସମୂହର ଦୃଷ୍ଟାନ୍ତଦ୍ୱାରା ପ୍ରାଚୀନ ଓଡ଼ିଆ ସାହିତ୍ୟର ବୈଶିଷ୍ଟ୍ୟ ପ୍ରତିପାଦନ କରିବାକୁ ଚେଷ୍ଟାକଲି । ବିଶେଷତଃ ଯେତେବେଳେ ଉଦାହରଣର ସ୍ୱରୂପ ବୈଦେହୀଶ ବିଳାସର ପ୍ରତ୍ୟେକ ପଂକ୍ତି କିପରି କୌଶଳ ସହକାରେ ବ-ବର୍ଣ୍ଣାଦ୍ୟ ନାମକ ସଂଖ୍ୟାରେ ଛାନ୍ଦଗୁଡ଼ିକ ବିଭକ୍ତ, ପ୍ରତ୍ୟେକ ପଂକ୍ତିର ଆଦ୍ୟ ଅକ୍ଷର 'ବ' ଓ ବହୁପ୍ରକାର ଅଳଙ୍କାର ପ୍ରଭୃତିରେ ପରିପୂର୍ଣ୍ଣ ବୋଲି କେତେକାଂଶ ଉଦ୍ଧାର କରି କହିଲେ, ସେତେବେଳେ ପ୍ରଫୁଲ୍ଲବାବୁ ଚମତ୍କୃତ ହୋଇ କହିଲେ, "ଏପରି କଥା ତ ମୁଁ କେବେ ଶୁଣିନାହିଁ ।" ମୁଁ କହିଲି "ବଙ୍ଗାଳୀମାନଙ୍କ ପ୍ରଧାନ ଦୋଷ ଏହି ଯେ, ନିଜ ସାହିତ୍ୟ ଛଡ଼ା ଭାରତବର୍ଷର ଅନ୍ୟଜାତିର ସାହିତ୍ୟ ପଢ଼ନ୍ତି ନାହିଁ । ଅଥଚ ତାହାର ପ୍ରତିକୂଳ ସମାଲୋଚନା କରନ୍ତି ।" ଆଉ କେତେଜାତିର ସାହିତ୍ୟ ପଢ଼ନ୍ତି ନାହିଁ । ଅଥଚ ତାହାର ପ୍ରତିକୂଳ ସମାଲୋଚନା କରନ୍ତି ।" ଆଉ କେତେକଥା । ଗସ୍ତରୁ ଫେରିଲା ପରେ ଦିନେ ମୋ ବସାକୁ ଆସିଥିଲେ ଓ ଯେଉଁ ଗ୍ରନ୍ଥର ଅଂଶମାନ ତାଙ୍କୁ ଶୁଣାଇଥିଲି ଓ ସବୁ ଗ୍ରନ୍ଥମାନ ମୋ ସଙ୍ଗେ ପଢ଼ିବା ପାଇଁ ଇଚ୍ଛା ପ୍ରକାଶ କଲେ । ଏହା ଉତ୍ତାରେ ପ୍ରାୟ ଛଅମାସ କାଳ ପ୍ରତିଦିନ ସନ୍ଧ୍ୟାରେ ପ୍ରୋକ୍ତ ଗ୍ରନ୍ଥମାନଙ୍କ ସହିତ ଢେଙ୍କାନାଳ ନିବାସୀ କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ ସମର ତରଙ୍ଗ, ଶ୍ୟାମ ରାମୋତ୍ସବ ଓ ଅମ୍ବିକାବିଳାସ ତାଙ୍କୁ ପଢ଼ାଇଲି । ଯେତେବେଳେ ସେ ଢେଙ୍କାନାଳର ଚାକିରି ତ୍ୟାଗକରି କଲିକତା ଚାଲିଗଲେ ଓ 'ଆନନ୍ଦବଜାର' ପତ୍ରିକାର ସମ୍ପାଦକତ୍ୱ ଗ୍ରହଣ କଲେ ସେତେବେଳେ ସେ ଏହି ଗ୍ରନ୍ଥ ସମୂହର ଅନୁକୂଳ ଆଲୋଚନାମୂଳକ କେତେକ ପ୍ରବନ୍ଧ ଲେଖିଥିଲେ ।

ଦିନକର କୌତୂକାବହ କଥା ମନେ ପଡୁଛି । ଅନୁଗୁଳ ଡେପୁଟି କମିଶନର କ୍ରେଭେନ୍ ସାହେବ ପରିଦର୍ଶନରେ ଆସିଥିଲେ ଓ ଫୌଜଦାରୀ ମହକୁମାର ନଥି ଓ ରେଜିଷ୍ଟାରମାନେ ପରୀକ୍ଷା କରୁ କରୁ ରେଜିଷ୍ଟରମାନ ଓଡ଼ିଆରେ ଲେଖା ହୋଇଥିବା ଦେଖି ଭବିଷ୍ୟତରେର ତାହା ଇଂରେଜୀରେ ପୂରଣ କରିବାକୁ ନିର୍ଦ୍ଦେଶ ଦେଇଗଲେ । ସେହିଦିନଠାରୁ ସେସବୁ ଇଂରେଜୀରେ ଲେଖାହେଲା । କେତେକଦିନ ପରେ କ୍ରେଭେନ୍ ସାହେବ ଆସିଲେ ଓ ପୁଣି ଯେତେବେଳେ ଗୋଟିଏ ରେଜିଷ୍ଟର୍ ପରୀକ୍ଷା କରିବାକୁ ଆରମ୍ଭ କଲେ ପକ୍ଷର ନାମ ଓ ବାସସ୍ଥାନ ଖାତାରେ ଲେଖାଅଛି- "Cloud blue merchant of brinjal straw" । ବିସ୍ମିତ ହୋଇ ମୋତେ ପଚାରିଲେ- "ଏହା କ'ଣ ?" ମୁଁ ମଧ ବୁଝିପାରିଲି ନାହିଁ, ଅନ୍ୟ ମାଜିଷ୍ଟ୍ରେଟ୍‌ମାନେ ମଧ ସେହି ସମୟରେ ତାଙ୍କ ସମ୍ମୁଖରେ ଉପସ୍ଥିତ ଥିଲେ, କେହି ତାହାର ମର୍ମ କହିପାରିଲେ ନାହିଁ । ତତ୍ପରେ ଲେଖକ ରାଇଟର କନ୍‌ଷ୍ଟେବଲ୍‌ଙ୍କୁ ଡକା ହେଲା । ପ୍ରଶ୍ନର ଉତ୍ତରରେ ସେ କହିଲେ, ଘନଶ୍ୟାମ ସାହୁ, ସାକିନ୍ ବାଇଗଣ ପାଳ । ଘନ ଅର୍ଥ Cloud, ଶ୍ୟାମ- blue, ସାହୁ- merchant, ବାଇଗଣ- brinjal, ପାଳ- straw. ଏହି ତ ପ୍ରକୃତ ଅନୁବାଦନ୍ତ ସାହେବଙ୍କ ମୁଖରୁ ହାସ୍ୟରୋଳ ଉଠିଲା । ହୁକୁମ ଦେଲେ ଯେପରି ଓଡ଼ିଆରେ ଲେଖା ହେଉଥିଲା, ସେପରି ଲେଖାହେଉ । ବିଚାରା କନେଷ୍ଟବଳ ମାଇନର ପାଶ ବି ନୁହେଁ, ହୁକୁମ ପାଳନ କରିଥିଲା ମାତ୍ର ।

ଦିନେ ସନ୍ଧ୍ୟାରେ ମୁଁ କଚେରୀରୁ ଫେରୁଛି, ଲୋକ ଗହଳି ମଧରେ ଦେଖିଲି ବଜାରରେ ମୋର ପିଲାଦିନର ସହାଧ୍ୟାୟୀ ପରୀକ୍ଷିତ ପାତ୍ରଙ୍କୁ । ମୁଣ୍ଡରେ ବୃହତ୍ ଜଟା, ପରିଧେୟ ଖଣ୍ଡେ ସାମାନ୍ୟ କଉପୁନୀ ଓ ମୁଣ୍ଡ ଉପରେ ତାଳପତ୍ର ଛତା । ଦେଖିବା ମାତ୍ରକେ ତାଙ୍କୁ ଚିହ୍ନିଲି । ମୋତେ କିନ୍ତୁ ସେ ଚିହ୍ନି ପାରିଲେ ନାହିଁ । ଦୀର୍ଘକାଳ ପୂର୍ବେ ସେ ଗୃହତ୍ୟାଗ କରିଅଛନ୍ତି । ପ୍ରାୟ ୨୦ ବର୍ଷ ପୂର୍ବେ ବଲାଙ୍ଗିର ସ୍କୁଲର ଛାତ୍ରାବାସରେ ଦୁହେଁ ଏକତ୍ର ରହିଥିଲୁଁ । ତତ୍ପରେ ଆଉ ସାକ୍ଷାତ୍ ହୋଇନାହିଁ । ୧୯୦୨ ସାଲରେ ମଧ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲାପରେ ମୁଁ ବଲାଙ୍ଗିର ତ୍ୟାଗ କରିଥିଲି । ଶୁଣିଥିଲି ସେ ଇଂରେଜ ସରକାରଙ୍କ ହୁକୁମରେ ରାଜ୍ୟରୁ ନିର୍ବାସିତ ହୋଇଥିଲେ । ସେ ଥିଲେ ପାଟଣାଷ୍ଟେଟ୍ ଅନ୍ତର୍ଗତ କୁଟାସିଂହ ଗ୍ରାମର ଗୌନ୍ତିୟା ଲାଲୁ ପାତ୍ରଙ୍କ ପୁତ୍ର । ଷ୍ଟେଟ୍‌ର ନିୟମାନୁସାରେ ଗୌନ୍ତିଆ ପରିବାରର କେବଳ ଜ୍ୟେଷ୍ଠପୁତ୍ର ଗୌନ୍ତିୟା ହୁଏ ଓ କେବଳ ତାହା ସହିତ ରାଜସ୍ୱ ଆଦାୟର ଚୁକ୍ତି ହୁଏ । ଭୋଗରା ଜମି ସମ୍ବନ୍ଧରେ ନିୟମ ଏହି ଯେ, ଜ୍ୟେଷ୍ଠର ନାମ ସରକାରୀ କାଗଜପତ୍ରରେ ଲେଖାହୁଏ, କିନ୍ତୁ କାର୍ଯ୍ୟତଃ ସମସ୍ତ ଭାଇମାନେ ଭାଗକରି ସ୍ୱତନ୍ତ୍ର ଅଂଶମାନ ଭୋଗକରନ୍ତି । କିନ୍ତୁ ଭୋଗରା ଜମି ବନ୍ଧକ କରିବା ସୁଦ୍ଧା ନିୟମବିରୁଦ୍ଧ ଓ ଭୋଗରାର କୌଣସି ଅଂଶୀଦାର ତାହାର ଅଂଶରୁ କିଛି ବନ୍ଧକ କରିଥିବା ଯଦି ଜଣାପଡ଼େ ସମସ୍ତ ଅଂଶୀଦାର ସମସ୍ତ ଭୋଗରା ଜମିରୁ ବେଦଖଲ ହୁଅନ୍ତି । ଏହି ଗୌନ୍ତିୟା ସ୍ଥଳରେ ନୂତନ ଗୌନ୍ତିୟା ନିଯୁକ୍ତ ହୋଇ ତାହାକୁ ସମସ୍ତ ଭୋଗରା ଜମି ଦିଆହୁଏ । ଏହି ନିୟମ ଥିଲେ ସୁଦ୍ଧା କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ହେଉଥିଲା । ଏବଂ ରାଜ୍ୟଶାସକମାନେ ରାଜସ୍ୱ ଆଦାୟ ହେଉଥିବା ଯାଏ କେହି ତତ୍‌ପ୍ରତି ଦୃଷ୍ଟି ଦେଉନଥିଲେ । ୧୯୦୫-୬ ମସିହାରେ ଏହାପ୍ରତି ଦୃଷ୍ଟି ପଡ଼ିଲା ସର୍ବପ୍ରଥମେ ଦେୱାନ ସମ୍ବଲପୁରବାସୀ ବାଳମୁକୁନ୍ଦ ବହିଦାରଙ୍କର । କୁଟାସିଂହ ଗ୍ରାମରେ ଜଣେ ହିଂସାଦାର ଗୌନ୍ତିଆ ତାଙ୍କ ଅଂଶରୁ କିଛି ଭୋଗରା ଜମି ବନ୍ଧକ କରିଥିଲେ । ଲମ୍ବରଦାର ଗୌନ୍ତିଆ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠିତ ହେଲା ଓ ସେ ତ ବରଖାସ୍ତ ହେଲେ, ତାଙ୍କ ସହିତ ସମସ୍ତ ଗୌନ୍ତିଆ ପରିବାର ଭୋଗରା ଜମିରୁ ବେଦଖଲ ହେଲେ ଏବଂ ତାଙ୍କ ସ୍ଥାନରେ ନିଯୁକ୍ତ ନୂତନ ଗୌନ୍ତିଆଙ୍କୁ ସମସ୍ତ ଭୋଗରା ଜମି ଦିଆହେଲା । ପରୀକ୍ଷିତ ସେତେବେଳେ ପାଟଣା ରାଜ୍ୟର କୌଣସି ଦପ୍ତରରେ କିରାଣୀ କାର୍ଯ୍ୟ କରୁଥିଲେ । ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟର ତୀବ୍ର ପ୍ରତିବାଦ କରି ତାଙ୍କୁ ଏହି କାର୍ଯ୍ୟର ବିଷମୟ ଫଳ ଭୋଗ କରିବାକୁ ହୋଇଥିଲା । ଚାକିରିରୁ ସେ କେବଳ ଯେ ବରଖାସ୍ତ ହେଲେ ତାହା ନୁହେଁ ରାଜ୍ୟରୁ ନିର୍ବାସିତ ହେଲେ । ସେହିଦିନରୁ ସେ ନାନା ସ୍ଥାନରେ ବୁଲି ବୁଲି କେତେଦିନ ହେଲା ଭିକ୍ଷାଦ୍ୱାରା ଜୀବନଯାତ୍ରା ନିର୍ବାହ କରୁଅଛନ୍ତି । (କ୍ରମଶଃ)

## ପର୍ଦ୍ଦା ପଛର କଥା -୮



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ-୧୭

### 'ଛୋଟ ପରଦାର ମୋହ-୨'

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦୂରଦର୍ଶନର ଗତି ଓ ପ୍ରବୃତ୍ତିକୁ ମାପ କରିବାର ଏକମାତ୍ର ସୁଯୋଗ ଓ ମାଧ୍ୟମ ଥିଲା ଯୌତୁକ ସୂତ୍ରରେ ଲାଭ କରିଥିବା ରୋହିଣୀ ଡିଲକ୍ସ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଟି.ଭି । ଆମ ଗାଁରେ ପ୍ରଥମ କରି ଟି.ଭି କନେକ୍ସନ କରିବାରେ ଆମଘର ଥିଲା ପ୍ରଥମ । ସଂଜ ହେଲେ ଟି.ଭି ସାମ୍ନାରେ ଭିଡ଼ । 'ହମ୍‌ଲୋଗ' ଓ 'ୟେ ଜୋ ହେ ଜୀନ୍ଦେଗୀ' ପରି ଧାରାବାହିକ ଆମକୁ ନିଶାଗ୍ରସ୍ତ କରି ରଖିଥାଏ । ବିଶେଷକରି 'ହମ୍‌ଲୋଗ' ପରି ଏକ ସୋ ଅପେରାର କାହାଣୀ ଗୁମ୍ଫନ ରୀତି ମତେ ବିଶେଷ ପ୍ରଭାବିତ କରିଥାଏ । ତା'ଛଡ଼ା ଅନେକ ଧାରାବାହିକ ଯଥା ତାମସ୍, କରମଚାନ୍ଦ । ଅନେକ କାହାଣୀରେ ଆଚ୍ଛନ୍ନ ହୁଏ । ମୋଟାମୋଟି ଟି.ଭି ପ୍ରେମରେ ମୁଁ । କାହାଣୀର ଗତିଶୀଳତା ଚରିତ୍ର ମାନଙ୍କର ସୃଷ୍ଟି ଆଦି ମତେ ଦୃଷ୍ଟି ଦେବାକୁ ପଡୁଥାଏ ।

ତେବେ ସେତେବେଳେ ମତେ ଜଣା ନଥିଲା, ମତେ ବି ଏ ଧାରାରେ ସାମିଲ ହେବାକୁ ପଡ଼ିବ ।

କମିସନ୍‌ଡ ପ୍ରୋଗ୍ରାମ୍ ନିମନ୍ତେ ସ୍କ୍ରିପ୍ଟ ଆହ୍ୱାନ କରାଗଲା ଦୂରଦର୍ଶନ ପକ୍ଷରୁ । କମିସନ୍‌ଡ ପ୍ରୋଗ୍ରାମ୍‌ରେ ପ୍ରଯୋଜକଙ୍କର ଲାଭ ହିଁ ଲାଭ । ତେଣୁ କଳା ଲାଇନ୍ ସହ ସଂପୃକ୍ତ ନଥିବା ବହୁ ରାଜନୈତିକ କର୍ମୀ, ମନ୍ତ୍ରୀଙ୍କ ପାଖ ଲୋକ ଆଗେଇ ଆସିଲେ ଧାରାବାହିକ ନିର୍ମାଣ କ୍ଷେତ୍ରକୁ ।

ଏହି ସମୟରେ ମୋର ସାକ୍ଷାତ ହେଲା ଯୁବ ପ୍ରଯୋଜକ ରୁନା ପଣ୍ଡାଙ୍କ ସହ । ରବି ଟକିଜ୍ ଛକରେ ସେତେବେଳେ ପ୍ରତିଦିନ ସନ୍ଧ୍ୟାରେ ମୋର ଖଟି, ଏକାମ୍ର କ୍ଷେତ୍ର କ୍ୟାସେଟ୍ ବାହାରିବା ପରଠୁ । ହାସ୍ୟ ଅଭିନେତା ଦେବୁ ବ୍ରହ୍ମା, ନିର୍ଦ୍ଦେଶକ ରାଜେଶ ମହାନ୍ତି ପ୍ରମୁଖଙ୍କ ସହ ପ୍ରତିଦିନ ଖଟିରେ ଆସର ଜମେ । ରାକେଶ ମହାନ୍ତିଙ୍କ ସାନଭାଇ ରାଜେଶ ବି ଆସେ ଶୁଭକାନ୍ତ ଓ ନିର୍ଦ୍ଦେଶକ ସନି (ଦେବାନନ୍ଦ ନାୟକ) ସହିତ, ସେମାନେ ସମସ୍ତେ ସଂଗୀତ ନାଟକ ମହାବିଦ୍ୟାଳୟର ଛାତ୍ର ଓ ପ୍ରମିଜିଂ ଟେକ୍ନିସିଆନ୍ । ରୁନା ପଣ୍ଡା ଜାଗା ବେପାର କରୁ କରୁ ଫିଲ୍ମ 'ଦାଦାଗିରି'ର ପ୍ରଯୋଜନା କଲେ ନାୟକ ତଥା ଅନ୍ୟତମ ପ୍ରଯୋଜକ ମନୁ ଦ୍ୱିବେଦୀଙ୍କ ସହ । 'ଦାଦାଗିରି' ଓ 'ମୋ ଭାଇ ଜଗା' ଚଳଚ୍ଚିତ୍ର ପ୍ରାୟ ଏକ ସମୟରେ ନିର୍ମାଣ ହେଉଥିଲା । ମନୁ ଦ୍ୱିବେଦୀ ମତେ ରୁନା ପଣ୍ଡାଙ୍କ ସହ ପରିଚୟ କରାଇ ଦେଇଥିଲେ ।

ସେହିଦିନଠୁ ରୁନା ବାବୁଙ୍କ ସହ ଘନିଷ୍ଠତା, ପ୍ରାୟ ରବି ଟକିଜ୍ ଛକରେ ଦେଖା । ଚଳଚ୍ଚିତ୍ର ଶିଳ୍ପ ସମ୍ପର୍କରେ ନାନାଦି ଆଲୋଚନା ଚାଲେ ।

ଦିନେ ରୁନା ପଣ୍ଡା କହିଲେ କମିସନ୍‌ଡ ପ୍ରୋଗ୍ରାମ୍ ପାଇଁ ସ୍କ୍ରିପ୍ଟ ଦରକାର । ଗୋଟିଏ ଭଲ ଶିଶୁ କାହାଣୀ ଆବଶ୍ୟକ । 'କୁନି ଗୁଇନ୍ଦା' ଭୂତ ପୁଣି ଥରେ ମୋ ମୁଣ୍ଡରେ ସବାର ହୋଇଗଲା । ମୁଁ 'କୁନି ଗୋଇନ୍ଦା' କଥା କହିଲି । କଲେଜ ଅଫିସ୍‌ରେ ସନ୍ଧ୍ୟା ବେଳେ ନିର୍ଦ୍ଦେଶକ ରାକେଶ ମହାନ୍ତିଙ୍କ ସହ କଥା ସରିଲା । ପୂର୍ବରୁ ରାକେଶ ବାବୁଙ୍କ ସହ ସନ୍ଧ୍ୟାରେ ମୋ ଅଫିସ୍‌ରେ ଭେଟ ହୁଏ । ଝିଣ୍ଟି ଆଶ୍ରମର ବଡ଼ ଭକ୍ତ ରାକେଶ ବାବୁ । ଆଶ୍ରମ ବାଟରେ କଲେଜ । ତେଣୁ ପ୍ରାୟ ସେଠି ଭେଟ ।

ମୁଁ ଉତ୍ସାହିତ ହୋଇ ପଡିଲି । 'କୁନି ଗୋଇନ୍ଦା'ର ସିନେପସିସ୍ ରେଡି କଲି । ୧୨ଟି ଅଧ୍ୟାୟର ପରିକଳ୍ପନା କଲି ।

କିନ୍ତୁ ନିର୍ଦ୍ଦିଷ୍ଟ ଦିନ ପ୍ରଯୋଜକ ରୁନା ପଣ୍ଡା କି ନିର୍ଦ୍ଦେଶକଙ୍କର ଦେଖା ନାହିଁ । ଦୁଇ ଚାରିଦିନ ହେବ ଖଟିରେ ମଧ ଦେଖାନାହିଁ ।

ହଠାତ୍ ରବି ଟକିଜ୍ ଖଟିରୁ ଖବର ପାଇଲି ରୁନା ବାବୁ, ରାକେଶ ବାବୁ କୋଣାର୍କରେ ସ୍କ୍ରିପ୍ଟ ପ୍ରସ୍ତୁତ କରୁଛନ୍ତି । ସ୍କ୍ରିପ୍ଟ ଲେଖୁଛନ୍ତି ମୋର ଅନ୍ତରଂଗ ବନ୍ଧୁ । ମହାପାତ୍ର ନୀଳମଣି ସାହୁଙ୍କ ଆତ୍ମଜୀବନୀକୁ ନେଇ ଧାରାବାହିକଟିର ପ୍ରସ୍ତୁତି ଚାଲିଛି । ବନ୍ଧୁଙ୍କ ସହ ରୁନାବାବୁ ଓ ରାକେଶ ବାବୁଙ୍କର ପରିଚୟ ମୋ ବନ୍ଧୁ ହିସାବରେ । ତେବେ ଏସବୁ କଥା ହଠାତ୍ କେମିତି ଘଟିଗଲା ମୁଁ ବୁଝି ପାରିଲି ନାହିଁ । ଅନ୍ତତଃ ଏ ସଂପର୍କରେ ମତେ ଜଣାଇ ଦେଇଥିଲେ ମୋର ଅବଜେକ୍‌ସନ୍ ରହିନଥାନ୍ତା । କାରଣ ମୁଁ ଆଉ ବନ୍ଧୁଙ୍କ ମଧରେ ବୁଝାମଣା ଖୁବ୍ ଥିଲା । ଯଦିଓ ଏ କେଶ୍‌ରେ ବନ୍ଧୁଙ୍କ ଭୂମିକା କିଛି ନଥିଲା । ସେମାନଙ୍କର ମୋ ସହିତ ଲିଖିତ ପ୍ରତିଶ୍ରୁତି କିଛି ନଥିଲା, ତଥାପି ମୁଁ ଏ ସିଚୁଏସନ୍‌କୁ ସହଜ ଭାବରେ ଗ୍ରହଣ କରି ପାରିଲି ନାହିଁ । ଦୁଃଖ ଲାଗିଲା । କାମ ଅପେକ୍ଷା ମୋ ବନ୍ଧୁଙ୍କ ବନ୍ଧୁତ୍ୱକୁ ମୁଁ ଅଧିକ ଗୁରୁତ୍ୱ ଦେଉଥିଲି । ତେବେ ଦୁଃଖ ଥିଲା 'କୁନି ଗୋଇନ୍ଦା' ପାଇଁ ।

ସବୁଦିନ ପାଇଁ 'କୁନି ଗୋଇନ୍ଦା' କଥା ଭୁଲିଯିବାକୁ ପ୍ରତିଜ୍ଞା କଲି ।

ଅନେକ ସମୟରେ ଭାବେ ପ୍ରତ୍ୟେକ କାମ ପଛରେ ଈଶ୍ୱରୀୟ ଇଚ୍ଛା ବଳବତ୍ତର ଥାଏ । ରୁନା ପଣ୍ଡାଙ୍କ ଧାରାବାହିକ ନିର୍ମାଣ ହେଲା ମାତ୍ର ରାକେଶ ମହାନ୍ତି ନିର୍ଦ୍ଦେଶନାରୁ ଆଉଟ୍ ହେଲେ । ରୁନା ବାବୁଙ୍କ ପରବର୍ତ୍ତୀ ଧାରାବାହିକର ସ୍କ୍ରିପ୍ଟ ମୁଁ ରଚନା କଲି, ବନ୍ଧୁଙ୍କ କାହାଣୀକୁ ନେଇ ମୁଁ ଧାରାବାହିକ ପ୍ରସ୍ତୁତ କଲି ଓ ବନ୍ଧୁଙ୍କ ନିର୍ଦ୍ଦେଶନାରେ ସଂଳାପ ଲେଖିଲି । ଏସବୁ ପରବର୍ତ୍ତୀ ଅବସ୍ଥାର କଥା ।

ତେବେ କଥାରେ ଅଛି ଗୋଟିଏ ଦ୍ୱାର ବନ୍ଦ ହୋଇଗଲେ ଭଗବାନ ଆଉ ଗୋଟିଏ ଦ୍ୱାର ଖୋଲି ଦିଅନ୍ତି । ମନଦୁଃଖରେ ଥିବାବେଳେ ବୁଢ଼ା ମହାରଣା ମତେ ବୁଝାଇଲେ ଓ କହିଲେ, 'ଚାଲ୍ ସବ୍ୟ ଧାରାବାହିକ ପାଇଁ ନୂଆ ଲେଖକ ଖୋଜୁଛି, ତୁ ତା'ର ଲେଖିବୁ ।'

ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ଧାରାବାହିକରେ ମୁଁ ଲେଖିବି ।

ଖୁସିରେ ଆତ୍ମହରା ହୋଇଗଲି । (କ୍ରମଶଃ)

## ● ଦୀପ୍ତି ଦାସ



### ॥ ମନବଂଶୀ ॥

ମେଘରେ ମେଘ ତୁ
ଯାଆ ବରଷି
ଏ ଆଷାଢ଼ୀ ମନ ବନ
ଭାରି ଉଦାସୀ ।

ସ୍ମୃତିର ସଜଳ କଳି
କଦମ୍ବ ବନେ
ଅଧୀର ଆତୁର ମୁଁ ଯେ
ସେ ମଧୁଗାନେ
ଉଜାଣି ଯମୁନା ଝରେ ଏ ମନବଂଶୀ
ମେଘରେ ମେଘ ତୁ ଯାଆ ବରଷି
ଏ ଆଷାଢ଼ୀ ମନ ବନ
ଭାରି ଉଦାସୀ ।

ତୁମରି ମଲ୍ଲାର ରେଣୁ
ନିତି ଅଧୀରେ
ହୃଦୟ ବୀଣାର ତାରେ
ଝରେ ମଧୁରେ
ଚାତକିନୀ ଓଠ ଆଜି ଭାରି ପିଆସୀ
ମେଘରେ ମେଘ ତୁ ଯାଆ ବରଷି
ଏ ଆଷାଢ଼ୀ ମନ ବନ
ଭାରି ଉଦାସୀ ।

+ଅରଡବଜାର, ବାଲେଶ୍ୱର
୯୮୬୧୪୬୬୪୫୩

## ବୀଣାପାଣି ଦେବତା



### ॥ ବୁଢ଼ାଲୋକ ॥

ପାହାଡ଼ ଆଗରେ ପଛରେ
ବାମ ଡାହାଣରେ
ଶୀତ ଥୁରୁ ଥୁରୁ ବୁଢ଼ାଟିଏ
ବସିଛି ସଞ୍ଜବେଳେ
ଧୂନି ଜାଳି ମଞ୍ଚାରେ ।

ପକ୍ଷୀଙ୍କୁ ଫେରେଇ ନେଇଛି
ରାତିର କୁହୁକ
କ୍ଷେତର କୁହୁଡ଼ି କୁଣ୍ଡଳୀ ହେଇ
ଧୀରେ ଧୀରେ ମେଘ ।

ଆକାଶରୁ କାକର ଝରୁଛି ଠପ୍ ଠପ୍
ବୁଢ଼ାର କୁହୁଡ଼ି ଆଖି ସାରାରାତି
ହାଡ଼ ମାଂସ ରକ୍ତ ବରଫ କରି
ମକା କ୍ଷେତକୁ, ଦୂର ଜଙ୍ଗଲକୁ,
ହେଣ୍ଟାଳକୁ ଜଗିଛି ।

ସାହୁକାରର ଋଣର କ୍ଷତ
ପିଠିସାରା ଦୂଲୁକୁଛି
ଝୋଲାଟଙ୍କା ତାର ନା ପୂର୍ବପୁରୁଷର
ନା ଜମାନ ଭୋଗର !

ପ୍ରତିବର୍ଷ ଧରତନୀର କ୍ଷୀର ପିଇ
ମକା କ୍ଷେତ ସୁନା ହେଇଯାଏ
ସାହୁକାରର ଖଳା ଭରିଯାଏ
ସୁନାରେ ସୁନାରେ ।

ବୁଢ଼ାର ପିଠିରେ ପ୍ରତିବର୍ଷ
ବଢ଼ି ଚାଲେ ମଧୁର କ୍ଷତ
ସର୍ବାଙ୍ଗରେ ଚରିବୁଲେ ।

ବାଘ ପରି ଖରା ସହ ଲଢ଼ି ଲଢ଼ି
ବୈଶାଖ ଜ୍ୟେଷ୍ଠରେ ପୁଣି
ସେ ଲଙ୍ଗଳ ବୁଲାଏ ।

ବୁଢ଼ାର ଗୀତ ପକ୍ଷୀଏ ନେଲେ
ବୁଢ଼ାର ଫସଲ ବାଘକୁ ଦେଲେ ।
ଏବେ କ୍ଷେତ କହିଲେ ଲୋକ
କ୍ଷତ କହିଲେ ଲୋକ
ମକା ପକ୍ଷୀ ଗୀତ କହିଲେ ବି
ସେଇ ବୁଢ଼ାଲୋକ
ଯେ ବିନା ନାଁରେ ଜନ୍ମନିଏ
ମାଟି ତାଡ଼େ
ଫସଲ ଫଳାଏ,
ବୟସ ନଜାଣି ମରିଯାଏ
ସାଉକାରର ଫସଲ ଫଳାଇବାକୁ
ଧୂସର ମାଟିକୁ
ବାରବାର ଫେରି ଆସୁଥାଏ ।

♥ ଖିଦିରପୁର ଓଡିଆ ହାଇସ୍କୁଲ,
୧-ସତ୍ୟ ଡକ୍ଟର ରୋଡ,
କୋଲକାତା-୭୦୦୦୨୩,
(ମୋ) ୯୪୩୪୪୫୮୪୧୬

## ବିମଳଚାନ୍ଦ ପଟ୍ଟନାୟକ



### ॥ ଗୃହଯୋଗ୍ୟା ॥

ତୁ ପରା ଝିଅରୁ ଝର୍କା ହେଇଗଲୁ
ଅଭ୍ୟାସ କରିନେ ପିନ୍ଧିବାକୁ ପର୍ଦା
ତୋତେ ନିଆଁ ପାଖକୁ ଯିବାକୁ ମନା
ତୋ ଜାମା ପରା ଏବେ ଲହୁଣୀର କନା !

ଦେହରେ ଗୁଡେଇଦେବୁ କୋଟିବସ୍ତ୍ର
ଛାତିରେ ଭରିଦେବୁ ଶୀତଳତା
ଏବେଏବେ ମେଘଭରା ଆକାଶରେ
ଇନ୍ଦ୍ରଧନୁଟା ହେଉଛି ଆଉଟା ।


ନ ପରଖି ଡଙ୍ଗାରେ ରଖିବୁନି ପାଦ
ନାଉରୀଟା ମଝିନଈରେ
ଛାଡିଦେବାର ଭୟ ଅଛି ପରା !

ପ୍ରଶ୍ରୟ ଦେବୁନି ଚିହ୍ନିନଥିବା ଚପଳତାକୁ
ଗୁଜବର ମହାମାରୀ ଏବେ ସର୍ବବ୍ୟାପୀ,
ନଚେତ୍
ନିଶ୍ୱାସରୁ ଘଡିକେ ବୋଲାଇବୁ ପାପୀ ।

ଆଲୁଅକୁ ଆଡେଇବୁନି ପିନ୍ଧିବାକୁ ଅନ୍ଧାର
ପଡିବୁନି ରଙ୍ଗୀନ ଦୁନିଆର ମୋହରେ ଜମା,
ସବୁରଙ୍ଗ ମିଶିଗଲେ ପରା ଶ୍ୱେତବର୍ଣ୍ଣ ହୁଏ
ସେଥିରେ ଥରେ ଲାଗିଗଲେ ଦାଗ
ଡିଙ୍ଗିରୁ ଖସିଯିବ ସମା ।

ମନରେ ପିନ୍ଧିନେବୁ ଲାଜ
ଏରୁଣ୍ଡି ଡେଇଁବା ଆଗରୁ ବାନ୍ଧିନେବୁ ତୁଣ୍ଡି
ନାଇଦେବୁ ମୁଖା,
କାରଣ କେହିନାହିଁ ସହୋଦର ଏଠି
ନାହିଁ ଜମା କେହି ତୋର ସଖା !

+ ଦୁର୍ଗୀ, ରାୟଗଡା
(ମୋ) ୭୦୦୮୨୩୨୬୦୬



## କବିତା.... ଆମ ସମୟର

## ହରପ୍ରସାଦ ମହାପାତ୍ର



### ॥ ନିଶ୍ଚିନ୍ତକୋଇଲି ॥

କେବେଦିନେ କୋଇଲିର କୁହୁତାନ ଶୁଣିଥିଲେ ମନୋଜ ଦା' ଗୁରୁ ମହାନ୍ତି ବି,
କଟକରୁ ଚାନ୍ଦବାଲି ଗଲାବେଳେ ଦେଖିଥିଲେ ମନ୍ତ୍ରମୁଗ୍ଧ ତାର ପ୍ରତି ଛବି ।
କାଡା କଡେ ଧାଡି ହେଇ ଚଷା ପୁଅ ହଳ ସଙ୍ଗେ ପାଞ୍ଚଣକୁ ଧରି
ସତେ କି ବାହାରି ଥାଏ ଜୟ କିଷାନର ଏକ ପ୍ରଭାତରେ ଫେରି ।

ଠାଏ ଠାଏ ଧାନକ୍ଷେତ, ସୁଦୀର୍ଘ ତା ଝୋଟର ଜଙ୍ଗଲ
ଗୋଧୂଳିରେ ଗୋଠ ମୁହାଁ ରାସ୍ତା ପାରି ଧେନୁ ପଲ ପଲ ।
ଧାନ କ୍ଷେତ ଶେଯ ପରେ ନିଶ୍ଚିତରେ ଶୋଇଥାଏ ମଧ୍ୟାହ୍ନ ଆକାଶ
ମେଘ ହୋଇ ଝୁଲୁ ଥାଏ ସେ ଆକାଶ କ୍ୱରୀର ଚାରୁ କମ୍ର କେଶ !

ଏ ପଲ୍ଲୀର ପ୍ରତିଘରେ ନେତା ଏବେ ତିନିଟି ଦଳର
ଘରେ ଘରେ ଅଧାକାନ୍ଥି, ଅଗଣାକୁ ଭାଗ କରେ ହିଂସାର ପ୍ରାଚୀର
ସୂର୍ଯ୍ୟ ଏଠି ଉଁଏ ନିତି ତାଲୁ ଭାଇ ମଦ ଭାଟି ଖୋଲିଯିବା ପରେ
ସଞ୍ଜ ନଏଁ ସଞ୍ଜୁ ବେଉରାଣୀ ଘର ନିତ୍ୟରାସ ଅନ୍ଧାରି ଆସରେ ।

ଦୋକାନ ମାଡିଛି ରାସ୍ତା ଅଧା ଅଧି କରି ସଙ୍କୁଚିତ
ବ୍ୟବସାୟ ଭିଡ ଆଉ ଟ୍ରକ ବସ ଚଳାଚଳ ଏବେକୁ ବହୁତ ।
ଯହିଁ ଲାଗି ହମ୍ସସ ରୋକେ ଗାଡି ଗତି କଲେଜ ଛକରେ
ଲୋକ ନେବା ପାଇଁ ଏଠୁ ମାଡ ଅବା ଅଧା ପଇସାରେ ।

କାଉକୁ ଦେଖାଇ ମାଆ କହେ କୋଇଲି ଯାଠୁ ଅଳପ ଫରକ
ପକ୍ଷୀ ମାନଚିତ୍ର ଧରି ବୁଝାନ୍ତି ଶିକ୍ଷକ, ତାର ଦୁର୍ଲଭ ରୂପରେଖ ।
ଆଉ ନାହିଁ ସେ କାଳର ବସ ଏଠି ଛିଡା ହେବା ମୁହୂର୍ତ୍ତର ସୁନ୍ଦର ଆକାଶ
ଟ୍ରକର ଚକତଳେ କେ କରିଛି କୋଇଲିର ଜୀବନ ନିଃଶେଷ !

+ ନିର୍ମାଲ୍ୟ, ୨୬୩୦, କେଦାର ଗୌରୀ ବିହାର, ଭୁବନେଶ୍ୱର -୧୪

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୨ ସେପ୍ଟେମ୍ବର, ୨୦୨୧




## ■ ଆଲୋଚନା ■



# ଅଭିଭାବକ ମାନଙ୍କ ଅସହାୟତା ପାଇଁ ଦାୟୀ କିଏ ?

**ପ୍ରଦୀପ୍ତ ଆଚାର୍ଯ୍ୟ**

ପିଲା ମାନଙ୍କୁ ମଣିଷ କରିବା ପାଇଁ, ଅଭିଭାବକ ମାନଙ୍କୁ ଏକ ଗୁରୁତ୍ୱପୁର୍ଣ ଭୂମିକା ନିର୍ବାହ କରିବାକୁ ପଡିଥାଏ।

ପୂର୍ବାପେକ୍ଷା ଅଧୁନା ତାହା ଅତି ମାତ୍ରାରେ ତୀବ୍ର ହୋଇଅଛି। ପରସ୍ପର ଭିତରେ ପ୍ରତିଯୋଗିତା। କାହା ପିଲା କେଉଁ ଦେଶରେ ଅଛି, ବାର୍ଷିକ ପ୍ୟାକେଜ୍ କେତେ ଲକ୍ଷ ପାଉଛି, କେଉଁ କମ୍ପାନୀର ଗାଡି ଚଢୁଛି, ତାର ଦାମ୍ କେତେ, କେଉଁ ଯାଗାରେ କେତୋଟି ଘର ଇତ୍ୟାଦି।ଏ ସବୁ ଗପିବାରେ ମଧ୍ୟ ପ୍ରତିଯୋଗିତା। ଆଉ ସବୁଠାରୁ ଆଶ୍ଚର୍ଯ୍ୟ କଥା, ଯେଉଁ ଅଭିଭାବକ ମାନଙ୍କର ପିଲା ଟିକେ ଦୁର୍ବଳ ରହି ଯାଇଛନ୍ତି, କିଛି କରି ପାରୁ ନାହାନ୍ତି, ସେଇ ମାନଙ୍କ ସମ୍ମୁଖରେ, ଏମାନଙ୍କର ବାହାସ୍ଫୋଟ ଅତ୍ୟନ୍ତ ଦୁର୍ବିସହ। ପିଲା ମାନଙ୍କର କୃତିତ୍ୱ ବଖାଣିବା ବେଳେ ପ୍ରତୀୟମାନ ହୁଏ, ସତେ ଯେପରି ସେମାନେ ଏ ଦେଶର ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କର ପିତା। କ୍ରିନ୍ତୁ ପ୍ରକୃତ ପକ୍ଷରେ, ଆମେ ପିଲା ମାନଙ୍କୁ ମଣିଷ କରିବା ପରିବର୍ତ୍ତେ,ଗୋଟିଏ ଅର୍ଥ ରୋଜଗାରର ଯାନ୍ତ୍ରିକ ମାନବ ସୃଷ୍ଟି କରିଥିବା ଅଭିଭାବକ ମାନେ, କେତେ ଯେ ଅସହାୟ ତାହା ବିଚାର୍ଯ୍ୟ।

ବିଦେଶରେ ରହୁଥିବା ପିଲାମାନେ ଅନିଚ୍ଛା ସତ୍ୱେ, ଲୌକିକତା ଦୃଷ୍ଟିରୁ, ସେମାନଙ୍କ ପିତାମାତାଙ୍କୁ, ତାଙ୍କ ପାଖରେ ରଖିବା ପାଇଁ ପ୍ରସ୍ତାବ ଆଗତ କଲେ ମଧ୍ୟ, ପିତାମାତା ମାନେ ବିଦେଶରେ ପିଲା ମାନଙ୍କ ଆବାସରେ, ବନ୍ଦୀ ଜୀବନ ଯାପନ ଆଶଙ୍କାରେ ଭୟଭୀତ ଏବଂ ଜନ୍ମମାଟି ଛାଡି ସେଠାକୁ ଯିବାକୁ ସମ୍ପୂର୍ଣ ଅନିଚ୍ଛୁକ।ପିଲା ମାନଙ୍କର ଦାମୀ ଗାଡିରେ ଭ୍ରମଣ କରିବା ଅଭିଳାଷ ଥିଲେ ମଧ୍ୟ, ସେମାନଙ୍କ ବ୍ୟସ୍ତ ବହୁଳ ଜୀବନକୁ ଲକ୍ଷ କରି, ତାଙ୍କ ଇଚ୍ଛାକୁ ପିଲା ମାନଙ୍କ ଆଗରେ ଉପସ୍ଥାପିତ କରିବାକୁ ଆଗ୍ରହ ରହିତ। ପିତାମାତାଙ୍କର ଦୈନନ୍ଦିନ ବ୍ୟବହାର୍ଯ୍ୟ ଆବଶ୍ୟକୀୟ ଦ୍ରବ୍ୟ ଯୋଗାଇ ଦେବାକୁ ମଧ୍ୟ, ପିଲା ମାନଙ୍କ ନିକଟରେ ସମୟ ଓ ଆନ୍ତରିକତାର ଅଭାବ। ଆମେ ସବୁ ଅସହାୟ ଅଭିଭାବକ ମାନେ ଉପରକୁ ଯେତେ ଦମ୍ଭ ଦେଖାଇଲେବି, ପିଲା ମାନଙ୍କ କୃତିତ୍ୱ ସମ୍ବନ୍ଧରେ ଯେତେ ବର୍ଣନା କଲେ ମଧ୍ୟ, ଆମ୍ଭ ମାନଙ୍କ ହୃଦୟ ଭିତରେ କେଉଁଠି ନା କେଉଁଠି ରହି ଯାଉଛି ଏକ ଶୂନ୍ୟ ସ୍ଥାନ।

ପ୍ରଚୁର ଅର୍ଥ ଉପାର୍ଜନ କରିବାର ଶିକ୍ଷା ପ୍ରଦାନ ବ୍ୟବସ୍ଥା ଆମେ କରାଇପାରିଛେ, କିନ୍ତୁ ବୋଧହୁଏ ସାମାନ୍ୟତମ ନୈତିକ ଶିକ୍ଷାର ବ୍ୟବସ୍ଥା ଆମେ କରାଇପାରିନେ। ନିଜର ସୁଖ ସ୍ୱାଚ୍ଛନ୍ଦକୁ ଜଳାଞ୍ଜଳି ଦେଇ ପିଲା ମାନଙ୍କୁ ଉଗ୍ର ଆଧୁନିକତାର ପଥରେ ପଥିକ କରାଇ ଦେଇ ପାରିଛେ, କିନ୍ତୁ ଆଦର୍ଶବୋଧ ଶିକ୍ଷା ପ୍ରାପ୍ତିର ସୁଯୋଗ ସୃଷ୍ଟି କରାଇ ପାରିନାହେଁ। ଆଧୁନିକତା ପ୍ରତିଯୋଗିତା ପାଇଁ, ଆବଶ୍ୟକତା ପରିପୂରଣ ନିମନ୍ତେ ସତ୍ୟ ଧର୍ମ ନ୍ୟାୟ ଦିଗକୁ ଚକ୍ଷୁ ମୁଦ୍ରିତ କରି, ଆମ ପିଲା ମାନଙ୍କର ଅର୍ଥ ଉପାର୍ଜନ କରିବାର ପ୍ରବଳ ତୃଷ୍ଣା,ସେମାନଙ୍କୁ ଏକ ନିଶାଗ୍ରସ୍ତ ମାନବ ରୂପରେ ଗଢି ତୋଳିଛି।

କିନ୍ତୁ ଏସବୁ ବ୍ୟତିକ୍ରମ ପାଇଁ ଦାୟୀକିଏ ?ପରିବାରର ଦୃଢ ବନ୍ଧନ ଆଜି କଣ ପାଇଁ ଶିଥିଳ ? ପିଲା ମାନଙ୍କ ହୃଦୟରୁ ସ୍ନେହ, ଶ୍ରଦ୍ଧା, ଘନିଷ୍ଠତା, ଭାତୃତ୍ୱଭାବ, ଆତ୍ମୀୟତା ପରି ସ୍ୱର୍ଗୀୟ ଗୁଣ ଗୁଡିକ କାହିଁକି ବିଲୁପ୍ତ ? ଏଥିପାଇଁ ଦାୟୀ କେବଳ ଆମେ ଅସହାୟ ଅଭିଭାବକ ମାନେ। ନିଜର ତ୍ରୁଟିକୁ ଅବଲୋକନ କରିବାର ଚକ୍ଷୁ ଆମର ମୁଦ୍ରିତ। ଗୁଡି ବହୁତ ଉପରକୁ ଉଠିବ ବୋଲି ତାର ସୁତ୍ରକୁ ଆମେ ଛିନ୍ନ କରିଦେଇଛେ।

ମନୋରଂଜନ ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି ତାଙ୍କର ପୁତ୍ର ସହିତ କୌଣସି ଏକ ସ୍ଥାନରେ ଗୁଡି ଉଡାଉଥିଲେ। ଗୁଡିଟି ବହୁତ ଉଚ୍ଚରେ ଉଡିବା ପରେ, ପୁତ୍ର ତାର ପିତାଙ୍କୁ ପ୍ରଶ୍ନ କଲା,ବାପା ଏ ଗୁଡି ଏତେ ଉପରକୁ କିପରି ଯାଉଛି ? ପିତାଙ୍କର ଉତର ଥିଲା, ସୁତା ଦ୍ୱାରା, ସୁତାହିଁ ଗୁଡିକୁ ନିୟନ୍ତ୍ରଣରେ ରଖିଥିବାରୁ,ଏହା ବହୁତ ଉପରକୁ ଉଠି ପାରୁଛି।ଉତରରେ ସନ୍ତୁଷ୍ଟ ନହୋଇ, ପିଲାଟି କହିଥିଲା, ନାଁ ବାପା ସୁତାଟା ଗୁଡିକୁ ତଳକୁ ଟାଣୁଛି। ସୁତାକୁ କାଟିଦିଅ, ଏହା ଆହୁରି ଉପରକୁ ଉଠିଯିବ। ପୁତ୍ରର ଅଜ୍ଞାନତା ଓ ଅବାସ୍ତବ ଜିଦ୍ ନିକଟରେ, ପିତାର କର୍ତବ୍ୟବୋଧ ପରାଜିତ ହୋଇଥିଲା।ସେ ଗୁଡି ସୁତାକୁ ଛିଡାଇ ଦେଇଥିଲେ।ତାପରେ ଗୁଡିର ଅବସ୍ଥା କଣ ହୋଇଥିବ ଆପଣ ମାନେ ଅନୁମାନ କରି ପାରୁଥିବେ ?

ପିଲା ମାନଙ୍କୁ ନିୟନ୍ତ୍ରଣରେ ରଖିବାର ଗୁଡି ସୁତାକୁ ଆମ୍ଭେମାନେ କାଟି ଦେଇଛେ। ପିଲାଟା କିପରି ପଢୁଛି, କେତେବେଳେ ଘରକୁ ଫେରୁଛି, କେଉଁ ପ୍ରକାର ସାଙ୍ଗ ମାନଙ୍କ ସହିତ ମିଶୁଛି, ଏ ସବୁ ଦିଗ ପ୍ରତି ଆମେ ଉଦାସୀନ। ଆମେସବୁ ନିଜେ ରାତି ନଅଟା ପର୍ଯ୍ୟନ୍ତ ବିନା କାର୍ଯ୍ୟରେ ପଦାରେ ବୁଲି, ପରନିନ୍ଦା ପରଚର୍ଚ୍ଚା ରୁପକ ଅଫିମ ନିଶାରେ କବଳିତ। କେବଳ ବିଦ୍ୟାଳୟକୁ ପଠାଇ ଏବଂ ଟିଉସନ ଦେଇ ଅର୍ଥ ଖର୍ଚ୍ଚ କରିଦେଲେ, ଆମର ଦାୟିତ୍ୱ ସରିଗଲା ବୋଲି ଆମର ଧାରଣା। ଆମ ପିଲାଟିର ଦକ୍ଷତା କେତେ, ଆମେ ତାହା ଆକଳନ ନକରି,ପଡିଶା ପିଲାର ଅଧିକ ଦକ୍ଷତା ସାଙ୍ଗରେ ତୁଳନା କରି, ତାକୁ ବାରମ୍ବାର ଅପମାନିତ କରୁଅଛେ।ଯଦି ପିଲାଟି ସମସ୍ତ ପାଠ୍ୟ ବିଷୟରେ ଭଲ ଫଳ ପ୍ରଦର୍ଶନ କରି, ଗୋଟିଏ କିମ୍ବା ଦୁଇଟି ବିଷୟରେ ଖରାପ କରିଥାଏ, ତେବେ ଭଲ କରିଥିବା ବିଷୟ ପାଇଁ ତାକୁ ପ୍ରଶଂସା ନକରି, ପ୍ରଥମେ ଖରାପ କରିଥିବା ବିଷୟ ପାଇଁ ଗାଳି ଦେବାରେ ଆମେ ଅଭ୍ୟସ୍ତ। ଆମ ପିଲା କେବଳ ପୁସ୍ତକ କୀଟ ହୋଇ ଶତ ପ୍ରତିଶତ ନମ୍ବର ରଖୁ, ଏହାହିଁ ଆମର ଅଭିଳାଷ।

ଜନୈକ ଭଦ୍ର ବ୍ୟକ୍ତି ତାଙ୍କର ବନ୍ଧୁଙ୍କ ନିକଟରେ, ତାଙ୍କ ପୁତ୍ର କିପରି ତାଙ୍କୁ ଅବହେଳା ପ୍ରଦର୍ଶନ କରୁଛି, ଏହି କଥା ବାରମ୍ବାର ବୟାନ କରନ୍ତି। ଏକଥା ଶୁଣି ବନ୍ଧୁ ଜଣକ, ତାଙ୍କର ପୁତ୍ରକୁ ଭେଟି, ପିତାମାତାଙ୍କୁ ଅବହେଳା ନକରିବା ନିମନ୍ତେ ବୁଝାଇବାକୁ ପ୍ରୟାସ କଲେ। ପୁତ୍ରଟିର ଉତର ଥିଲା, ଅଙ୍କଲ୍ ପିତାମାତାଙ୍କର ପ୍ରତ୍ୟକ୍ଷ ଯତ୍ନ ନେଇ ନପାରୁଥିବା ଅପରାଧରେ, ମୋର ବିବେକ ମୋତେ ବାରମ୍ବାର ଦଂଶନ କରୁଅଛି। କିନ୍ତୁ ମୁଁ ନାଚାର। ଆପଣ ମଧ୍ୟ ମୋ ପରିସ୍ଥିତିରେ ଥିଲେ ଆଉ ଅଧିକ କିଛି କରି ପାରି ନଥାନ୍ତେ। କାରଣ ମୁଁ ମୋର ବାପାମାଆଙ୍କୁ ଆଣି ମୋ ପାଖରେ ରଖିଥିଲି। ତାଙ୍କର ସମସ୍ତ ପାର୍ଥିବ ଆବଶ୍ୟକତାକୁ ପୁରଣ କରି ପାରିଥିଲେ ମଧ୍ୟ, ତାଙ୍କର ମାନସିକ ଆନନ୍ଦ ପାଇଁ ସାହଚର୍ଯ୍ୟ ମୁଁ ପ୍ରଦାନ କରି ପାରି ନଥିଲି। ଆପଣ ତ ଜାଣିଛନ୍ତି, ମୁଁ ଏବଂ ମୋର ପତ୍ନୀ ଆମେ ଦୁଇଜଣ ଯାକ କର୍ମଜୀବି। ଏଠାକାର ସମସ୍ତ ବ୍ୟକ୍ତି କିଛି ନା କିଛି କାର୍ଯ୍ୟରେ ନିୟୋଜିତ। କାହାରି ସମୟ ନାହିଁ, କାହା ସାଙ୍ଗରେ ବସି ଗପି ଅଯଥାରେ ସମୟ ନଷ୍ଟ କରିବା ପାଇଁ। ନିସଙ୍ଗତା ଦୃଷ୍ଟିରୁ ଏଠାକାର ରହଣୀ ସେମାନଙ୍କୁ ବନ୍ଦୀଗୃହ ସଦୃଶ୍ୟ ପ୍ରତୀୟମାନ ହେଲା ଏବଂ ଜନ୍ମମାଟିର ଆକର୍ଷଣ ଓ ମୋହ ସେମାନଙ୍କ ଠାରେ ଅଧିକ ପରିଲକ୍ଷିତ ହେଲା। ତେଣୁ ସେମାନେ ମୋ ପାଖରେ ରହିବା ପାଇଁ ଆଉ ପସନ୍ଦ କଲେ ନାହିଁ। ଦ୍ୱିତୀୟରେ ମୋର ପିତାମାତା, ମୋ ଶୈଶବ କାଳରେ, ତାଙ୍କ ସ୍ନେହ ଶ୍ରଦ୍ଧାରୁ ବଂଚିତ କରି, ମୋତେ ଏକ ଯନ୍ତ୍ର ମାନବରେ ପରିଣତ କରିଦେଇଛନ୍ତି। ସେମାନଙ୍କର କର୍ମ ବ୍ୟସ୍ତତା ଏବଂ ଉଦାସୀନତା ନିମନ୍ତେ, ମୁଁ ଆୟା କୋଳରେ ଶ୍ରଦ୍ଧାରୁ ବଂଚିତ ହୋଇ ମଣିଷ ହେଲି। ଶୈଶବରେ ଆୟାର ଆନ୍ତରିକତା ବିହୀନ ଦାୟୀତ୍ୱ ଏବଂ କୈଶୋର ଅବସ୍ଥାରେ ଆବାସିକ ବିଦ୍ୟାଳୟରେ ଅଧ୍ୟୟନ, ଆମ ପାରିବାରିକ ବନ୍ଧନର ରଜ୍ଜୁକୁ ସମ୍ପୂର୍ଣ ଶିଥୀଳ କରିଦେଲା। ଖେଳକୁଦ, ମନୋରଂଜନ ଓ ଭ୍ରମଣ ଆଦି କାର୍ଯ୍ୟରୁ ବଂଚିତ କରି, ଆମକୁ କେବଳ ବିଦ୍ୟା ଅଧ୍ୟୟନ ପୁର୍ବକ ମାନସିକ ଯନ୍ତ୍ରଣା ପ୍ରଦାନ କରାଗଲା। ଆମ ହୃଦୟରୁ ସ୍ନେହ ଶ୍ରଦ୍ଧାର ନିର୍ଝରଣୀ ସମ୍ପୂର୍ଣ ଶୁଷ୍କ ହୋଇଗଲା। ପିତାମାତାଙ୍କ ନିକଟକୁ ସେମାନଙ୍କ ସ୍ୱାଚ୍ଛନ୍ଦ ଚଳଣି ପାଇଁ ପ୍ରଚୁର ଅର୍ଥ ପ୍ରେରଣ କରି, ସେମାନଙ୍କ ଦେଖାଶୁଣା କରିବା ପାଇଁ ବେତନ ପ୍ରାପ୍ତ ବ୍ୟକ୍ତି ନିଯୁକ୍ତ କରି ଦେଇଛୁ। ଆଉ ଅଧିକ ମୁଁ କଣ କରି ପାରିବି, କୁହନ୍ତୁ ଅଙ୍କଲ୍‌ନିର୍ବାକ ନିରୁତର ଥିଲେ ଅଙ୍କଲ।

ପ୍ରକୃତରେ ଏଥିପାଇଁ ଆମେ କଣ ଆମ ପିଲାମାନଙ୍କୁ ଦାୟୀ କରିପାରିବା ଆମେ ସବୁ ଅସହାୟ ଅଭିଭାବକ, ଆମ ପୁତ୍ର କନ୍ୟା ମାନଙ୍କର ସନ୍ତାନ ବା ଆମର ନାତି ନାତୁଣୀଙ୍କୁ କୋଳରେ ଧରି ସ୍ୱର୍ଗୀୟ ଆନନ୍ଦ ପ୍ରାପ୍ତିରୁ ବଂଚିତ। ଭାରତୀୟ ସଂସ୍କୃତି ସମ୍ପନ ପରିବାର ଆଜି ଧ୍ୱଂସ। ଆମେ ଆମର ପିଲା ମାନଙ୍କୁ ସଂସ୍କୃତି, ପରମ୍ପରା ଓ ନୈତିକ ଶିକ୍ଷାରୁ ବଂଚିତ କରି, ଉଚ୍ଚ ଶିକ୍ଷିତ କରି, ପ୍ରଚୁର ଅର୍ଥ ରୋଜଗାର କରାଇ, ଜରାଶ୍ରମରେ ଜୀବନ କାଟିବା ନା ଏଥିପାଇଁ କିଛି ବିକଳ୍ପ ଚିନ୍ତା କରିବା ? ଏବେ ଆତ୍ମ ସମୀକ୍ଷାର ବେଳ ଉପଗତ।


+ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ଈଶାଣୀବ୍ରହ୍ମପୁର,କଟକ


## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ସୃଷ୍ଟିଧର ପରିଡା

ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ ।- ଲେଖକ

ସ୍ୱାମୀ-ସ୍ତ୍ରୀ ଉଭୟଙ୍କର ମଧ୍ୟରେ ନିରବତା ବଢୁଥିଲା । ଗୋଟିଏ ଘରେ ସେମାନେ ଯନ୍ତ୍ର ପରି ପରିଚାଳିତ ହେଉଥିଲେ । ମୌସୁମୀଙ୍କୁ ଏସବୁ ଭଲ ଲାଗୁନଥିଲା । କେତେଦିନ ଚାଲିବ ଏ ପ୍ରହସନ ? ରାଜନୀତି କଣ ଏମିତି ଭାଂଗି ଦେବ ତାଙ୍କ ସଂସାର, ଯାହାର ଏଇ ଅଳ୍ପ ଦିନ ତଳେ ମୂଳଦୁଆ ପଡିଛି ! ଅଭିମାନ ନାଁରେ ସ୍ୱାମୀଙ୍କୁ ଅବାଟକୁ ଛାଡିଦେବା କଣ ସ୍ତ୍ରୀର କର୍ତ୍ତବ୍ୟ ହେବା ଉଚିତ୍ ? ଯୋଉ ସମୟରେ ସ୍ୱାମୀର ମିଠା ମିଠା କଥାରେ ରାତି ପାହିଯା'ନ୍ତା, ସେ ସମୟରେ ସିଏ ସ୍ୱାମୀଙ୍କୁ ପଛ କରି ଶୋଇବ କେତେଦିନ ? ଓମ୍ କି ନିଷ୍ଠୁର ହୃଦୟ ପାଇଛନ୍ତି ସେ ? ରାଜନୀତିର ଚିକ୍‌ମିକ୍ ଦୁନିଆ ଆଗରେ ସ୍ତ୍ରୀର ଅଭିମାନର କଣ କୌଣସି ମୂଲ୍ୟନାହିଁ ? ଦିନକୁ ଦିନ ଅଭିମାନର କାକର ବିନ୍ଦୁ ଜମି ଜମି ବରଫର ଓଜନିଆ ପାହାଡ ପାଲଟୁଥିଲା । ସେଇ ଓଜନିଆ ପଥର ତଳେ ଚାପି ହୋଇ ଯାଉଥିଲା ମୌସୁମୀ । ଗୋଟିଏ ବିଛଣାରେ ଶୋଇଲେ ବି ଦୁହିଁଙ୍କ ଭିତରେ ଯୋଜନ ଯୋଜନ ବ୍ୟାପୀ ଦୂରତା । ଦୁହିଁଙ୍କ ମଝିରେ ଶୋଉଥିଲା କୁନି ପୁଅଟି । ମୌସୁମୀ ଭାବୁଥିଲା, କେମିତି ହୃଦୟଶୂନ୍ୟ ପାଲଟିଗଲେ ଓମ୍ ? ଦିନ ଦିନ ହୋଇ ଆଠ ଦିନ ବିତିଗଲାଣି ଏ ଭିତରେ । କିନ୍ତୁ ବଢି ବଢି ଚାଲିଛି ଦୂରତା । ନିଜ ଘରେ ବି ଅତିଥି ପରି ଚଳୁଛନ୍ତି ଓମ୍ । ଯୋଉଲୋକ ବିନା କିଛି ସାହାଯ୍ୟରେ ନିଜର ଗାମୁଛା କି ଟାୱେଲ ଖଣ୍ଡେ ପାଆନ୍ତିନି, ସିଏ ନିଜେ ନିଜର ଲୁଗାପଟା, ଫାଇଲ୍‌ପତ୍ର ଖୋଜି ନେଉଛନ୍ତି । ଖାଇବା ସମୟ ହେଲେ ଖାଇବା ଜାଗାରେ ଆସନ ପକେଇ ବସିଯାଉଛନ୍ତି । ଯାହା ବାଢି ଦେଉଛନ୍ତି ମୌସୁମୀ, ତାଙ୍କୁ ଖାଇନେଉଛନ୍ତି ଚୁପ୍‌ଚାପ୍ । ଘରେ ବି କାହା ସହ କିଛି କଥାବାର୍ତ୍ତା ନାହିଁ ।

ଯା'କୁ କଣ ଜୀବନ କହନ୍ତି ? କାନ୍ଦି କାନ୍ଦି ରାତି ପାହିଯାଉଛି ମୌସୁମୀର । ହେଲେ ଓମ୍‌ଙ୍କ ତରଫରୁ କୌଣସି ପ୍ରତିକ୍ରିୟା ନାହିଁ । ଅନଶନ କରିଛନ୍ତି ମୌସୁମୀ ନା ଓମ୍ ? ଦ୍ୱନ୍ଦ୍ୱରେ ପଡିଲା ମୌସୁମୀ । ଅନ୍ୟମାନଙ୍କୁ କଷ୍ଟ ଦେବାକୁ ନା ନିଜେ କଷ୍ଟ ପାଇ ନିଜ ଲକ୍ଷ୍ୟ ହାସଲ କରିବାକୁ ଚୁପ୍ ରହିଛନ୍ତି ଓମ୍ ? ପୁଅଟିକୁ ବି କୋଳକୁ ନେଉନାହାନ୍ତି ପୂର୍ବ ପରି ।

ଆଖିର ଲୁହକୁ ପଣତରେ ପୋଛିଲା ମୌସୁମୀ । ନିଜ ମନ ସହ ସାଲିସ୍ କଲା ସେ । ନାଁ ସେ ଶେଷ ପର୍ଯ୍ୟନ୍ତ ଚେଷ୍ଟା କରିବ । ତା'ପରେ ଯାହା ଭାଗ୍ୟରେ ଥିବ । ନିଜ ଅଭିମାନକୁ ନିଜ ହାତରେ ଆଡେଇ ଦେଲା ମୌସୁମୀ ଏବଂ ଓଁକାରନାଥଙ୍କୁ ମନେଇବାରେ ଲାଗିଗଲା । କହିଲା, ଅଭିମାନ ଆମ ସୁଖ ସଂସାରରୁ କେତେଦିନ ଚୋରେଇ ନେଲାଣି ଜାଣିଛ ? ଏମିତି ଏମିତି ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଦିନ ସରିଯିବ ସିନା କିନ୍ତୁ କୌଣସି ସମସ୍ୟାର ସମାଧାନ ହେବନି । ମୋ କଥାକୁ ଟିକେ ବୁଝିବାକୁ ଚେଷ୍ଟାକର । ଆମେ କେହି ତୁମର ଶତ୍ରୁ ନୋହୁ । ଆଜିକାଲିର ରାଜନୀତି ହେଉଛି ସତରେ ଗୋଟିଏ ମିଛ ଛଳନାର ପ୍ରହେଳିକା । ସ୍ୱାର୍ଥର ଗୋଟେ ଖେଳ। ବିନା ସ୍ୱାର୍ଥରେ କୌଣସି ନେତା ରାଜନୀତି କରନ୍ତି ନାହିଁ । ରାଜନୀତି ହେଉଛି କ୍ଷମତାର ବିଷ । ଏହି ବିଷକୁ ଆମଭଳିଆ ସାଧାରଣ ଲୋକେ ହଜମ କରିପାରିବେ ନାହିଁ । ଏଇ ନେତାମାନେ ଜଣେ ଜଣେ ଖଳନାୟକ । ସେମାନେ ନିଜର ଇଚ୍ଛା ଅନୁସାରେ ଚେହେରା ବଦଳେଇ ଅନ୍ୟକୁ କାବୁ କରିଦେଇ ପାରନ୍ତି । ସେମାନଙ୍କର ପ୍ରତିଶ୍ରୁତି ଯେପରି ମିଛ, ତାଙ୍କ ଜୀବନଟା ମଧ୍ୟ ସେପରି ମିଛ । ତାଙ୍କ ପାଖରେ ଅନୀତି ସବୁ ନୀତି, ଅନ୍ୟାୟ ସବୁ ନ୍ୟାୟ । ଆଜିର ନେତା ଓ ରାଜନୀତି ମିଛ ଛଳନାର ଗୋଟେ ଚକ୍ରବ୍ୟୁହ । ଯାହା ନିମିଷକ ମଧ୍ୟରେ ଗୋଟିଏ ସୁଖୀ ପରିବାରକୁ ଭାଙ୍ଗି ଚୁର୍‌ମାର୍ କରି ଦେଇପାରେ । ତମେ ଏ ରାଜନୀତିରେ ପଶିଲେ ଆମର ସୁଖ ରହିବ ? କେହି ଆମେ ଶାନ୍ତିରେ ରହିପାରିବା ? ଶେଷରେ ଆମ ସଂସାର ଭାସିଯିବା ତ ହିଁ ସାରହେବ ।

ନିରବରେ ମୌସୁମୀ ମୁହଁକୁ ଚାହିଁ ରହିଥିଲେ ଓମ୍ ।

ଓଁକାରନାଥଙ୍କ ହାତରେ ହାତ ରଖି ମୌସୁମୀ କହିଥିଲେ - ଓମ୍, ତୁମେ ବୁଝିବାକୁ ଚେଷ୍ଟାକର । ସମସ୍କନ୍ଧ ଲୋକଙ୍କ ସହ ସିନା ବନ୍ଧୁତା କରା ଯାଇଥାଏ ! କାହିଁ ବିଜୟାନନ୍ଦ - ଆଉ କାହିଁ ଆମେ । ଦୁଇଟି ଡଙ୍ଗାରେ ପାଦ ଦିଅନା ଓମ୍ । କୌଣସି କୂଳରେ ପହଞ୍ଚି ପାରିବ ନାହିଁ । ବିଜୟାନନ୍ଦ ତୁମକୁ ପାଳଭୂତ କରି ରଖିବାକୁ ଚାହାନ୍ତି - ପାଳଭୂତ ଯେପରି କ୍ଷେତକୁ ଜଗି ରହିଥାଏ ତୁମେ ସେପରି ନାଁକୁ ମାତ୍ର ନେତା ହେବ, ସବୁ କିଛି କରିବେ ମନ୍ତ୍ରୀ ବିଜୟାନନ୍ଦ ।

ହସିଲେ ଓମ୍ । କହିଲେ - ଦେଖ ସୁମୀ, ମୁଁ ଛୋଟପିଲା ନୁହେଁ ଯେ ବିଜୟାନନ୍ଦ ବାବୁଙ୍କ ହାତରେ ମୋହରା ହୋଇ କଣ୍ଢେଇ ପରି ନାଚିବି । ମୋର ଶିକ୍ଷା ଅଛି, ବୁଦ୍ଧି ବିବେକ ଅଛି । ଜଣେ ସଚେତନ ନାଗରିକ ଭାବେ ରାଜନୀତି କ'ଣ, ସମାଜ ପ୍ରତି ମୋର ଦାୟିତ୍ୱ କଣ, ତାହା ଭଲ ଭାବେ ବୁଝିଛି ।

ମୌସୁମୀ ଚାହିଁଲା ଓଁକାରନାଥଙ୍କୁ । ତାଙ୍କ ଆଖିରେ ଗଭୀର ଆତ୍ମପ୍ରତ୍ୟୟ । ଟିକେ ରହି ମୌସୁମୀ କହିଲେ - ତୁମେ ତ ଜାଣିଚ ଓମ୍! ଆଜିକାଲି ରାଜନୀତି ନାଁରେ ଦେଶରେ କ'ଣ ସବୁ ଚାଲିଛି ? ରାଜନୀତିର ଚାକଚକ୍ୟରେ ତୁମେ ଭାସି ଯାଅନା । ବିଜୟାନନ୍ଦ ଗୋଟେ କୁଶଳୀ ଆଉ କପଟୀ ରାଜନେତା । ତାଙ୍କ ଚାଲ୍ ଆଗରେ ତୁମ ଭଳି ଏମିତି କେତେ ଶିକ୍ଷିତଙ୍କ ବେକ ନଇଁ ଯାଇଥିବ । ମୋ କଥା ମାନ, ଏ ରାଜନୀତି ହେଉଛି ଏକ ଅମୁହାଁ ଦେଉଳ, ଯେଉଁ ଦେଉଳରେ ଥରେ ଯିଏ ପାଦ ଥାପେ ବାହାରିବାକୁ ବାଟ ପାଏନା । କ୍ଷମତାର ପଦ୍ମଫୁଲ ମୋହରେ ଆକର୍ଷିତ ହୋଇ ପଶିଲା ପରେ ଦେଖିବ କେବଳ ପଙ୍କ ଗଡିଆ । ପଶିବା ସହଜ କିନ୍ତୁ ବାହାରିବା ଜମା ସହଜ ନୁହେଁ । ଏହା କେତେବେଳେ କାହାକୁ କାହାର ମିତ୍ର କରାଏ ତ କେତେବେଳେ କାହାକୁ କାହାର ଶତ୍ରୁ କରାଏ, ତାହା କେହି ବୁଝି ପାରିବେ ନାହିଁ।

ଏକା ନିଶ୍ୱାସରେ ଏତେଗୁଡେ କଥା କହିଗଲା ମୌସୁମୀ ।

ମାତ୍ର ଓଁକାରନାଥଙ୍କର ସେଇ ଗୋଟିଏ କଥା, ରାଜନୀତି ଥ୍ରୀ-ଇନ୍-ୱାନ୍‌ର ପ୍ୟାକେଜ୍ । ଲାଭଜନକ ବ୍ୟାପାର। ସଫଳ ଗୋଟି ଚାଳନା କରିପାରିଲେ ବିନା ଅର୍ଥରେ ଜଣେ ଭଲ ବ୍ୟବସାୟ କରିପାରିବ । ରାତାରାତି ଧନ- ମାନ- ସମ୍ମାନ ମିଳିପାରିବ । କ୍ରିନ୍ତୁ ସମସ୍ତଙ୍କୁ ସବୁ ସୁଯୋଗ ମିଳେନାହିଁ । ମୋ ଆଗରେ ସୁଯୋଗ ବାହୁ ମେଲେଇ ଛିଡା ହୋଇଛି । କେମିତି ତାକୁ ଆଡେଇ ଯିବି ? ଯା'ପରେ ଯେତେବେଳେ ଖୋଜିବି ସେତେବେଳେ ସୁଯୋଗ କଣ ମୋ ପାଇଁ ଅପେକ୍ଷା କରିଥିବ ? ଗତକାଲି ବିଜୟାନନ୍ଦ ବାବୁଙ୍କର ମୁଁ ଆବଶ୍ୟକତା ନଥିଲି । ଆସନ୍ତାକାଲି ଯେ ସେଇ ଆବଶ୍ୟକତା ବଳବତ୍ତର ରହିବ, ତାର ଗ୍ୟାରେଣ୍ଟି କଣ ? ତେଣୁ ଆଜି ହିଁ ମୂଲ୍ୟବାନ୍ । ଆଉ ମୁଁ ତାକୁ କୌଣସି ପରିସ୍ଥିତିରେ ହରେଇବାକୁ ଚାହେଁନାହିଁ ।

ଏମିତି କେତେ କଣ ଯୁକ୍ତି ବାଢ଼ି ବସିଥିଲେ ଓମ୍, ମୌସୁମୀ ଆଗରେ । ତର୍କ କେବଳ ବଢ଼ି ଚାଲିଥିଲା । କିନ୍ତୁ ମୌସୁମୀର କୌଣସି ପରାମର୍ଶ ଗ୍ରହଣ କରିବା ଅବସ୍ଥାରେ ସେ ନଥିଲେ । ଶେଷରେ ନଇଁଥିଲା ମୌସୁମୀ । ଏଇଆ ବୋଧେ ଈଶ୍ୱରଙ୍କ ଇଚ୍ଛା । ନହେଲେ ଗତକାଲି ଯିଏ ରାଜନୀତିର ଧାର୍ ଧରୁ ନଥିଲେ ସିଏ ଆଜି ରାଜନୀତି ବିନା ଗତି ନାହିଁ ବୋଲି କୁହନ୍ତେ କେମିତି ?

କୁନି ପୁଅଟିକୁ କୋଳକୁ ଆଉଜେଇ ଆଣୁ ଆଣୁ ତାଙ୍କ ଆଖିରୁ ତତଲା ଲୁହ ଦୁଇଧାର ବହିଆସିଲା ଓଠ ପାଖକୁ । ସନ୍ତର୍ପଣରେ ସେ ଲୁହକୁ ପୋଛିନେଲେ ସେ ।

॥ ୩ ॥

ରାଜନୀତିର ପ୍ରଥମ ସୋପାନରେ ପାଦ ଦେଇଥିଲେ ଓଁକାରନାଥ । ଧୀରେ ଧୀରେ ବେଶ୍ ସ୍ୱାଭାବିକ ଢଙ୍ଗରେ ରାଜନୀତିକୁ କରାୟତ କରିବାରେ ସଫଳ ବି ହୋଇଥିଲେ। ନିଜର ଭଦ୍ର, ଶାନ୍ତ ସ୍ୱଭାବ, କଥା କହିବାର ଆକର୍ଷଣୀୟ ଶୈଳୀ ଓ ସଭାସମିତିରେ ନିଜର ଅନୁଭବୀ ଭାଷଣ ଦ୍ୱାରା ସେ ଖୁବ୍ କମ୍ ସମୟ ମଧ୍ୟରେ ଅନ୍ୟମାନଙ୍କ ହୃଦୟକୁ ଛୁଇଁ ପାରୁଥିଲେ। ଅନ୍ଧକାରର ଘୋଡଣି ଭିତରେ ଶୋଇଥିବା ପୃଥିବୀ ବାଳ ସୂର୍ଯ୍ୟର ପ୍ରଥମ ଆଲୋକ ପାଇ ଚେଇଁ ଉଠିଲା ପରି ଓଁକାରନାଥଙ୍କ ରାଜନୈତିକ ଜୀବନ ଧୀରେଧୀରେ ଅନେକ ନେତାଙ୍କ ଭିତରେ ଆଲୋକିତ ହୋଇ ଉଠୁଥିଲା ।

ଅଳ୍ପ ସମୟ ଭିତରେ ସମସ୍ତଙ୍କୁ ଆପଣାର କରିବାର କଳା ଭଲ ଭାବେ ଜାଣି ଥିଲେ ଓଁକାରନାଥ । ତା'ଛଡା ବିଜୟାନନ୍ଦ ବାବୁଙ୍କ ନିର୍ବାଚନ ପ୍ରଚାରର ଶୈଳୀ ଓ କୌଶଳ ଅଳ୍ପ ଦିନରେ ଆୟତ୍ତ କରିବାରେ ସକ୍ଷମ ହୋଇଥଲେ ସେ । ବିଜୟାନନ୍ଦ ବାବୁ ବିରୋଧୀ ଦଳର ନେତା । କିପରି ମଦ, ମାଂସ, ଟଙ୍କା ଦେଇ କଥାର ଚାତୁରୀରେ ନିର୍ବାଚନୀ ବୈତରଣୀ ପାର ହୋଇହୁଏ ସେ କୌଶଳ ମଧ୍ୟ ଶିଖାଇ ଦେଇଥିଲେ ଓଁକାରନାଥଙ୍କୁ । କର୍ମୀମାନଙ୍କ ସହ ଉତ୍ତମ ସମ୍ପର୍କ ରଖି ବିଜୟାନନ୍ଦ ବାବୁଙ୍କ ସପକ୍ଷରେ ହାୱା ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ ଓଁକାରନାଥ । କାରଣ ଲୋକ ଖୋଜୁଥିଲେ ତାଙ୍କ ପରି ଜଣେ ଅମାୟିକ ବ୍ୟକ୍ତିତ୍ୱ । ତାଙ୍କ ପ୍ରଚାର ଶୈଳୀ, ଉତ୍ତମ ଲୋକ ସମ୍ପର୍କ ଓ ଯୋଜନାବଦ୍ଧ ସାଂଗଠନିକ ଶକ୍ତିକୁ ଲୋକେ ଖୁବ୍ ପସନ୍ଦ କରୁଥିଲେ । କାହାକୁ କିପରି କଥା କହିବାକୁ ହେବ, କାହା ସହିତ କିପରି ସଂପର୍କ ରଖିବାକୁ ହେବ, କାହାକୁ କ'ଣ ଦିଆଯିବ ଓ କାହା ପାଖରେ କେତେବେଳେ ପହଞ୍ଚିବା ଦରକାର ସେଥିରେ ଓଁକାରନାଥ ଥିଲେ ପାରଙ୍ଗମ ବ୍ୟକ୍ତିତ୍ୱ। ଅକ୍ଲାନ୍ତ ପରିଶ୍ରମରେ ସେ ପାଞ୍ଚ/ସାତଟି ପଞ୍ଚାୟତରେ ଆଶାତୀତ ଭୋଟ ଆଣି ଦେଇପାରିଥିଲେ ବିଜୟାନନ୍ଦ ବାବୁଙ୍କ ପାଇଁ ।

ବିଧାନସଭା ନିର୍ବାଚନରେ ବିପୁଳ ଭୋଟରେ ଜିତିଥିଲେ ବିଜୟାନନ୍ଦ ବାବୁଙ୍କ ଦଳ ।

ଦଳର ହାଇକମାଣ୍ଡ ବିଜୟାନନ୍ଦଙ୍କ ଉପରେ ସନ୍ତୁଷ୍ଟ ଥିବାରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ମନ୍ତ୍ରୀମଣ୍ଡଳରେ ତାଙ୍କୁ ସାମିଲ କରାଇଥିଲେ । ଜଣେ ବରିଷ୍ଠ କ୍ୟାବିନେଟ୍ ମନ୍ତ୍ରୀ ହିସାବରେ ଶପଥ ଗ୍ରହଣ କଲେ ବିଜୟାନନ୍ଦ । ମନ୍ତ୍ରୀ ହୋଇ ସାରିଲା ପରେ ସର୍ବପ୍ରଥମେ ସେ ଆସିଥିଲେ ଓଁକାରନାଥଙ୍କ ଘରକୁ । ମୌସୁମୀଙ୍କୁ ଅଭିନନ୍ଦନ ଜଣାଇବା ସହ ଓଁକାରନାଥଙ୍କ ସାଂଗଠନିକ ଶକ୍ତିକୁ ଭୂୟସୀ ପ୍ରଶଂସା କରିଥିଲେ ସମସ୍ତଙ୍କ ସାମ୍ନାରେ ।

ଆନନ୍ଦିତ ବିଜୟାନନ୍ଦ କୁଣ୍ଢେଇ ପକେଇଥିଲେ ଓଁକାରନାଥଙ୍କୁ। କହିଥିଲେ ତୁମେ ଆମ ଦଳ ପାଇଁ ଗୋଟେ ଲକି ଡାଇମଣ୍ଡ । ତୁମର ସ୍ଥାନ ମୋ ହୃଦୟରେ ସ୍ୱତନ୍ତ୍ର । ତୁମେ ନିଶ୍ଚୟ ଜଣେ ଦକ୍ଷ ରାଜନୀତିଜ୍ଞ ହେବ। ତୁମର ଦୃଢ଼ ସାଂଗଠନିକ ଶକ୍ତି, ଓ ଯୋଜନାବଦ୍ଧ କାର୍ଯ୍ୟ ପାଇଁ ରାଜନୀତିରେ ତୁମେ ଦିନେ ସର୍ବୋଚ୍ଚ ଆସନ ଗ୍ରହଣ କରିବ, ଏ ବିଶ୍ୱାସ ମୋର ଅଛି ।

କୃତକୃତ୍ୟ ହୋଇ ଯାଇଥିଲେ ଓଁକାରନାଥ । (କ୍ରମଶଃ)

# ନୂଆଁଖାଇ

**କ୍ଷୁଦ୍ର ଗଳ୍ପ**



**ଭାଗୀରଥି ସାଗର**

ସୌରଭ ! ତମକୁ କେତେ ଆଉ କହିବି ? ଆଜି ତମକୁ ଯେମିତି ହେଲେ ନିଶ୍ଚୟ କହିବାକୁ ପଡ଼ିବ। ଗୋଟିଏ ଉତ୍କଣ୍ଠା, ଜିଜ୍ଞାସାଟିକୁ ଏ ଜିଜ୍ଞାସା ନ ଜାଣି ନୀରବ ରହିବ କାହିଁକି ? ମାନୁଛି ମୁଁ ଥିଲି ଅଣଓଡ଼ିଆ, ଏବେ ତ ତମ ହାତ ଧରି ହେଇଛି ଖାଣ୍ଟି ଓଡ଼ିଆଣୀ।ସୌରଭର ପାଦ ତା ନରମ ହାତରେ ଘସି ଦେଉ ଦେଉ ଜିଜ୍ଞାସା ସବୁ ଦିନ ଭଳି କହିଲା, ଏ ନୂଆଖାଇ କଣ ? ଏହା କେମିତି ପାଳିତ ହୁଏ ? ଏହାର ପୂର୍ବ ସଜବାଜ କେମିତି ? ଅନେକ ସନ୍ଦେହିତ, ଦ୍ୱନ୍ଦ ପ୍ରଶ୍ନ ପଚାରୁଥିଲେ ଜିଜ୍ଞାସା। ସବୁଦିନ ଫାଙ୍କୁ ଥିଲେ ମଧ ଆଜି କିନ୍ତୁ ସୌରଭ କହି ଉଠିଲା, ଜିଜ୍ଞାସା ଶୁଣ। ଆମ ଓଡ଼ିଶାରେ ବାର ମାସରେ ତେର ପର୍ବ ପାଳିତ ହୁଏ। ପୂର୍ବ ଓଡ଼ିଶାରେ ରଜ ପର୍ବ ଯେପରି ବଡ଼ ପର୍ବ, ଆମ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ମଧ ସେମିତି ବଡ଼ ପର୍ବ। ଏ ନୂଆଁଖାଇ ପର୍ବକୁ ନବାନ୍ନ ମଧ କୁହାଯାଏ। ଏହା ଏକ କୃଷି ଆଧାରିତ ପର୍ବ ଅଟେ। ବର୍ଷକୁ ଥରେ ଆସେ। ଭାଦ୍ରବ ମାସରେ ପାଳିତ ହୁଏ, କେଉଁଠି ପଞ୍ଚମୀ, କେଉଁଠି ସପ୍ତମୀ ଓ ଦଶମୀ ତିଥି ମାନଙ୍କରେ ନବାନ୍ନ ଭକ୍ଷଣ କରାଯାଏ। ତେବେ ଗଣେଶ ଚତୁର୍ଥୀର ଆର ଦିନ ପଞ୍ଚମୀରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ଗାଆଁର ଲୋକେ ନୂଆଁଖାଇ ପାଳନ କରନ୍ତି। ନୂଆଁଖାଇ ଦିନ ନୂଆ ଅନ୍ନକୁ ଭକ୍ଷଣ କରାଯାଏ ବୋଲି ଏହି ପର୍ବର ଅନ୍ୟ ନାମ ନବାନ୍ନ ଅଟେ।

ନବାନ୍ନ ପର୍ବର ପ୍ରାୟ ପନ୍ଦର ଦିନ ଆଗରୁ ପ୍ରସ୍ତୁତି ତଥା ସଜବାଜ ସରଗରମ ହେଇ ଉଠେ। ସହର ତଥା ଗ୍ରାମାଞ୍ଚଳର ବଜାର ମାନଙ୍କରେ ପ୍ରବଳ ଗହଳି ଲାଗିଥାଏ। କପଡ଼ା ଦୋକାନରେ ଶିଶୁ ଠାରୁ ବୃଦ୍ଧଙ୍କ ପୋଷାକ ପତ୍ର ଭର୍ତି ଥାଏ। ଘରେ ଘରେ ପୋଷାକ ତଥା ନୂଆ ବସ୍ତ୍ର କିଣା ହୁଏ। ନୂଆ ଖାଇର ଶେଷ ପାଞ୍ଚ ଦିନ ଭିଡ଼ ଭୟଙ୍କର ହୁଏ। ପନିପରିବା, ଡାଲି, ଚାଉଳ, ଅଟା, ତେଲ, ମସଲା, ଗୁଡ, ଚିନି, ଚୁଡ଼ା, ନଡ଼ିଆ, କଦଳୀ, ସିନ୍ଦୁର, ଧୂପ କାଠି ଆଦି କିଣା ହୁଏ। ଫେନସି ଦୋକାନ ଗୁଡିକରେ ସ୍ତ୍ରୀ ଲୋକ ତଥା ଝିଅମାନେ ବିଭିନ୍ନ କସମେଟିଟିକ୍ ଦ୍ରବ୍ୟ କିଣିବାରେ ବ୍ୟସ୍ତ ଥାନ୍ତି। ଘର ଦୁଆର, ବସ୍ତ୍ର, ଖଟ, ପଲଙ୍କ, ଫୁଲ ଦାନି, ଟେବୁଲ ଚଉକି ଆଦି ଜିନିଷକୁ ଧୁଆଯାଏ। ଆଗରୁ କେଇ ପରିବାର ମିଶି ଗଡ଼ରା, ମେଲଛା କିଣି ଥାନ୍ତି। ଏଗୁଡ଼ିକୁ ନବାନ୍ନ ବାସି ଦିନ ମାରି ମାଂସ ଭାଗ ବଣ୍ଟା କରି ବହୁ ଖୁସିରେ ରନ୍ଧା ଯାଏ। ନୂଆଁଖାଇ ବାସି କହିଲେ ଏ ପର୍ବର ଆର ଦିନକୁ କୁହାଯାଏ।ଏ ବାସି ପର୍ବ ହେଉଛି ନୂଆଖାଇର ସ୍ୱତନ୍ତ୍ର ଆକର୍ଷଣର ପରବ। ଲୋକେ ବିଭିନ୍ନ ରଙ୍ଗରେ ଘର ଗୁଡ଼ିକ ସଜାଇ ଥାନ୍ତି। ମାଟି ଘର ମାନଙ୍କରେ ରଡା ବୋଳି ଦିଆଯାଇ ଥାଏ। ଦୂରୁ ସତେକି ଦେବାଳୟ ଭଳି ଦେଖାଯାଉ ଥାଏ। ଘର ଅଗଣା ଠିକ ଭାବରେ ଗୋବର ପାଣି ଦ୍ୱାରା ଛିଞ୍ଚା ଯାଏ କିମ୍ବା ଲିପା ମଧ ଯାଇଥାଏ। ମୁଖ୍ୟତଃ ପରିଷ୍କାର ପରିଚ୍ଛନ୍ନତାକୁଏ ପର୍ବରେ ବହୁତ ମହତ୍ୱ ଦିଆଯାଏ। କୁରେଇ ପତ୍ର ସଂଗ୍ରହ କରାଯାଏ।ବିଭିନ୍ନ ପରିବାରର ସଦସ୍ୟ ମାନେ ଏକାଠି ମିଶି ନବାନ୍ନ ଖାଇଥାନ୍ତି,ଏ ଦିନ କେଉଁ କେଉଁ ଖାଦ୍ୟ ପ୍ରସ୍ତୁତ ହେବ ଆଗରୁ ଏହାର ତାଲିକା ପ୍ରସ୍ତୁତ ହୁଏ।

ଏକ ନିର୍ଦ୍ଧିଷ୍ଟ ଲଗ୍ନ ସ୍ଥିର ହୁଏ, ଗାଆ ଆରାଧ ଦେବୀଙ୍କ ଠାରେ ପ୍ରଥମେ ଭୋଗ ଲଗାଯାଏ, ପରେ ପରେ ନିଜ ନିଜ ପୂର୍ବ ପୁରୁଷ ମାନଙ୍କୁ ଆରାଧନା କରି ଭୋଗ ଲଗାଯାଏ। ପରିବାରର ପ୍ରତ୍ୟେକ ସଦସ୍ୟ ଧାଡ଼ି ଧାଡ଼ି ହେଇ ବସନ୍ତି ନବାନ୍ନ ଅନ୍ନ ପରସା ଯାଏ, ମହା ଆନନ୍ଦରେ ମୁଖିଆ ପ୍ରଥମେ ଭକ୍ଷଣ କଲା ପରେ ସମସ୍ତେ ଖୁସିରେ ପୂର୍ବ ଦିଗକୁ ମୁହଁ କରି ନବାନ୍ନ ଖାଇଥାନ୍ତି। ନବାନ୍ନ ଖାଉ ଖାଉ ବଡ଼ ମାନଙ୍କର ପାଦ ଛୁଇଁ ଛୋଟ ମାନେ ମୁଣ୍ଡିଆ ମାରିଥାନ୍ତି। କି ଅପୂର୍ବ ଏ ପର୍ବର ଉଦ୍ଦେଶ୍ୟ ! ପରସ୍ପର ଜୁହାର ଭେଟ ହେବାର ମହାମିଳନ ଶିଖାଇ ଦିଏ ଏ ପରବ।

ନୂଆଁଖାଇ ପର ଦିନକୁ ନୂଆଁଖାଇ ବାସି କୁହାଯାଏ। ଏହି ଦିନ ସକାଳୁ ଉଠି ମେଲଛା, ମେଂଢା, ଛେଳି ମରାଯାଏ ଏବଂ ନିର୍ଦ୍ଧିଷ୍ଟ ଲୋକ ଭାଗ ବଣ୍ଟା କରି ନିଜ ନିଜ ଘରକୁ ନିଅନ୍ତି। ସ୍ତ୍ରୀ ଲୋକ ମାନେ ଗାଧୁଆ ଫାଦୁଆ କରି ରୋଷେଇ କାର୍ଯ୍ୟ ସକାଳୁ ସକାଳୁ କରନ୍ତି। ପ୍ରାୟ ପ୍ରତ୍ୟେକ ଘରେ ମାଂସ ତରକାରୀ ରନ୍ଧା ଯାଏ।ସମସ୍ତଙ୍କ ମୁହଁ ପ୍ରଫୁଲତା ଥାଏ। ପରସ୍ପର ଭେଟା ଭେଟି ହୁଅନ୍ତି। ଜୀବନ ଥିଲେ ଆର ବର୍ଷକୁ ଭେଟିବା ବୋଲି କଥାବାର୍ତ୍ତା ଗୁଡିକରୁ ଜଣା ପଡ଼େ। କେତେକ ପୁରୁଷ ମଦ୍ୟ ପାନ ମଧ ଖୁସିରେ କରିବାକୁ ଭୁଲନ୍ତି ନାହିଁ। ଏହା ସହିତ ଖିରି ମାଂସ ଚାକନା କରୁ ଥିବାର ମଧ ଦେଖିବାକୁ ମିଳେ। ଖାଦ୍ୟ ପ୍ରସ୍ତୁତ ହେଲା ପରେ ପଡୋଶୀ ମାନଙ୍କ ମଧରେ ଖାଇବା ଆଦାନ ପ୍ରଦାନ କରାଯାଇଥାଏ। ବାସି ଦିନ କଳାହାଣ୍ଡି ଜିଲ୍ଲାର ବୀର ବାଦ୍ୟ ଘୁମୁରା ଦୁଲୁକି ଉଠେ। ଦିନ ତମାମ ଲୋକେ ନାଚ ଗୀତ, ମଜା ମାଜଲିଷରେ ସମୟ ବିତାଇ ଥାନ୍ତି। ସନ୍ଧ୍ୟା ବେଳେ ଫୁଟବଲ୍, କବାଡି, ଖକୋ ଖେଳ ପ୍ରତିଯୋଗୀତା ମାନ କେତେକ ଗାରେ ହେଇଥାଏ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଟକ, ନାଚ, ପାଲା, ଦାସକାଠି ଆଦି ହୋଇଥାଏ। ଲୋକେ ମନ ଖୁସିରେ ଏ ପର୍ବକୁ ଉପଭୋଗ କରନ୍ତି।

ଖୁସିର ପର୍ବ ନୂଆଁଖାଇ, ପ୍ରେମର ପରବ ନୂଆଁଖାଇ, ଭାତୃତର ପରବ ନୂଆଁଖାଇ । ସୌରଭ ଠାରୁ ଜିଜ୍ଞାସା ନୂଆଁଖାଇ ସମ୍ପର୍କିତ କାହାଣୀ ଶୁଣି ଖୁବ ଖୁସି ହେଉଥାଏ ଓ ବାଃ ବାଃ ନୂଆଁଖାଇ ପର୍ବ କହୁଥାଏ।


ଡାଲଗୁମା,କୋକସରା,କଳାହାଣ୍ଡି

ମୋ -୯୩୩୭୬୨୪୮୯୯

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୧୨ ସେପ୍ଟେମ୍ବର, ୨୦୨୧



# ପୁସ୍ତକ ସମୀକ୍ଷା




## 'ଅବସନ୍ନ ଅପରାହ୍ଣ'
(କବିତା ସଂକଳନ)
ଲେଖକ: ରତ୍ନାକର ରାଉତ

### କବି ରତ୍ନାକର ରାଉତଙ୍କ 'ଅବସନ୍ନ ଅପରାହ୍ଣ' ବିପୁଳ ଜୀବନାନୁଭୂତିର ଏକ ସାର୍ଥକ ସୃଷ୍ଟି ସମ୍ପଦ

ସଫଳ ଓ ସାର୍ଥକ କବିତା ଗଭୀର ଅନୁଭବ ଓ ଅନୁଭୂତିରୁ ହିଁ ଝରି ଆସିଥାଏ । କବିଟିଏ କମାର ପରି । ସେ ତା'ର ଅନୁଭବକୁ ଏକ ନୈସର୍ଗିକ ଚେତନାଦଗ୍ଧ ଅଗ୍ନିରେ ଜାଳି ଜାଳି ପରିଣତ ପର୍ଯ୍ୟାୟରେ ଶବ୍ଦ ଓ ବାକ୍ୟ ମାଧ୍ୟମରେ ତା'ର ସୃଷ୍ଟିକୁ ନିର୍ମାଣ କରେ । କଅଁଳ ଲୁହାରେ ଯେଉଭଳି ଧାରୁଆ ଅସ୍ତ୍ର ନିର୍ମାଣ ହୋଇନଥାଏ ସେହିଭଳି ପରିପକ୍ୱ ଚେତନା ବିନା ହୃଦୟସ୍ପର୍ଶୀ ରଚନା ସୃଷ୍ଟି ସମ୍ଭବ ହୋଇ ନଥାଏ । ଏଣୁ କବିର ମସ୍ତିଷ୍କକୁ କମାରଶାଳ ସହ କେତେକ ତୁଳନା କରିଥାନ୍ତି । ଗୋଟିଏ ଗୋଟିଏ ଅଭାବନୀୟ ମୁହୂର୍ତ୍ତ କବିଟିଏ ହେବାପାଇଁ ଭିତ୍ତିଭୂମି ନିର୍ମାଣ କରେ । ସେଇଥିପାଇଁ ସେଦିନ କ୍ରୌଞ୍ଚ ଦମ୍ପତ୍ତିଙ୍କ ଦୁଃଖରେ ମ୍ରିୟମାଣ ହୋଇପଡ଼ି ବାଲ୍ମିକୀ ସ୍ୱତଃସ୍ଫୂର୍ତ୍ତ ଭାବରେ ଉଚ୍ଚାରଣ କରିଥିଲେ –

"ମାନିଷାଦ ପ୍ରତିଷ୍ଠାତ୍ୱମଗମଶାଶ୍ୱତୀସମା
ଯତ୍ କ୍ରୌଞ୍ଚ ମିଥନା ଦେକମବଧିକାମମୋହିତମ୍ ।"

କବିତା କଳ୍ପନାର ଫସଲ ନୁହେଁ । ବାସ୍ତବତାର ଭିତ୍ତିଭୂମିରେ ହିଁ କବିତାରୂପି କୋଣାର୍କ ନିର୍ମାଣ ହୁଏ । କବିତ୍ୱ ଏକ ମୁକ୍ତଚେତନା । ଏହା କେବଳ ଶବ୍ଦ ରୋପଣ ନୁହଁ ବରଂ ଶକ୍ତିଶାଳୀ ଅନୁଭବ ମାଧ୍ୟମରେ ଭାବରାଜ୍ୟର ଶବ୍ଦସମୂହକୁ ଗୋଟିଏ ପରେ ଖଞ୍ଜି ଦେଇ ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତା-ଚେତନାକୁ ପରିପ୍ରକାଶ କରାଇଥାଏ କବି । କବିତାର ଭାବ ପର୍ଯ୍ୟାୟ ଅନ୍ତରର ଗଭୀରତମ ପ୍ରଦେଶରେ ଗୋପନରେ ରହିଥାଏ । ଯେଉଭଳି ଭାତହାଣ୍ଡିର ଶେଷଭାଗକୁ ପେଜ ସୃଷ୍ଟିହୁଏ ଏବଂ ଚାଉଳ ଭାତରେ ପରିଣତ ହୁଏ, ସେହିଭଳି ଚେତନାରୂପୀ ଚାଉଳ ଦଗ୍ଧିଭୂତ ହୋଇ କାବ୍ୟରସ ସୃଷ୍ଟି କରିଥାଏ । (ବିଦଗ୍ଧ ଚିନ୍ତାମଣି)

କବିତା ହେଉଛି କବିର ଅନୁଭବ । ଯାହା ସମ୍ପର୍କରେ କବି ବ୍ରହ୍ମାନନ୍ଦ ଦାସ ଦିନେ କହିଥିଲେ – "କବି ଜହ୍ନ ପରି / ତାରା ତା' କବିତା / ପାଖେ ପାଖେ ଥାଏ / କିନ୍ତୁ ଦିଶେନି / ଜହ୍ନ ବୁଡ଼ିଗଲେ / ଧରାପଡ଼େ ସେ / ଚକ୍ ଚକ୍ / ସଭିଙ୍କ ଆଖିରେ ।"

ଏହାକୁ ପୃଥିବୀର ବିଖ୍ୟାତ କବି Words Worth କହିଛନ୍ତି – "Poetry is the spontaneous over flow of powerful feelings. ଗଛରେ ଯେଉଭଳି ପ୍ରଥମେ ନବକିଶଳୟ ଓ ପରେ ତାହା ପତ୍ରକୁ ରୂପାନ୍ତରିତ ହୁଏ, କବି ହୃଦୟରେ ସେହିଭଳି କବିତାର ଅଙ୍କୁରୋଦ୍‌ଗମ ହୋଇଥାଏ, ହେଲେ ତାହା ପତ୍ରରେ ରୂପାନ୍ତରିତ ହେବାକୁ କିଛିକାଳ ସମୟ ନେଇଥାଏ । ଏହି କ୍ରମରେ ଦେଖିବାକୁ ଗଲେ ପ୍ରଶାସକ ତଥା କବି ରତ୍ନାକର ରାଉତଙ୍କ ଏକ କବିତାସଂକଳନ 'ଅବସନ୍ନ ଅପରାହ୍ଣ' ତାଙ୍କ ସୁଦୀର୍ଘ ଜୀବନର ବିବିଧ କ୍ଷେତ୍ରର ଅନୁଭୂତି ଆଧାରରେ ଖୁବ୍ ହୃଦୟସ୍ପର୍ଶୀ ଭାବେ ରଚିତ ହୋଇଛି । ବିଶେଷକରି ଜୀବନର ଅପରାହ୍ଣରେ ଉପନୀତ ହେବାକୁ ଯାଉଥିବା କବିଙ୍କର ଏହି କବିତାଗୁଚ୍ଛରେ ସ୍ଥାନ ପାଇଛି ୩୩ଗୋଟି ଭିନ୍ନଭିନ୍ନ ଶୀର୍ଷକର କବିତା । ପ୍ରଥମ କବିତା 'ଶ୍ରୀ'ରୁ ଆରମ୍ଭ ହୋଇ 'ନିର୍ଲିପ୍ତ ଅନୁରାଗ'ରେ ଶେଷ ହୋଇଛି । ୧୦୪ପୃଷ୍ଠାର ଏହି କବିତାସଂକଳନ ବ୍ୟକ୍ତି ଜୀବନର ସ୍ୱପ୍ନ-ସମ୍ଭାବନା, ହତାଶା ଓ ନିରାଶା, ସଂକଳ୍ପ ଓ ସିଦ୍ଧାନ୍ତ ସହ ସମାଜ ଜୀବନର ବଦଳୁ ଥିବା ଚିତ୍ରପଟକୁ ପରିସ୍ଫୁଟନ କରିବାରେ କବି ସମର୍ଥ ହୋଇଛନ୍ତି । ଅତୀତ ଜୀବନର ଘଟଣାବଳୀକୁ କବି ସତେଅବା ନିଜେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ସ୍ମୃତି ରୋମନ୍ଥନରେ ବେଶ୍ ସଫଳ ହୋଇଛନ୍ତି । ବଦଳୁଥିବା ଆମ ସମାଜ ଜୀବନର ଶଙ୍କା-ଆଶଙ୍କା, ପ୍ରତାରଣା-ପ୍ରବଞ୍ଚନା ଓ ମଣିଷ ନାମରେ ଅମଣିଷପଣିଆର ଚିତ୍ରକୁ ଚିତ୍ରାୟିତ କରିବାକୁ କବି ସାହସିକତା ପ୍ରଦର୍ଶନ କରିଛନ୍ତି । 'ଆଉ କେତେଦିନ ବାକି' ଶୀର୍ଷକ କବିତାଟି ବେଶ୍ ସମୟୋପଯୋଗୀ । ସେହିଭଳି 'ସ୍ୱାର୍ଥ' ଶୀର୍ଷକ କବିତାଟିରେ କବି କହିଛନ୍ତି – ଆମେ ସମସ୍ତେ ମରିଯାଉଛୁ / ତୁମେ ମୁଷ୍ଟିମେୟ କେତେଜଣ / ବଞ୍ଚିଥାଅ / କୋକେଇ ସଜଡ଼ା ଗଲାଣି / ଆମପାଇଁ / ଚିତା ପାଇଁ କାଠ, କିରୋସିନି / ଆଉ ଯାହା ଯାହା ଦରକାର / ମଶାଣି ଭୂଇଁରେ / ସବୁ ଯୋଗାଡ଼ ଚାଲିଛି ।

ହେଲେ ସବୁ ଭୋଗ କରି ସାରିବା ପାଇଁ / ତୁମର ଶକ୍ତି ଥିଲେ ହେଲା ? / ଶେଷରେ କେଉଁଠିକୁ ଯିବ ତୁମେ ? / ଶବ ହୋଇ ଶ୍ମଶାନକୁ/ କିମ୍ବା/ ସେମିତି ସତେଜ ହୋଇ / ଜୀଇଁଥିବ କାଳ କାଳକୁ / ତୁମ ନଶ୍ୱର ଶରୀର ।

ପ୍ରେମ ହିଁ ନରନାରୀଙ୍କୁ ଏକତ୍ର ସହାବସ୍ଥାନ କରିବାକୁ ରାହା ଯୋଗାଇ ଥାଏ । ଏହି ପ୍ରେମରେ ଥରେ ପଡ଼ିଗଲେ ତହିଁରୁ ଯେ ଆଉ ନିସ୍ତାର ନାହିଁ ଓ ତାହାକୁ ପାଇବା ପାଇଁ ଯେତେ କଣ୍ଟକିତ ପଥ ହେଲେ ମଧ ଉଭୟ ପ୍ରେମିକ ଓ ପ୍ରେମିକା ଅନାୟାସରେ ଆଦରି ନିଅନ୍ତି । ତାହା ତାଙ୍କର 'ମୁଁ ପ୍ରେମ କରୁଛି ତୁମକୁ'ଶୀର୍ଷକ କବିତାରୁ ପ୍ରତୀୟମାନ ହୁଏ । ସେଥିରେ କବି କହିଛନ୍ତି –

"ମୋତେ ଯେତେ ଆକଟ କଲେ ମଧ / ମୁଁ କାହାର ମନା ମାନିବିନି / କାହା କଥା ଶୁଣିବିନି/ ଥରେ ପ୍ରେମରେ ପଡ଼ିଛି / ସବୁକିଛି ଭୁଲି / ଯେତେ ଯାହା ଥିଲା ମୋର / ପଛରେ ପକେଇ ଦେଇ / ଭଲପାଇ ଯାଇଛି / ତେଣୁ ପ୍ରେମ କରୁଛି / କରୁଥିବି/ ଖୋଲମ ଖୋଲା ।"

ଜୀବନର ବାସ୍ତବ ଚିତ୍ରକୁ ରୂପାୟିତ କରିବାକୁ ଯାଇ 'ଅଦୃଶ୍ୟ ଇଙ୍ଗିତ' ଶୀର୍ଷକ କବିତାରେ କବି କହୁଛନ୍ତି – ପରିଚାଳନା କେନ୍ଦ୍ରଟି ଅନ୍ୟ କେଉଁଠି / କାହା ହାତରେ ଥାଇ / କଣ୍ଢେଇ ଖେଳରେ କଣ୍ଢେଇଟିଏ ପରି / ମାୟା ମୋହଗ୍ରସ୍ତ ସମସ୍ତେ / ଯେମିତି ବ୍ୟସ୍ତ ହୋଇ ପଡ଼ିଛନ୍ତି / ଅଭିନୟରେ / ଅଣନିଃଶ୍ୱାସୀ ଯାତ୍ରାପଥରେ / ପ୍ରତ୍ୟେକ ଜଣେ ଜଣେ ଅଭିନେତା / ପାଲଟି ଯାଇଥିବା ହିଁ ନିଚ୍ଛକ ସତ୍ୟ / ଦୁନିଆର ଏହି ମୁକ୍ତ ରଙ୍ଗମଞ୍ଚରେ ।

କବିତା ବୋଧଗମ୍ୟ ହେଲେ ତା'ର ଆୟୁଷ ଅଧିକ ହୁଏ । କବିତା ଏକ ଭାବକୁ ପ୍ରକାଶ ପାଇଁ ସଦାବେଳେ ଚିତ୍ରକଳ୍ପ, ପ୍ରତୀକ, ଉପମା ଓ ରୂପକର ସାହାଯ୍ୟ ନେଇଥାଏ ।

କବିତାରେ ସଦା ଯୁଗଧର୍ମ ପ୍ରତିଫଳିତ । ରୋମାଣ୍ଟିକ୍ ଚେତନାର କବିତା ସବାବେଳେ ପାଠକର ପ୍ରାଣକୁ ମୋହାବିଷ୍ଟ କରାଏ ।

ସବୁଜଯୁଗର କବିମାନେ ମଧ ଏହି ସବୁଜ ସ୍ୱପ୍ନରେ ଆଚ୍ଛନ୍ନ ହୋଇ ନିଜ ନିଜର ତରୁଣ ହୃଦୟରେ ଅନେକ ଅନେକ ରୋମାଣ୍ଟିକ୍ କବିତା ରଚନା କରି ପାଠକଙ୍କ ନିକଟରେ ଆଦୃତ ହୋଇଛନ୍ତି ।

କବି କ୍ରାନ୍ତିଦର୍ଶୀ । ସେ ପରିବର୍ତ୍ତନର ମାର୍ଗ ଉନ୍ମୋଚିତ କରେ । କବିର ଲେଖନୀସୃଷ୍ଟ କବିତାର ଝଂକାର ପୁରପଲ୍ଲୀରେ କୋଟିକଣ୍ଠେ ନିନାଦିତ ହୁଏ ।

କବିତା ସମୟର ଦର୍ପଣ । କବିଟିଏ ଯେଉଁ କାଳରେ ନିଜେ ରଚନାମଗ୍ନ ରହୁଥାଏ ସେ ସେ କାଳର ଚିତ୍ରକୁ ନିଜର ଅନୁଭବ ଓ ଅନୁଭୂତିର ଭୂମି ଓ ଭୂମା ରୂପେ ଗ୍ରହଣ କରିନିଏ । ଏଣୁ କବିତା ଏକ ଏକ ସମୟଖଣ୍ଡର ସତ୍ୟଶୀଳ ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରତ୍ୟେକଟି କବିତା ଭିତରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅଭିମୁଖ୍ୟ ସୁପ୍ତ ହୁଏ । ଯାହାକୁ ପାଠକ ନିଜର ସୃଜନଶୀଳତାକୁ ମିଶାଇ ଜାଣିପାରେ ।

କବି ରତ୍ନାକର ରାଉତଙ୍କ ଏହି କବିତା ସଂକଳନର ଶେଷ କବିତା 'ନିର୍ଲିପ୍ତ ଅନୁରାଗ' ଶୀର୍ଷକରେ ତାଙ୍କ ମନୋଗହନର ଅନ୍ତର୍ନିହିତ ବେଶ୍ ସ୍ୱଚ୍ଛ ଭାବେ ଉଜାଗର ହୋଇଛି । ତହିଁରେ କବି କହିଛନ୍ତି – "ମୁଁ ତୁମକୁ ଭୁଲିଥିଲି / ନିରୋଳା ତୁମକୁ / ତୁମକୁ ପାଇବା ପାଇଁ / ମୋ ଅଙ୍ଗରେ ଫୁଟିଥିବା/ ଫୁଲଟିଏ ହୋଇ / ସର୍ବ କିଛୁ ନଥିଲା ସେମିତି ।

ସେହି ନିରୁତା ଅନୁରାଗରେ ଉଲ୍ଲସିତ / ହୋଇଥାଉ ହୃଦୟ, ମନ, ପ୍ରାଣ / ନିକଟରେ ନ ଥାଇ / ସୁଦୂରରେ ପହଁରି ଯାଉଥାଅ / ଅନେକ ବାର/ ମୁଁ ତୁମକୁ ଦେଖୁଥାଏ ଥରଥର / ବାରମ୍ବାର/ ତୁମେ ସେମିତି / ଆଦରଣୀୟ ହେଉଥାଅ/ ଧରଣୀରେ / ତୁମ ଶଙ୍ଖା ସିନ୍ଦୂର / ବକ୍ଷ ହୋଇଥାଉ / ତୁମ ସୁଖରେ/ ମୁଁ ପୁଲକିତ ହେଉଥାଏ / ଏମିତି ଜନ୍ମରୁ ଜନ୍ମକୁ / ସମ୍ପର୍କର ସେତୁଟିଏ / ସୁଦୃଢ଼ ହେଉଥାଉ / ହୁଏତ ପୁଣି କେବେ / କେଉଁଠାରେ ପାଇବି ତୁମକୁ ।"

ସମୀକ୍ଷା: କେ.ପି
ଧ୍ୱନିପ୍ରତିଧ୍ୱନି ଫିଚର୍ସ

## ପ୍ରେମରେ ପ୍ରେମରେ ଗୀତି ....(୧୭)



ବିପିନ ମହାନ୍ତି
୩୩/, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୧
(ମୋ) ୯୮୬୧୧୨୪୯୯୧

### ॥ ରହିବି ମୁଁ ତାରା ହୋଇ ॥

ଚାନ୍ଦ ମୁଁ ମାଗୁଛି ଛୋଟ ଜାଗା ଖଣ୍ଡେ
ରଖିଥିବୁ ମୋର ପାଇଁ,
ମରଣ ସେପାରେ ମୋ' ପ୍ରିୟା ସାଥିରେ
ରହିବି ମୁଁ ତାରା ହୋଇ ।

ତାରା ହୋଇ ସୁଖେ ଦୁହେଁ ପାଖେପାଖେ
ଥିବୁ ଦୁହିଁଙ୍କର ପାଇଁ,
ଯେଉଁଠି ନଥିବ ପ୍ରୀତିରେ କଳଙ୍କ
ପ୍ରତାରଣା ନାହିଁ ନେଇ,
ନଥିବ ନଜର ଏଇ ଦୁନିଆର
କେବେ କାହା ପ୍ରେମ ପାଇଁ ।

କାହିଁ କେତେ ଦୂରେ ପ୍ରିୟା କେଉଁଠାରେ
ଖୋଜିଲେ ପାଏନା ମୁହିଁ,
ଇଏ କେଉଁ ପ୍ରେମ, ବିରହ ଯା' ନାମ
ନ ମିଳିଲା ପଛେ ନାହିଁ,
ଜୀବନେ ନହେଲା ନହେଉ ପଛକେ
ମିଳୁ ମରଣରେ ସହି ।

## କଥା କିଞ୍ଚିତ

# ସାହିତ୍ୟରେ କଲ୍ୟାଣ ଚେତନା-୨



ଡ. ରମାକାନ୍ତ ବେହେରା

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସମାଜ କଲ୍ୟାଣ ଦୃଷ୍ଟିରୁ ନୀତିବାଦୀମାନେ ଯୁଗେ ଯୁଗେ ଶ୍ରୀରାଧା କୁଳଙ୍କୁ ଅଭିଶାପ ଦେଇପାରନ୍ତି-କଳଙ୍କ ଦେଇପାରନ୍ତି, କିନ୍ତୁ ସେଇ ଅଭିଶାପ ଓ କଳଙ୍କର ଦଂଶନ ସତ୍ତ୍ୱେ ଶ୍ରୀରାଧାର ଗୌରବ ରୁକ୍ମିଣୀମାନେ ପାଇ ପାରିଛନ୍ତି କି ? ନାରୀପ୍ରାଣର ପ୍ରେମ ତଥା ଆତ୍ମ ସମର୍ପଣର ଯେଉଁ ଚିରନ୍ତନ ସ୍ୱରୂପ କଳାତ୍ମକ ଭାବବ୍ୟଂଜନା ମଧ୍ୟରେ ଶ୍ରୀରାଧାଙ୍କ ପ୍ରାଣରେ ଅଙ୍କିତ, ରୁକ୍ମିଣୀଙ୍କଠାରେ ତାହା ସେପରି ସତ୍ୟାଶ୍ରୟୀ ଓ ପ୍ରାଣଧର୍ମୀ ହୋଇପାରେନା । ଆମର ପରକୀୟା ତତ୍ତ୍ୱ ସେଇ ବନ୍ଧନହୀନତା ଓ ନୈସର୍ଗିକତାର ପ୍ରତୀକ ।

ସମାଜ ଓ ନୀତିଶାସ୍ତ୍ରର ଭ୍ରୂକୁଟି ସତ୍ତ୍ୱେ ସାହିତ୍ୟ କଳା ଶ୍ରୀରାଧାର ଅଶ୍ରୁ ନୈବେଦ୍ୟରେ ପ୍ରାଣବନ୍ତ ଯୁଗେ ଯୁଗେ, ରୁକ୍ମିଣୀର ସୁଖୈଶ୍ୱର୍ଯ୍ୟର ଗରିମାରେ ନୁହେଁ, କଳା ପାଇଁ କଳାର ଜୟଗାନ ତେଣୁ ଏତେ ଗୌରବମୟ ।

ଚିତ୍ରକଳା ଓ ଭାସ୍କର୍ଯ୍ୟର ନଗ୍ନତାକୁ ଅଶ୍ଳୀଳତା ଦୋଷଦୁଷ୍ଟ ବୋଲି ନୀତିବାଦୀମାନେ କହିପାରନ୍ତି-କଳାକୁ ବନ୍ଦ ଗୃହରେ ବନ୍ଦୀ କରିବାର ସଂକୀର୍ଣ୍ଣ ଭାବନାରୁ ଏ ମତ ସୃଷ୍ଟ । କଳା ବିଶ୍ୱଜନୀନ, ମୁକ୍ତ ସାଗର ଅସୀମତା ଭିତରେ ନଦୀର ସ୍ୱାତନ୍ତ୍ର୍ୟ ନଥାଏ, ସେହିପରି ସାହିତ୍ୟ କଳାକାରର ଯାଦୁ ସ୍ପର୍ଶରେ ସବୁ କିଛି ସୁନ୍ଦର, ବନ୍ଦନୀୟ, ସ୍ମରଣୀୟ ହୋଇ ଉଠେ ।

କୋଣାର୍କ ଖେଜୁରାହୋ ବା ଅନ୍ୟତ୍ର ମାନବ ପ୍ରାଣର ଆଦିମ ରାସକ୍ରୀଡ଼ାର କାନ୍ତ କମନୀୟ ଛବି ଅଙ୍କିତ; ଯୌବନ ସେଠି ଉଚ୍ଛଳ, ଦୁର୍ବାର; ନାରୀର ସ୍ଫୀତ ସ୍ତନଶ୍ରୀ ନିରାଭରଣ, ପ୍ରକୃତିର ମୁକ୍ତ ସୌନ୍ଦର୍ଯ୍ୟର ଏକ ଅଙ୍ଗ, ପ୍ରକୃତିର ସୌନ୍ଦର୍ଯ୍ୟ ମହୋତ୍ସବରେ ତା'ର ବି ଭୂମିକା ସ୍ୱୀକାର୍ଯ୍ୟ- ସେଠି ବିକାରର ପ୍ରଶ୍ନ ନାହିଁ ?

କଳା ପାଇଁ କଳା ସପକ୍ଷରେ ଏମିତି ଅନେକ ବଳିଷ୍ଠ ଯୁକ୍ତି ଅଛି, କିନ୍ତୁ ପ୍ରଶ୍ନ ଉଠେ, କଳା ପାଇଁ କଳା କାହାପାଇଁ କାହାର ? ଗଣତନ୍ତ୍ରର ସଂଜ୍ଞାପରି ଏହା ଜୀବନ ଦ୍ୱାରା, ଜୀବନର ଓ ଜୀବନପାଇଁ, ପ୍ରକୃତରେ କଳା ସତ୍ୟ-ଶିବ-ସୁନ୍ଦରର ପ୍ରତୀକ । ଅସତ୍ୟ, ଅଶିବ ଓ ଅସୁନ୍ଦରର ନୁହେଁ, ସୁତରାଂ ଅକଲ୍ୟାଣର ନୁହେଁ । ସାହିତ୍ୟ କଳାର ସେଇ ଅମୃତ ଆଶୀର୍ବାଦରେ ତ ସବୁ କଲ୍ୟାଣ ହିଁ ସତ୍ୟ । ଯେଉଁ ମନୀଷମାନେ ଜୀବନ ପାଇଁ କଳାର ତତ୍ତ୍ୱ ବୟାନ କରନ୍ତି, ତାକୁ ସଂକୀର୍ଣ୍ଣ ଭାବେ ଗ୍ରହଣ କଲେ ବିବାଦ ସ୍ୱାଭାବିକ । ମନୁଷ୍ୟ ଜୀବନ ତ ସ୍ୱୟଂ ଏକ କଳା । ତାହାକୁ ଆହୁରି ସୁନ୍ଦର ଓ ମଧୁର କରିବାର ପ୍ରୟାସ ତ ଜୀବନ ପାଇଁ କଳା ଭାବନାର ଯଥାର୍ଥ ତତ୍ତ୍ୱ-କିନ୍ତୁ କଳା ନାମରେ ଯେଉଁଠି ବ୍ୟଭିଚାର ଜନ୍ମେ, ତାହା ଜୀବନକୁ କଳଙ୍କିତ କରେ, କଳାର ସୌନ୍ଦର୍ଯ୍ୟ ହିଁ ସ୍ୱତଃ ବ୍ୟାହତ ହୁଏ ।

କଳା ଏକ ମନୋମୟ ତତ୍ତ୍ୱ-କିନ୍ତୁ ଜୀବନ ତ ଦେହ ଓ ମନର ସମନ୍ୱୟ । ମନର ଅସୀମ ସୌନ୍ଦର୍ଯ୍ୟ ସଂପୂର୍ଣ୍ଣ ଭାବରେ ଦେହ ସତ୍ତାକୁ ଉପେକ୍ଷା କଲେ ଚଳେନା, କଳାର ଆଧାର ତ ବସ୍ତୁଭିତ୍ତିକ; ଠିକ୍ ଜୀବନ ପାଇଁ ଦେହର ସ୍ଥିତି ଭଳି ।

ତେଣୁ ରହସ୍ୟ ଓ ଅଧ୍ୟାତ୍ମ ଜଗତର କବି ରବୀନ୍ଦ୍ରନାଥ ଜୀବନର ଶେଷ ବେଳକୁ କ୍ଷୋଭ ପ୍ରକାଶ କରିଥିଲେ । ଧୂଳିମାଟିର ଆର୍ତ୍ତନାଦ ପ୍ରତି ତାଙ୍କ ପ୍ରାଣରୁ ଧ୍ୱନିତ ହେଲା- 'ଏବାର ଫିରାଓ ମୋରେ' । ଟଲଷ୍ଟୟ ଲେଖା ତ୍ୟାଗକରି ରାସ୍ତାଧାରର ନର୍ଦ୍ଦମାରେ ତାଙ୍କ ଜୀବନର ଅନ୍ତିମଶଯ୍ୟା ରଚିଲେ । ଏକଦା ସମୁଦ୍ର କୂଳରେ ଦୀର୍ଘ ତିନିଘଂଟା କାଳ ଟଲଷ୍ଟୟଙ୍କୁ ଆତ୍ମସ୍ଥଥିବାର ଦେଖି ଗର୍କି ଫେରିଆସି କହିଥିଲେ- ଓ came back with the impression that so long as Tolstoy is alive under the sun, I am no orphan. କଳାକାର ଶିଳ୍ପୀର ଉତ୍ସର୍ଗୀକୃତ ଜୀବନଚର୍ଯ୍ୟା ହିଁ ଶ୍ରେଷ୍ଠ କଳା ଏବଂ ସେତେବେଳେ ସମାଜ ନିଜକୁ ଅରକ୍ଷିତ ଭାବେନା, 'ବାପ ଥିବା ପୁଅ ସଭାରେ ନାଚେ'ର ଗୌରବ ଜୀବନରେ ଫୁଟି ଉଠେ; କଳାର ସାର୍ଥକ ମହତ୍ୱ ଏଇଠି । ଏକ ପରିପୂର୍ଣ୍ଣ ଜୀବନ ଯୌବନର ଔଜ୍ଜଲ୍ୟରେ ହିଁ ଏହାର ପରାକାଷ୍ଠା ।

ସୁତରାଂ ସାହିତ୍ୟ ଜୀବନ ସହିତ ହିଁ ରହିଥାଏ । ସମୟର ଉତ୍ତରଣ ସିଡ଼ିରେ ସେ ଚାହେଁ ଏକ Transcendental stage. କିନ୍ତୁ ପ୍ରତ୍ୟେକ ପଦକ୍ଷେପରେ ସିଡ଼ିର ପାହାଚ ପ୍ରତି ଦୃଷ୍ଟି ଆବଶ୍ୟକ । ଧୂଳି ରେଣୁରେ ପାଦ ଥୋଇ ସେ ଆକାଶର ସପ୍ତରଙ୍ଗୀ ଇନ୍ଦ୍ରଧନୁ ମାୟାରେ ମୁଗ୍ଧ ହୁଏ- କବିର ଚିରନ୍ତନ ଆତ୍ମବାଣୀ ତେଣୁ ଧ୍ୱନିତ ହୁଏ ।

'ଇନ୍ଦ୍ରଧନୁକୁ ଛୁଇଁବା ପାଇଁ କି ସ୍ୱର୍ଗକୁ ସିଡ଼ି ଲୋଡ଼ିଲି ।
ମାଟି ସଂସ୍କାରେ ପାରିଲିନି ଭୁଲି ପ୍ରଜାପତି ପ୍ରେମେ ପଡ଼ିଲି ।
(ମୁରାରି ମୋହନ ସାହୁ) (କ୍ରମଶଃ)

ସାଧନାଳୟ, ବିକାଶନଗର, ବାଲେଶ୍ୱର




# ॥ ଗୋଟେ ସୋରିଷ ଦାନା ॥


ଏଡ଼ିଥ ପାର୍ଗେଟର
(୧୯୧୩-୧୯୯୫)

ଆମେ ତାଙ୍କୁ ଯେଉଁ ନାଁରେ ଡାକୁ ନା କାହିଁକି କିନ୍ତୁ ସେ ଅଛନ୍ତି ନିଶ୍ଚିତ । ସେଥିପାଇଁ ତ ସୂର୍ଯ୍ୟ, ଚନ୍ଦ୍ର ତଥା ପୃଥିବୀର ସ୍ଥିତି । ବଞ୍ଚିଛି ମଧ୍ୟ ମଣିଷ । ତେଣୁ ତାଙ୍କ ଉପରେ ଦୃଢ଼ ବିଶ୍ୱାସ ଅବଶ୍ୟକ । ସେଇ ବିଶ୍ୱାସ ଟିକକ ହିଁ ଭବସିନ୍ଧୁ ପାର କରିବାକୁ ସାମର୍ଥ୍ୟ ପ୍ରଦାନ କରେ । ସେ ସର୍ବଦା ପ୍ରାଣୀର ମଙ୍ଗଳକାମନା କରନ୍ତି । ବେଳେ ବେଳେ ମଣିଷକୁ ବିପରୀତ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ । କିନ୍ତୁ ସେତେବେଳେ ସେ ଆଦୌ ଧୈର୍ଯ୍ୟହରା ହେବାକଥା ନୁହେଁ । ତାଙ୍କ ଉପରେ ଗୋଟେ ଛୋଟ ସୋରିଷ ଦାନା ଭଳିଆ ବିଶ୍ୱାସ ରଖିଥିଲେ ମହା ବିଷମ ପରିସ୍ଥିତି ମଧ୍ୟରେ ବି ପୁଣି କୁଆଁ ମେଲେ ଜୀବନ, ହସ ଖେଳେ ମଣିଷର ଓଠଧାରରେ । ବ୍ରିଟେନ୍‌ର ପ୍ରଖ୍ୟାତ ଗାଳ୍ପିକା ଏଡିଥ୍ ପାର୍ଗେଟର (ଏଲିସ୍ ପିଟର)ଙ୍କ କାଳଜୟୀ ଗଳ୍ପ 'ଏ ଗ୍ରେନ୍ ଅଫ୍ ମର୍ଷ୍ଟାଡ୍ ସିଡ୍'ରେ ଆସନ୍ତୁ ସେଇ ଦୃଢ଼ ବିଶ୍ୱାସ ସହ ପରିଚିତ ହେବା ।

୧୯୭୧ ମସିହା, ମୁକ୍ତି ଯୁଦ୍ଧ ସମୟର କଥା । ପାକିସ୍ତାନୀ ସୈନିକଙ୍କ ବର୍ବରତା ସହି ନପାରି ପୂର୍ବବଙ୍ଗରୁ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତ ଆଡ଼କୁ ମୁହାଁଉଥାନ୍ତି । କିଛି ବନ୍ଧୁ ଆଲୋଚନା କରୁଥାନ୍ତି ଖବରକାଗଜରେ ସେସବୁ ବିଷୟରେ ପଢ଼ି । ଏଭଳି ପରିସ୍ଥିତିରେ ମଣିଷର ନିଜ ଉପରୁ ତଥା ଠାକୁରଙ୍କ ଉପରୁ ବିଶ୍ୱାସ ଉଠିଯିବା ସ୍ୱାଭାବିକ ବୋଲି ଜଣେ ମତ ଦେବାରୁ ସୁନୀତି ତାଙ୍କ ସହ ଏକମତ ହୋଇ ପାରେନି । ଯେକୌଣସି ପରିସ୍ଥିତିରେ ବି ମଣିଷ ଧୈର୍ଯ୍ୟହରା ହେବାକଥା ନୁହେଁ । ଅଙ୍ଗେ ନିଭାଇଥିବା ଅତୀତର ସେଇଭଳି ଏକ ପରିସ୍ଥିତି ବିଷୟରେ ସୁନୀତି ବର୍ଣ୍ଣନା କରିବାକୁ ଆରମ୍ଭ କରେ । ଦେଶ ବିଭାଜନ ସମୟର କଥା । ସେତେବେଳେ ସୁନୀତିକୁ ଦଶ ଏଗାର ବର୍ଷ ବୟସ । ବାପାମା'ଙ୍କ ସହିତ ସେ ରହୁଥାଏ ଲାହୋରରେ । ଖୁବ୍ ଧନୀ ଥିଲେ ସେମାନେ । ବାପା ସୁନା ବ୍ୟବସାୟୀ ଥିଲେ । ତାଙ୍କର ଜଣେ ଅତି ଘନିଷ୍ଠ ବନ୍ଧୁ ଥାଆନ୍ତି, ମହଦର ଇକ୍‌ବାଲ୍ । ଜୋତା ତିଆରି କରି ପେଟ ପୋଷୁଥିଲେ ସେ । ତାଙ୍କ କାମର ବଡ଼ ପ୍ରଶଂସକ ଥିଲେ ବାପା । ଯାହାକୁ ଦେଖିଲେ ମହଦର ଚାଚାଙ୍କ ନିର୍ମିତ ଜୋତା କଥା କହୁଥିଲେ । ଯାହାଫଳରେ ତାଙ୍କର ଗରାଖଙ୍କ ସଂଖ୍ୟା ଆସ୍ତେ ଆସ୍ତେ ବଢ଼ିବାକୁ ଲାଗେ । ପୂର୍ବର ପରିସ୍ଥିତି ଆଉ ରହେନି । କଠିନ ପରିଶ୍ରମ ଯୋଗୁଁ ଆରାମରେ ଚଳିବା ସହ ସେ ଦୁଇପଇସା ସଞ୍ଚୟ କରିବାକୁ ଲାଗନ୍ତି । ତାଙ୍କର ବହୁତ ଦିନରୁ ଇଚ୍ଛା ଥାଏ ଲାହୋରର ମୁଖ୍ୟ ବଜାରରେ ଗୋଟେ ଭଲ ଜୋତା ଦୋକାନ ଖୋଲିବାର । ବାପା ଖୁବ୍ ଖୁସି ଥାଆନ୍ତି ବନ୍ଧୁଙ୍କର ପ୍ରଗତି ଦେଖି । ଦୁଇ ବନ୍ଧୁଙ୍କ ଏକ ନିଶା ଥାଏ ଚେସ୍ ଖେଳିବା । ଯେତେବେଳେ ବି ସେମାନେ ସମୟ ପାଇଲେ ବସିଯାଆନ୍ତି ଖେଳିବାକୁ । ଦୁହିଁଙ୍କ ଶରୀର ଗଠନରେ ଅନେକ ସମାନତା ଥିଲେ ବି ବାପା କ୍ଷଣକୋପୀ କୁ ମହଦର ଚାଚା ଥିଲେ ଗଛ ଭଳି ନିର୍ବିକାର ଓ ଶାନ୍ତ ପ୍ରକୃତିର । ଉଭୟଙ୍କର ମାନବ ଜାତି ତଥା ଈଶ୍ୱରଙ୍କ ଉପରେ ଥାଏ ଗଭୀର ଆସ୍ଥା । ଈଶ୍ୱର ଖୁବ୍ ଦୟାଳୁ, ସେ ସର୍ବଦା ମଣିଷର ମଙ୍ଗଳ କାମନା ସହ ତା'ର ଉ ାନ ପାଇଁ ଯତ୍ନବାନ୍ ଥାଆନ୍ତି ।

ଆସ୍ତେ ଆସ୍ତେ ଲାହୋରର ପରିସ୍ଥିତି ବଦଳିବାକୁ ଲାଗେ । ଧାର୍ମିକ କନ୍ଦଳ ତଥା ଅସହିଷ୍ଣୁତାର ବିଷ ଚହଟି ଯାଏ ସର୍ବତ୍ର । ଲୋକେ ଆପଣା ଭିଟାମାଟି ଛାଡ଼ି ଅନ୍ୟତ୍ର ପଳାଇବାକୁ ବାଧ୍ୟ ହୁଅନ୍ତି । ଦଙ୍ଗାକାରୀଙ୍କ ଦ୍ୱାରା ଗୋଟା ଗୋଟା ହିନ୍ଦୁ ବସ୍ତି ଜଳାଇ ଦିଆଯାଉଥାଏ । ଘର ଜାଳିଦେବା ସହ ବାପାଙ୍କ ଦୋକାନକୁ ଲୁଟି ନିଅନ୍ତି ସେମାନେ । ପୋଡ଼ାଘରର ଛାତ ତଳେ ଯେକୌଣସି ପ୍ରକାରେ ସେମାନେ ମୁଣ୍ଡ ଗୁଞ୍ଜି ପଡ଼ିରହନ୍ତି । ବାପାଙ୍କର ତଥାପି ଲାହୋର ଛାଡ଼ିବାର ଇଚ୍ଛା ନଥାଏ । କିଛିଦିନ ପରେ ପରିସ୍ଥିତି ସାମାନ୍ୟ ହୋଇଗଲେ ସବୁକିଛି ପୁଣି ପୂର୍ବଭଳି ହୋଇଯିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । କିନ୍ତୁ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ଆହୁରି ଆହୁରି ଖରାପ ହୋଇଚାଲେ । ଦେଶ ସ୍ୱାଧୀନ ହେବାସହ ଲାହୋର ପାକିସ୍ତାନ ଅନ୍ତର୍ଗତ ବୋଲି ସରକାରୀ ଘୋଷଣା ହେବାଦ୍ୱାରା ହିଂସା ଆହୁରି ବୃଦ୍ଧିପାଏ । ସେମାନେ ଭାରତକୁ ଚାଲିଆସିବାକୁ ଚାହିଁଲେ ବି ଦୁଇ ଦେଶ ମଧ୍ୟରେ ଟ୍ରେନ୍ ଚଳାଚଳ ବାତିଲ୍ ହୋଇଯାଇଥିବାରୁ ସେମାନେ ଅନେକ ଦିନଯାଏଁ ଆସି ପାରନ୍ତି ନାହିଁ । ଶେଷକୁ ଗୋଟେ ଟ୍ରେନ୍ ଶରଣାର୍ଥୀଙ୍କୁ ନେଇ ଭାରତ ଅଭିମୁଖେ ଯାତ୍ରା କରିବାର ଅଛି ବୋଲି ସୂଚନା ମିଳେ । ଠିକଣା ଦିନ ସକାଳୁ ସେମାନେ ଘରୁ ବାହାରି ଷ୍ଟେସନ୍ ଆଡ଼କୁ ମୁହାଁନ୍ତି । ଏତେବର୍ଷ ଧରି ପାଖେ ପାଖେ ରହି ଆସିଥିବା ପଡ଼ୋଶୀମାନଙ୍କ ବ୍ୟବହାର କିନ୍ତୁ ପୂରା ପରିବର୍ତ୍ତନ ହୋଇଯାଇଥାଏ । ଏମାନଙ୍କୁ ସମବେଦନା ଜଣାଇବା ପରିବର୍ତ୍ତେ ଇଙ୍ଗିତ କରି ବହୁକଥା କହିବା ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବାକୁ ଲାଗିଥାନ୍ତି ସେମାନେ । ଏଇ ଦିନ କେଇଟା ଭିତରେ କ'ଣ ହୋଇଗଲା ସତରେ ! ଏତେ ବିରାଟ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହେବା ସହ ଭିତରେ ଭିତରେ ଭାଙ୍ଗି ପଡୁଥାନ୍ତି ବାପା । କେବଳ କ'ଣ ସେମାନେ ହିନ୍ଦୁ ବୋଲି ଲୋକଙ୍କ ମନରେ ଏତେ ଘୃଣା ତାଙ୍କ ପ୍ରତି ? ଯେକୌଣସି ମତେ ସେମାନେ ଷ୍ଟେସନ୍‌ରେ ପହଞ୍ଚିଯାଆନ୍ତି । ସେଠାରେ ପୋଲିସ୍ ମୁତୟନ କରାଯାଇଥାଏ ଶାନ୍ତି ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ । କିନ୍ତୁ ହିନ୍ଦୁ ଶରଣାର୍ଥୀଙ୍କ ଭିଡ଼ ବଢ଼ିବା ପରେ ପୋଲିସ୍‌ମାନେ ଆଉ ମୁସଲମାନ ଆକ୍ରମଣକାରୀଙ୍କୁ ଅଟକାଇ ପାରନ୍ତି ନାହିଁ । ସେମାନେ ଧସେଇ ପଶିଆସି ଟେକା ପଥର ଫୋପାଡ଼ିବା ସହ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ ମଧ୍ୟ କରନ୍ତି । ସେମାନଙ୍କ ଭିତରେ ମହଦର ଚାଚାଙ୍କୁ ଦେଖି ବାପା କ୍ଷଣକ ପାଇଁ ସ୍ୱସ୍ତିର ନିଃଶ୍ୱାସ ନିଅନ୍ତି । ଯା ହେଉ ଇକ୍‌ବାଲ୍ ଆସିଛି ତେବେ ତାଙ୍କୁ ବିଦାୟ ଜଣାଇବା ଉଦ୍ଦେଶ୍ୟରେ । ହେଲେ ବନ୍ଧୁଙ୍କ ମୁଖଭଙ୍ଗୀ ଦେଖି ବାପା କେଇପାଦ ପଛକୁ ଘୁଞ୍ଚିଯାଆନ୍ତି । "ସାଲା ହିନ୍ଦୁ କୁତ୍ତା, ଏଠୁ କ'ଣ ଚୋରୀ କରିକି ନେଇ ଯାଉଛୁ ବେ..." କହି ମହଦର୍ ଚାଚା ବାପାଙ୍କ ପକେଟରେ ଜବରଦସ୍ତ ହାତ ପୂରାଇ ସବୁ ଜିନିଷ କାଢ଼ି ଆଣନ୍ତି ବାହାରକୁ । ବାପାଙ୍କ ସାରା ଜୀବନର ସାଇତା ଶ୍ରଦ୍ଧା ଓ ବିଶ୍ୱାସ ବିଛାଡ଼ି ହୋଇପଡ଼େ ପ୍ଲାଟଫର୍ମର ଚଟାଣ ଉପରେ । "ତୁ ଏ କ'ଣ କଲୁରେ ଚଣ୍ଡାଳ ! କପର୍ଦ୍ଦକଶୂନ୍ୟ ହୋଇ ଘରଛାଡ଼ି ଗଲାବେଳେ ତୋତେ ହିଁ ତ ସାଙ୍ଗରେ ନେଇ ଯାଉଥିଲି । ତୋର ଏଇ ବ୍ୟବହାରରେ ମୋତେ ଗୋଟାପଣେ ନିଃସ୍ୱ କରିଦେଲୁ ... ହଉ, ଦେଖ୍, ଭଲକି ପରଖି ନେ ତୋ ବନ୍ଧୁକୁ ।" ବାପା ମନେ ମନେ ଭାବୁଥାନ୍ତି । ପକେଟ୍‌ରୁ କାଢ଼ି ଥିବା ସବୁ ଜିନିଷକୁ ତନ୍ନ ତନ୍ନ କରି ଦେଖିଲା ପରେ ରୁମାଲ, ଚଷମା ଖୋଳ ତଥା କାଗଜପତ୍ରକୁ ପୁଣି ପକେଟ୍ ଭିତରେ ପୂରେଇ ଦେଇ ଗୋଟେ ଶକ୍ତ ଗଳାଧକ୍କା ପକାନ୍ତି । ପ୍ଲାଟ୍‌ଫର୍ମ ଉପରେ ହାମୁଡ଼ି ପଡ଼ିଯିବାରୁ ବାପାଙ୍କ ମୁହଁ ଖଣ୍ଡିଆ ହେବାସହ ଚଷମାଟି ଭାଙ୍ଗିଯାଏ । ପୁଣି ମହଦର ଚାଚା ତାଙ୍କୁ ତଳୁ ଉଠାଇ ଟ୍ରେନ୍ ଭିତରକୁ ଠେଲି ଦିଅନ୍ତି ଅତି ନିର୍ଦ୍ଦୟ ଭଙ୍ଗୀରେ । ବାପାଙ୍କର ଏତେବେଳକୁ ଅସମ୍ଭାଳ ଅବସ୍ଥା । ଇକ୍‌ବାଲ୍ ତାଙ୍କ ସହିତ ଏମିତି ବ୍ୟବହାର କେମିତି କରି ପାରୁଛି ଯେ ! ମା' କିନ୍ତୁ ସେତେଟା ବିଚଳିତ ହୁଅନ୍ତି ନାହିଁ । ମାନବତା ଉପରେ ବାପାଙ୍କ ଭଳି ଦୃଢ଼ ବିଶ୍ୱାସ ଯେ ତାଙ୍କର ନଥାଏ । ସେ ଭଲକରି ଜାଣିଥାନ୍ତି ଏମାନେ ମୁସଲମାନ ବୋଲି । ପାକିସ୍ତାନର ନିର୍ମାଣ ପରେ ଏମାନେ ହିନ୍ଦୁଙ୍କୁ ତାଙ୍କ ସହିତ ରଖିବାକୁ ଆଦୌ ଚାହୁଁ ନାହାନ୍ତି । ସେ ପରିସ୍ଥିତିରେ ଗମ୍ଭୀରତାକୁ ହୃଦୟଙ୍ଗମ କରି ସୁନୀତିକୁ ଟ୍ରେନ୍ ଉପରକୁ ଉଠେଇ ଦେଇ ନିଜେ ମଧ୍ୟ ଚଢ଼ି ଯାଆନ୍ତି । ଟ୍ରେନ୍ କିନ୍ତୁ ସେଇମିତି ଅଟକି ରହେ ଆହୁରି ଦୀର୍ଘ ସମୟ । ଗାଡ଼ି ଭିତରେ ଭୀଷଣ ଭିଡ଼ । ସମସ୍ତେ ଅତ୍ୟନ୍ତ ଭୀତତ୍ରସ୍ତ । ଅଳ୍ପ ଦୂରରେ ସେଇ ପ୍ଲାଟଫର୍ମ ଉପରେ ଠିଆହୋଇ ରହିଥାନ୍ତି ମହଦର ଚାଚା । ତାଙ୍କ ମୁହଁ ଏବେ ବି ଖୁବ୍ ଭୟଙ୍କର ଦେଖାଯାଉଥାଏ । ସେ ବାରମ୍ବାର ତାଙ୍କ ବନ୍ଧୁଙ୍କ ଆଡ଼କୁ ମୁଥ ଉଠାଇବା ସହ ଗରଗର ହୋଇ କ'ଣ ସବୁ ଗାଳି ଦେଉଥାନ୍ତି । ହଠାତ୍ ପ୍ଲାଟଫର୍ମ ଉପରେ ହଣାହଣି ଆରମ୍ଭ ହୋଇଯାଏ । ଅନେକ ଲୋକ ଜୀବନ ହରାନ୍ତି । ସୌଭାଗ୍ୟକୁ ଏମାନଙ୍କ ବଗି ଆଡ଼କୁ କେହି ଆକ୍ରମଣକାରୀଙ୍କ ଦୃଷ୍ଟି ନପଡ଼ିବାରୁ ଏମାନେ ବର୍ତ୍ତି ଯାଆନ୍ତି ।

ବାପା ଖୁବ୍ ଭାଙ୍ଗି ପଡ଼ିଥାନ୍ତି ଭିତରେ ଭିତରେ । ସୁନୀତି ଓ ମା' ଉଭୟେ ତାଙ୍କୁ ସାନ୍ତ୍ୱନା ଦେବାକୁ ପ୍ରୟାସ କରନ୍ତି । ମା' ବୁଝାଇବାକୁ ଯାଇ କହନ୍ତି, "ଇକ୍‌ବାଲ୍ ଆଉ କ'ଣ କରିଥାଆନ୍ତେ ଯେ ! ତାଙ୍କୁ ତ ଏଇ ଦେଶରେ ଭାଇଭଗାରୀଙ୍କ ସହ ମିଶି ରହିବାର ଅଛି । ନିଜକୁ ସଚ୍ଚା ମୁସଲମାନ୍ ବୋଲି ସେମାନଙ୍କ ଆଗରେ ପ୍ରମାଣିତ କରିବାର ଅଛି । ସେଇଥିପାଇଁ ସେ ସେମିତି ବ୍ୟବହାର କରିବାକୁ ବାଧ୍ୟ ହୋଇଛନ୍ତି । ଏଇ ଖଣ୍ଡମଣ୍ଡଳରେ ସମସ୍ତେ ଜାଣନ୍ତି ତୁମ ଦୁହିଁଙ୍କର କ୍ଷୀର-ନୀରର ସମ୍ପର୍କ ବୋଲି । ତୁମପ୍ରତି ଟିକିଏ ବି ଦୁର୍ବଳତା ଦେଖାଇଥିଲେ ସେ ଅନ୍ୟମାନଙ୍କର ଘୃଣାର ପାତ୍ର ହୋଇଯାଇଥାନ୍ତେ ସବୁଦିନ ପାଇଁ ।" ବାପା କିନ୍ତୁ ତାଙ୍କ କଥାରେ ଆଦୌ ସହମତ ହୋଇପାରନ୍ତିନି । ଇକ୍‌ବାଲ୍ ଯଦି ପ୍ରକୃତରେ ତାଙ୍କୁ ଘୃଣା କରୁଥାନ୍ତା ତେବେ ସେ ରେଳଷ୍ଟେସନ୍‌କୁ ଆସି ନଥାନ୍ତା । ଦୂରେଇ କରି ରହିଥାନ୍ତା, ମୁହଁ ଲୁଚେଇଥାନ୍ତା । ତେବେ ସେ ଆସିଥିଲା କାହିଁକି ? ବାପାଙ୍କ ଆଖିରୁ ଧାର ଧାର ହୋଇ ବୋହିଯାଉଥାଏ ଲୁହ । ସୁନୀତି ଏଇ ପରିସ୍ଥିତରେ କ'ଣ କରିବ ବୋଲି ଚିନ୍ତା କରେ । କ'ଣ ବା କହି ବୁଝାଇବ ବାପାଙ୍କୁ ? ବାପା କାନ୍ଦି କାନ୍ଦି କହନ୍ତି, "ଠାକୁର ବଡ଼ ଦଗାଦିଆ । ଘୋର ଅସମୟରେ ସେ ମଣିଷଙ୍କ କଥା ଭାବିବା ଛାଡ଼ି ଦେଇଛନ୍ତି । ଆଉ କାହା ଉପରେ ବିଶ୍ୱାସ ରଖାଯାଇ ପାରିବ ?" ସୁନୀତି ଘୋର ଚିନ୍ତାରେ ପଡ଼ିଯାଏ । ବାପା ଏମିତି କାହିଁକି କହୁଛନ୍ତି ଯେ ! ଯଦି ଠାକୁର ମଣିଷ କଥା ଚିନ୍ତା କରୁ ନଥାନ୍ତେ ତେବେ ବିଷ୍ଣୁ ଦଶଥର ବିଭିନ୍ନ ରୂପରେ ଅବତାର ନେଇ ଧରାପୃଷ୍ଠକୁ ଆସିଥିଲେ କାହିଁକି ? ଯଦି ଠାକୁର ମଣିଷ କଥା ଚିନ୍ତା କରୁ ନଥାନ୍ତେ ତେବେ ସେ କାହିଁକି ଯୀଶୁଙ୍କୁ ପଠାଇଥିଲେ ପୃଥିବୀ ପୃଷ୍ଠକୁ ? ଯଦି ଠାକୁର ମଣିଷ କଥା ଚିନ୍ତା କରୁ ନଥାନ୍ତେ ତେବେ ମୋଜେସ୍‌ଙ୍କୁ କାହିଁକି ତାଙ୍କର ବାର୍ତ୍ତା ଦେଇଥିଲେ ସିନାଇ ପର୍ବତ ଉପରେ ? ଯଦି ଠାକୁର ମଣିଷ କଥା ଚିନ୍ତା କରୁ ନଥାନ୍ତେ ତେବେ ନିର୍ବାଣମାର୍ଗର ସନ୍ଧାନ ପାଇବା ପରେ ମଣିଷମାନଙ୍କ ଠାରୁ ଦୂରେଇ ନଯାଇ ଗୌତମ ବୁଦ୍ଧ ପୁଣି ଫେରି ଆସି ସମସ୍ତଙ୍କୁ ନିର୍ବାଣ ପ୍ରାପ୍ତିର ସହଜ ଓ ସରଳ ମାର୍ଗ ଶିକ୍ଷା ଦେବା କାହିଁକି ଆରମ୍ଭ କରିଥିଲେ ? ଠାକୁର ଅଛନ୍ତି । ସେ ସଦା ସର୍ବଦା ତାଙ୍କ ସୃଷ୍ଟି କଥା ଚିନ୍ତା କରୁଛନ୍ତି । ମଣିଷର ମଙ୍ଗଳ କାମନା କରୁଛନ୍ତି । ସୁନୀତି ଚାହେଁ ତା ବାପାଙ୍କର ବି ପୂର୍ବପରି ଠାକୁରଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଫେରିଆସୁ ବୋଲି । ସେ ଚାହେଁ ଠାକୁର ତାଙ୍କ ଭଲପାଇବାର ଏକ ପ୍ରମାଣ ଦିଅନ୍ତୁ । କେମିତି ଦେବେ ସେ ବିଷୟରେ ସୁନୀତି କିଛି ଭାବି ପାରୁ ନଥାଏ । କିନ୍ତୁ ଗଭୀର ବିଶ୍ୱାସ ଥାଏ ଦେବେ ନିଶ୍ଚିତ ବୋଲି । ଓଠ କାମୁଡ଼ି, ଆଖି ବୁଜି ବାପା ବସିଥାନ୍ତି । ଲୁହ ଝର ଝର ହୋଇ ବୋହି ଚାଲିଥାଏ ଦୁଇ ଆଖିରୁ । ବାପାଙ୍କ ପକେଟ୍‌ରୁ ରୁମାଲଟି କାଢ଼ି ତାଙ୍କ ମୁହଁ ପୋଛିଦେବାକୁ ଚାହେଁ । ରୁମାଲ କାଢ଼ିଲା ବେଳେ ଆଉ କିଛି ପକେଟ୍‌ରୁ ବାହାରି ବାପାଙ୍କ କୋଳରେ ଖସିପଡ଼େ । ଗୋଟେ କାଗଜ ଗୁଡ଼ା ହୋଇଥିବା ନୋଟ୍ ବିଡ଼ା !! ବାପା ଆଶ୍ଚର୍ଯ୍ୟ ହୋଇଯାଆନ୍ତି ତାହା କୋଉଠୁ ଆସିଲା ବୋଲି ଭାବି । ମା' ସାଙ୍ଗେ ସାଙ୍ଗେ ସେଇ ବିଡ଼ାକୁ ନିଜ ହାତରେ ଢାଙ୍କି ଦିଅନ୍ତି । ଭିଡ଼ ଭିତରେ କେହି ଜାଣିବା କଥା ନୁହେଁ ତାଙ୍କ ପାଖରେ ଏତେ ପଇସା ଅଛି ବୋଲି । ସୁନୀତି କିନ୍ତୁ ବୁଝିପାରେ । ଚୁପି ଚୁପି ବାପାଙ୍କ କାନରେ କହେ, "ମହଦର୍ ଚାଚୁଙ୍କ ଛଡ଼ା ଏତେ ପଇସା ତୁମକୁ ଆଉ କିଏ କାହିଁକି ଦେବ ବାପା ? ବାପା ବି ବୁଝି ଯାଆନ୍ତି । କାଳେ କ'ଣ ଚୋରି କରି ନେଇ ଯାଉଛି କି ବୋଲି ସବୁ କାଢ଼ି ପୁଣି ପକେଟ୍‌ରେ ପୂରାଇଲା ବେଳକୁ ଏଇ ନୋଟ୍ ବିଡ଼ା ବି ତାହାହେଲେ ସେ ପୂରାଇ ଦେଇଛି ।

ବାପା ସେଇ ନୋଟ୍ ବିଡ଼ାକୁ ପକେଟ୍ ଭିତରେ ପୂରେଇ ଦେଇ ଚୁପ୍‌ଚାପ୍ ବସିପଡ଼ନ୍ତି । ଠାକୁରଙ୍କ ଉପରେ ତାଙ୍କ ଭରସା ପୁଣି ବଳବତ୍ତର ହେବାକୁ ଲାଗେ । ମଣିଷ ପଣିଆଁ ମରିନି । ମରି ପାରିବନି ଧରାପୃଷ୍ଠରୁ । ଚଳଚିତ୍ରସମ ଅତୀତର ଦୃଶ୍ୟଗୁଡ଼ିକ ଆଖି ଆଗରେ ଭାସିଯାଉଥାଏ ବାପାଙ୍କର । ଗାଡ଼ି ଆଗକୁ ଗଡ଼ି ଯାତ୍ରୀମାନଙ୍କୁ ନେଇଯାଉଥାଏ ନୂଆ ଦେଶକୁ । ଆଗରେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ । ଆଉ ସେଇ ମହାଶୂନ୍ୟ ଭିତରେ ଠାକୁରଙ୍କ ଅବସ୍ଥିତି ସୂଚେଇ ଦେଉଥାଏ ମଣିଷକୁ ଯେ ଏଇଠି ଜୀବନ ସରି ଯାଉନି । ଲମ୍ବିଛି ଆଗକୁ । ଆମକୁ ହତାଶ ନହୋଇ ଚାଲିବାକୁ ହେବ । ଗାଡ଼ିଯାଇ ଅମୃତସରରେ ପହଞ୍ଚେ । ସରକାରଙ୍କ ତରଫରୁ ସେମାନଙ୍କର ରହିବା ଖାଇବାର ବ୍ୟବସ୍ଥା କରାହୋଇଥାଏ ଶରଣାର୍ଥୀ ଶିବିରରେ । ସେଇଠି ଟିକିଏ ଏକାନ୍ତ ପାଇବାରୁ ବାପା ପକେଟ୍‌ରୁ ନୋଟ୍ ବିଡ଼ାଟି ବାହାରକରନ୍ତି । ଗୁଡ଼ା ହୋଇଥିବା ଖବରକାଗଜ କାଢ଼ିଲା ବେଳେ ଛୋଟ ହାତଲେଖା ଚିଠିଟି ଉପରେ ତାଙ୍କର ଆଖି ପଡ଼େ । ମହଦର୍ ଚାଚାଙ୍କ ହସ୍ତଲିପି ଦେଖି ତାଙ୍କ ସମଗ୍ର ଶରୀର ପୁଲକିତ ହୋଇଯାଏ । ଦୁଇଥର ମନେ ମନେ ପଢ଼ିଲା ପରେ ସେ ତାହା ସୁନୀତି ଓ ତା'ମା'କୁ ଶୁଣାଇବା ଉଦ୍ଦେଶ୍ୟରେ ପୁଣି ବଡ଼ ପାଟିରେ ପଢ଼ନ୍ତି । ଚିଠିରେ ମହଦର୍ ଚାଚା ଲେଖିଥାନ୍ତି – "ମୋତେ କ୍ଷମା କରିଦେବୁରେ ଭାଇ । ତୋ ପାଖରେ ଏତକ ପହଞ୍ଚାଇବା ଲାଗି ମୁଁ ଆଉ କୌଣସି ରାସ୍ତା ପାଇଲିନି । ପୂର୍ବପରି ବ୍ୟବହାର ଦେଖାଇଥିଲେ ସେଇଠୁ ଜୀବନ ଧରି ଫେରିବା କାହାରି ପକ୍ଷରେ ସମ୍ଭବ ହୋଇ ନଥାନ୍ତା । ଏଇ ଟଙ୍କାର ମୋର ଅପେକ୍ଷା ତୋର ଅଧିକ ଆବଶ୍ୟକତା ଅଛି । ସାରା ଜୀବନ ମୋତେ ବନ୍ଧୁ ଭାବରେ ମନେ ରଖି ପାରିଲେ କୃତାର୍ଥ ହେବି । ଦୁଃଖ ଏତିକି ଯେ ତୋ ଭଳି ଭଲ ମଣିଷଟେ ଆଉ କେବେ ଏଇ ଜୀବନରେ ପାଇ ପାରିବିନି..... ।" ହଠାତ୍ କିଛି ଗୋଟେ ମନେ ପଡ଼ିଯିବାରୁ ବାପା ଆଖିରୁ ଲୁହ ପୋଛି ନୋଟ୍ ଗୁଡ଼ିକ ଗଣିବାକୁ ଲାଗନ୍ତି । ଥରେ, ଦୁଇଥର, ତିନିଥର । ବିଡ଼ାରେ ଥାଏ ସର୍ବମୋଟ୍ ପନ୍ଦରଶହ ଟଙ୍କା । ଚାରଣା ଆଠଣା କରି ଆପଣା ପେଟ କାଟି ସଞ୍ଚୟ କରିଥିବା ମହଦର ଚାଚାଙ୍କ ଏତେବର୍ଷର ସମଗ୍ର ଜମାପୁଞ୍ଜି !!! ଲାହୋରର ମୁଖ୍ୟ ବଜାରରେ ଜୋତା ଦୋକାନ କରିବାର ସ୍ୱପ୍ନକୁ ମହଦର୍ ଇକବାଲ୍ କାଗଜରେ ଗୁଡ଼ାଇ ଧରାଇ ଦେଇଥିଲେ ବନ୍ଧୁଙ୍କୁ ନୂଆ ଦେଶରେ ତାଙ୍କ ଭବିଷ୍ୟତ ଗଢ଼ିବା ଉଦ୍ଦେଶ୍ୟରେ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୪୮)



# ଶିକ୍ଷାକ୍ଷେତ୍ର କେତେ ପବିତ୍ର

ଡ. ରାଧାରଂଜନ ପଟ୍ଟନାୟକ

ଶିକ୍ଷାଳୟ ହିଁ ଶିକ୍ଷାର ମନ୍ଦିର। ଗୁରୁ ହିଁ ଦ୍ୱିତୀୟ ଈଶ୍ୱର। ଆଦର୍ଶ ତଥା ନୀତିବାନ୍ ଛାତ୍ର ଗଠନ କରିବା ଗୁରୁମାନଙ୍କ ଗୁରୁଦାୟିତ୍ୱ। ପ୍ରାଚୀନ ଯୁଗରୁ ଗୁରୁକୁଳାଶ୍ରମଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଶିକ୍ଷାକ୍ଷେତ୍ର କେବଳ ଆଙ୍ଗିକ ବିଭବରେ ପରିବର୍ତ୍ତୀତ ହୋଇଛି। ଆତ୍ମା କିନ୍ତୁ ଅପରିର୍ତ୍ତିତ। ପିଲାଏ ପାଠ ପଢ଼ିବେ। ସମାଜର କଲ୍ୟାଣ କରିବେ। ସ୍ୱ-ଉପାର୍ଜନ କ୍ଷମତା ପ୍ରାପ୍ତ ହେବ। ଏହି ନୀତି ଆଦର୍ଶକୁ ପାଥେୟ କରି ଗଢ଼ି ଉଠିଛି ବିଦ୍ୟାଳୟ ମହାବିଦ୍ୟାଳୟ ସର୍ବୋପରି ବିଶ୍ୱବିଦ୍ୟାଳୟ।

ଶିକ୍ଷାକ୍ଷେତ୍ର ସମ୍ପ୍ରତି କେତେ ପବିତ୍ର! ତାହା ହିଁ ଆଜିର ପ୍ରସଙ୍ଗ। ଏକ ଅନ୍ଧାର ଜଗତରୁ ଆଲୋକର ଶିଖା ଦେଖାଏ ଶିକ୍ଷା। ଶିକ୍ଷା ହିଁ ମଣିଷର ଚାରିତ୍ରିକ ମୂଲ୍ୟକୁ ସଂଶୋଧିତ କରି ନୀତିନିଷ୍ଠ ରାସ୍ତା ପ୍ରଦର୍ଶିତ କରିଥାଏ। ତେଣୁ ଶିକ୍ଷାଳୟମାନଙ୍କର ପ୍ରତ୍ୟେକ ଛାତ୍ର ଏକ ଏବଂ ସମଭାବାପନ୍ନ। ଆଜି ଆଉ ମହାଭାରତର ଯୁଗ ନାହିଁ ଯେ, ଏକଲବ୍ୟଙ୍କୁ ଶିକ୍ଷାଦାନରୁ ବଞ୍ଚିତ କରାଯିବ। ସମଗ୍ରଶିକ୍ଷା ଅଭିଯାନ ପ୍ରତ୍ୟେକ ପିଲାଙ୍କୁ ଶିକ୍ଷା ଗ୍ରହଣ କରିବାର ଅଧିକାର ଦେଇଛି। ଶିକ୍ଷାପ୍ରାପ୍ତି ପରେ ଜାତିଗଠନରେ ସେମାନେ କିଭଳି ବ୍ରତୀ ହୋଇପାରିବେ, ତାହା ହିଁ ଶିକ୍ଷାର ମୂଳମନ୍ତ୍ର। ସମ୍ପ୍ରତି ସମାଜ ବଦଳିଛି, ସଭ୍ୟତା ବଦଳିଛି, ବଦଳିଛି ମଣିଷର ମନ ଓ ପ୍ରକୃତି। ପ୍ରତ୍ୟେକ ଗୋଟିଏ ଜାତି ତାହା ହେଉଛି ମଣିଷ ଜାତି। ସେଠି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ବର୍ଗ ଏବଂ ସାଧାରଣବର୍ଗ ଛାତ୍ରଛାତ୍ରୀମାନଙ୍କ ଭିତରେ କୌଣସି ପ୍ରଭେଦ ନାହିଁ।

ସେ ବିଦ୍ୟାଳୟ ହେଉ ଅଥବା ମହବିଦ୍ୟାଳୟ। ସବୁଠି ସହପାଠୀମାନଙ୍କ ମଧ୍ୟରେ ଗଢ଼ିଉଠିଥାଏ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ପରସ୍ପର ଚିହ୍ନନ୍ତି। ଯୋଡ଼ି ହୁଅନ୍ତି ପୁଣି ସହଭାଗିତାରେ ବିଦ୍ୟାଧ୍ୟୟନ କରନ୍ତି। ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବାପାଇଁ ବିବିଧ ନୃତ୍ୟଗୀତର ଆୟୋଜନ ମଧ୍ୟ କରିଥାଆନ୍ତି। ଏହାରି ମଧ୍ୟରେ ସୃଷ୍ଟି ହୁଏ ଆତ୍ମୀୟତାର ଭାବାବେଗ। କିନ୍ତୁ ଆଜି? ଶିକ୍ଷାକ୍ଷେତ୍ର ପାଲଟିଛି ବିବେଧକ୍ଷେତ୍ର। ପବିତ୍ରତା ନାହିଁ। ସହାନୁଭୂତି ନାହିଁ। ନାହିଁ ପୁଣି ପ୍ରାଣପଖଲା ହୃଦୟ ଖୋଲାକଥା। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ବିଭେଦତାର ପାଚେରୀ ବେଶ୍ ପରିଦୃଶ୍ୟ। ଏଭଳି ହେବାର ପ୍ରଚ୍ଛଦରେ କୌଣସି ବ୍ୟକ୍ତିମାନଙ୍କର ପ୍ରଚ୍ଛନ୍ନ ହାତ ଥିଲା ଭଳି ମନେହୁଏ। ନିଜ ପାରିଲା ପଣିଆର ଶସ୍ତା ବିଜ୍ଞାପନ ପାଇଁ ପ୍ରଚ୍ଛଦ ନାୟକମାନେ କିଛି ନା କିଛି କରିଥାନ୍ତି। ଭୂତ-ଭବିଷ୍ୟତ ଏବଂ ବର୍ତ୍ତମାନର କଥା ଚିନ୍ତା କରନ୍ତି ନାହିଁ। ସାମୟିକ ଉଦ୍‌ବେଳନରେ ଉଦ୍‌ବେଳିତ ହେଇଥାନ୍ତି ସେମାନେ।

ଚଳମାନ ସମୟରେ ଶିକ୍ଷାକ୍ଷେତ୍ର ଏବେ ରାଜନୀତିର ଖଣି ପାଲଟିଯାଇଛି। କିଛି ଖଣିମାଫିଆ ରାଜନୀତି ଖଣିରୁ ବିଭିନ୍ନ ସମୟରେ ସଂହତିର ରତ୍ନକୁ ଚୋରି କରିବାର ଲାଗିଛନ୍ତି। କେଉଁଠି ଜାତିବାଚକ ଉପସର୍ଗତ! ପୁଣି କେଉଁଠି ଧର୍ମବାଚକ। କେଉଁଠି ଦେଶଦ୍ରୋହର କଥା ତ, ପୁଣି କେଉଁଠି ପାକିସ୍ତାନର ଜିନ୍ଦାବାଦର ସ୍ଲୋଗାନ। ଏମିତି ଚାଲିଛି ଶିକ୍ଷାକ୍ଷେତ୍ରର ବାତାବରଣ।

ଏବେ ମହାବିଦ୍ୟାଳୟ କଥା ଚିନ୍ତା କରିବା। ମୁଁ ଯେତିକି ଜାଣିଛି ମହାବିଦ୍ୟାଳୟମାନଙ୍କରେ ଛାତ୍ର ୟୁନିୟନ୍ ଥାଏ। ଏହି ୟୁନିୟନ୍ ପାଇଁ ବିଭିନ୍ନ ରାଜନୀତିକ ଦଳରୁ ଛାତ୍ରଛାତ୍ରୀମାନେ ପ୍ରତିଦ୍ୱନ୍ଦିତା କରିଥାନ୍ତି। କାରଣ ଜଣେ ନେତା ସମାଜ ପାଇଁ କ'ଣ କରିବ, ନେତାର ଆଦର୍ଶଗଣ ସବୁ କ'ଣ ହେବା ଦରକାର ଏହିଠାରୁ ହିଁ ଛାତ୍ରମାନେ ଶିକ୍ଷା ଗ୍ରହଣ କରିଥାନ୍ତି। ଏଥିରେ ସବୁ ବର୍ଗର ପିଲାମାନେ ପ୍ରତିଦ୍ୱନ୍ଦିତା କରିଥାନ୍ତି। ନିର୍ବାଚନ ପରେ ପୁଣି ପ୍ରାକ୍ ନିର୍ବାଚନର ମତାନ୍ତରକୁ ଭୁଲି ଗୋଟିଏ ପଥରେ ଯାତ୍ରାକରନ୍ତି, ତାହା ହେଉଛି ଛାତ୍ର ଜୀବନର ପଥ। ନବାଗତ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟଳୟମାନଙ୍କରେ ସ୍ୱାଗତ କରିବା ଧାରା ଏକ ସୁସ୍ଥ ପରମ୍ପରା। ବିଭିନ୍ନ ବିଭାଗ ତରଫରୁ ବରିଷ୍ଠମାନେ କନିଷ୍ଠମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥାନ୍ତି। ଏଥିପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୁଏ ପରମ୍ପର ଭାବର ବିନିମୟ ହୁଏ। କିନ୍ତୁ ଆଜିକାଲି ଦେଖାଯାଉଛି କେତେକ ନିର୍ଦ୍ଦିଷ୍ଟ ମହାବିଦ୍ୟାଳୟ (ସରକାରୀ/ବେସରକାରୀ) ଜାତିଭିତ୍ତିକ ଉତ୍ସବ ପାଳନ କରାଉଛନ୍ତି। ଏପରିକି ଜାତିବର୍ଗ ଅନୁସାରେ ୟୁନିୟନ ଗଠନ କରାଯାଉଛି। ଏହା ସରକାରଙ୍କର ସ୍ୱୀକୃତି ପ୍ରାପ୍ତ ବା ଅଣସ୍ୱୀକୃତି ପ୍ରାପ୍ତ ତାହା କହିହେବ ନାହିଁ। ଏଭଳି ପ୍ରୟାସକୁ କେହି କହେ ଯୁକ୍ତି ଦର୍ଶାଇ କହନ୍ତି ଜାତିଭିତ୍ତିକ ନୃତ୍ୟଗୀତ ହେଲେ ଅସୁବିଧା କ'ଣ? ହୁଏତ ସେମାନେ ଏଭଳି ଯୁକ୍ତିକୁ ନିଜ ପାଣ୍ଡିତ୍ୟର ବିଶେଷଣ ବୋଲି ଭାବନ୍ତି। ଜାତିଭିତ୍ତିକ ନୃତ୍ୟରେ ଅବଶ୍ୟ ବିରୋଧ କରିବାର ନାହିଁ, କିନ୍ତୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ପିଲାଙ୍କୁ ସେହିବର୍ଗର ଛାତ୍ରଛାତ୍ରୀମାନେ ଯେ ସ୍ୱାଗତ କରିବେ ତାହା ବିଧିସମ୍ମତ କି? ଏହା କ'ଣ ଶିକ୍ଷାକ୍ଷେତ୍ରରେ ସୁସ୍ଥ ପରମ୍ପରା ସୃଷ୍ଟି କରିପାରିବ କି? ଏମିତି ଏକ ଉତ୍କଟ ଜାତିପ୍ରଥାକୁ ଆମେ ପ୍ରୋତ୍ସାହନ ଦେଉଛୁ। ଆମେ ହିଁ ବିଷମଞ୍ଜି ବୁଣୁଛୁ। ଫଳରେ ଛାତ୍ରଛାତ୍ରୀମାନଙ୍କ ମନରେ ଅସୂୟା ଭାବର ମହାଦ୍ରୁମ ଯେ, ଶାଖା ପ୍ରଶାଖା ମେଲିବ ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏଥିପାଇଁ ଗୋଟିଏ କମନ୍ ପ୍ଲାଟଫର୍ମର ଆବଶ୍ୟକତା ଅଛି।

ଶିକ୍ଷାକ୍ଷେତ୍ର ଭଳି ଏକ ପବିତ୍ର ସ୍ଥାନକୁ ଆମେ ଅପବିତ୍ର କରିବସିଛୁ। ଏଥିପାଇଁ ଅଧ୍ୟାପକ ଏବଂ ଅଧ୍ୟକ୍ଷ ସମ୍ପୂର୍ଣ୍ଣ ମାତ୍ରାରେ ଦାୟୀ। କାରଣ ଶିକ୍ଷାପରିସରକୁ ନିୟନ୍ତ୍ରଣ କରିବାର ଅଧିକାର ଏଇମାନଙ୍କ ହାତରେ ଥାଏ। କିନ୍ତୁ ପରିତାପର ବିଷୟ ସମ୍ପୃକ୍ତ ଅଧ୍ୟାପକମାନେ ଏଥିପ୍ରତି ଯତ୍ନବାନ୍ ହେଉନାହାନ୍ତି। କିଛି ଗୋଟେ ନୂଆକରି ଦେଖାଇବା ବାହାନାରେ କଳଙ୍କିତ ପରମ୍ପରା ସୃଷ୍ଟି କରିଚାଲିଛନ୍ତି। ବିଶିଷ୍ଟ ବ୍ୟଙ୍ଗକବି ଦୀପକ ବୋଷ କହନ୍ତି - "ନୂଆ କିଛି କରିବା ନାଁରେ ନୂଆ ନଳାପାଣି ପିଇବା ଏମାନଙ୍କର ଅଭ୍ୟାସ ହୋଇଗଲାଣି।"

ପ୍ରତ୍ୟେକ ବ୍ୟକ୍ତିଙ୍କର ମନ ଗୋଟିଏ ରହସ୍ୟ। ଯେପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ'ଣ ଅଛି, ତାହା ଜାଣି ହୁଏନା ସେ ପର୍ଯ୍ୟନ୍ତ ଉପଯୁକ୍ତ ଶିକ୍ଷା ଦିଆଯାଇପାରେ ନାହିଁ। କେତେକ ଅଧ୍ୟାପକ ଅଛନ୍ତି, ଯେଉଁମାନେ ଘୋଷାଡୁଥିବା ନେତା ହେବାକୁ ଭଲପାଆନ୍ତି। ସେମାନେ ଭାବନ୍ତି, ଯାହା କରୁଛନ୍ତି ସବୁ ଠିକ୍। ଏପରିକି ଶ୍ରେଣୀଗୃହରେ ସବୁ ଜ୍ଞାନ, ପ୍ରଜ୍ଞା ଓ ଶିକ୍ଷାର ଉତ୍ସ ବୋଲି ସେମାନେ ମନେ କରିବାକୁ ଭଲପାଆନ୍ତି। ଏପରି ଅଧ୍ୟାପକ କ୍ଷମତା ଲୋଭି ହୋଇଥାଆନ୍ତି। ଶସ୍ତା ନାମ କମେଇବାପାଇଁ ଛାତ୍ରଛାତ୍ରୀମାନଙ୍କ ମନରେ ନକାରାତ୍ମକ ଭାବଧାରା ସୃଷ୍ଟି କରିଥଆନ୍ତି। ତେଣୁ ସେମାନେ ବଡ଼ ହୋଇ ଜାତିକଲ୍ୟାଣ କରିବା ଉଦ୍ଦେଶ୍ୟ ପରିବର୍ତ୍ତେ ଜାତି ଜାତି ଭିତରେ ଏକ ପାର୍ଥକ୍ୟର ବନ୍ଧ ବାନ୍ଧିଥାଆନ୍ତି।

ଚଢ଼େଇ ଉଡ଼େ, ମାଛ ପହଁରେ, ମଣିଷ ଚିନ୍ତାକରେ ଓ ଶିଖେ। କେବଳ ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନର ଆବଶ୍ୟକତା ଅଛି। ଛାତ୍ରମାନଙ୍କର ମାନବୀୟ ହୃଦୟବୃତ୍ତି କିପରି ବିକଶିତ ହେବ, ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। କିନ୍ତୁ ଅଧୁନା ଅଧ୍ୟାପକମାନେ ଶିକ୍ଷାଦାନକୁ ଏକ ବ୍ୟବସାୟିକ ଟ୍ରେଡରେ ପରିଣତ କରିଦେଇଛନ୍ତି। ତେଣୁ ଅଧିକାଂଶ ଅଧ୍ୟାପକ ଛାତ୍ରଛାତ୍ରୀମାନଙ୍କର ଆଦର୍ଶ ରହିପାରନ୍ତି ନାହିଁ। ଏପରିକି ସେମାନଙ୍କ ଜୀବନବୋଧ ଏବଂ ଭାବବୋଧ ସହିତ ପରିଚିତ ହୋଇପାରନ୍ତି ନାହିଁ। ଫଳରେ ସାମାଜିକ ସମ୍ପର୍କ ଶିଥିଳ ହୋଇ ଯାଉଛି।

ଅତୀତରେ ଭୟଥିଲା। ଶିକ୍ଷକମାନଙ୍କର ଅନୁଶାସନାତ୍ମକ ଶାସ୍ତି ଥିଲା। କେବଳ ଏତିକି ନୁହେଁ ଖରାପ କାର୍ଯ୍ୟ କଲେ ଲୋକନିନ୍ଦାକୁ ବି ଭୟଥିଲା। କିନ୍ତୁ ଆଜି ସବୁଠି ବେଖାତିର ଭାବ ବସାବାନ୍ଧିଲାଣି। ଜୀବନ ଚାହେଁ ଏକ ଆଦର୍ଶ ପଥ। କିନ୍ତୁ ସେ ଆଦର୍ଶ ଆଜି ନାହିଁ। ସବୁଠି ଛଳନାର କଚ୍ଛପୀୟ ମୂର୍ତ୍ତି। ସମ୍ପର୍କ ଯୋଡ଼ିବାର ଛଳନା, ଉତ୍ସବ ଆୟୋଜନର ଛଳନା, ନୃତ୍ୟଗୀତ ନାମରେ ଛଳନା, କେବଳ ଛଳନାର ଛଉନାଚ ଏଠି ସେଠି ସବୁଠି। ଜର୍ଜ ଲୁକାଚ କହନ୍ତି- "ସମାଜ ପରିବର୍ତ୍ତନର ଦାୟବଦ୍ଧତା ନୁହେଁ, ବରଂ ଚଳଣି / ବିଶ୍ୱାସ / ବିକାଶ / ସଦ୍‌ଭାବନା / ସହଯୋଗ / ସହାନୁଭୂତି ପ୍ରତି ଅଙ୍ଗିକାର ବଦ୍ଧତା (commitment to common culture and social status) ହିଁ ସମାଜ ଗଠନ ପାଇଁ ଲୋଡ଼ା। ସୁତରାଂ ଏକ ମଧୁମୟ ସମାଜ ଗଠନପାଇଁ ଆମେ ମିଳିମିଶି ପ୍ରତ୍ୟେକ ବର୍ଗର ସାଂସ୍କୃତିକ ଭାବଧାରା, ନୃତ୍ୟ, ଗୀତର ଆୟୋଜନ କରିପାରିଲେ ପ୍ରତ୍ୟେକଙ୍କ ହୃଦୟରେ ପରସ୍ପର ପ୍ରତି ଅତରଙ୍ଗତା ପ୍ରକାଶ ପାଇବ। ଏଥିପ୍ରତି ମୁଖ୍ୟତଃ ବିଦ୍ୟାଳୟ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷକ ଏବଂ ଅଧ୍ୟାପକମାନେ ଧ୍ୟାନ ଦେବା ଉଚିତ୍। ଶିକ୍ଷା ନାମରେ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତ କାରଣ ଆଜିର ଛାତ୍ର ହିଁ ପରବର୍ତ୍ତୀ ଭବିଷ୍ୟତ। ସେହିମାନଙ୍କ ହାତରେ ଶାସନର ଦାୟିତ୍ୱ। ଯଦି ପ୍ରଥମରୁ ସେମାନଙ୍କୁ ନୀତିନିଷ୍ଠ, ସମଭାବାପନ୍ନ ଦର୍ଶନର କଥା ଶିକ୍ଷା ପ୍ରଦାନ କରାଯାଏ ତେବେ ଆତ୍ମୀୟତାର ସେତୁ ସର୍ଜନାହୋଇ ପାରିବ ଆଉ ଶିକ୍ଷାକ୍ଷେତ୍ର ପବିତ୍ରତାର ବାସ୍ନାରେ ମହକି ଉଠିବ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୧୦



# ପ୍ରଭୁ ପକାଇଲେ ପହଡ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରଭୁ ନୀଳାଂଜନଙ୍କ ଦୁଇ ଚକା ଆଖିର ଅପଲକ ଚାହାଣୀରେ ଏକ ତନ୍ମୟ ପୂର୍ଣ୍ଣତା ଥାଏ ଏବଂ ତାଙ୍କ ଦର୍ଶନର ଗୋଟିଏ ଗୋଟିଏ ମୁହୂର୍ତ୍ତ ଚିନ୍ମୟ ସ୍ମୃତି ଅପାସୋରା ହୋଇ ରହିଯାଏ । ଇନ୍ଦ୍ରଧନୁର ସାତଟି ରଙ୍ଗ, ବାଇଗଣୀ, ଘନନୀଳ, ନୀଳ, ସବୁଜ, ଲାଲ୍, ହଳଦିଆ ଓ ନାରଙ୍ଗୀ। ଏ' ସବୁତକ ରଙ୍ଗର ଅଦ୍ଭୁତ ସମାହାର ହେଉଛି କଳାରଂଗ ଏବଂ ଏହା ଜଗନ୍ନାଥଙ୍କ ପାଖରେ ଆଶ୍ଚର୍ଯ୍ୟ ଭାବରେ ନ୍ୟାସହୋଇଛି । କାଳିଆ ଠାକୁରଙ୍କର ତାହାହିଁ ପ୍ରକୃତ ରଙ୍ଗ। ସବୁ ରଙ୍ଗର, ସବୁ ବର୍ଣ୍ଣର, ସବୁ ବିଚିତ୍ରତର, ସବୁ ସୁଗନ୍ଧର, ସବୁ ଶବ୍ଦର, ସବୁ ନାଦର ପରିପୂର୍ଣ୍ଣ ଦିବ୍ୟ ରୂପ ହେଉଛନ୍ତି କଳାଠାକୁର। ତାଙ୍କରିଠାରୁ ସବୁ ରଙ୍ଗର ଆରମ୍ଭ, ସବୁ ରଙ୍ଗର ବିମୁଗ୍ଧ ବିନ୍ୟାସ, ପୁଣି ତାଙ୍କରି ଠାରେ ସବୁ ରଙ୍ଗର ବିଲୟ। ପରିପୂର୍ଣ୍ଣ କଳାରଙ୍ଗର ଅନନ୍ତ ଗଭୀରତାରେ ପଦ୍ମଫୁଲ ପରି ଉଙ୍କିମାରେ ଗୀତଗୋବିନ୍ଦର ଅପୂର୍ବ କାନ୍ତି, ଗୀତଗୋବିନ୍ଦର ଅପୂର୍ବଭାବ । ଦେହର ଦେଉଳରେ ଧାଡି ଧାଡି ବିଚିତ୍ର ବର୍ଣ୍ଣର ଗୀତଗୋବିନ୍ଦର ସୁଲଳିତ ଭାଷାର ଖଣ୍ଡୁଆ ପାଟ।

ପ୍ରାୟ ୩୫ ବର୍ଷ ତଳର ଏ'କଥା। କାର୍ଯ୍ୟବ୍ୟସ୍ତତା ଭିତରେ ବେଶ୍ କିଛିମାସ କାଳିଆଙ୍କୁ ଦର୍ଶନ କରିପାରି ନଥିଲି। ଏସ୍.ସି.ବି. ମେଡିକାଲ୍ କଲେଜ୍‌ରେ ଗାଇନିକ୍ ଡିପାର୍ଟ୍ ମେଣ୍ଟରେ ପୋଷ୍ଟିଂ। ଲେବର ରୁମ୍ ଡ୍ୟୁଟି, ଓ ଏମର୍ଜେନ୍ସିରେ ୪-୫ ଟି ଅପରେସନ୍। ଡଃ ରମାରମଣ ଷଡ଼ଙ୍ଗୀ ମଧ ହୃଦ୍‌ବକ୍ଷଶଲ୍ୟ ବିଭାଗରେ କାର୍ଯ୍ୟବ୍ୟସ୍ତ ଏବଂ ପିଲାମାନେ ଛୋଟ, ଛୋଟ। ତେଣୁ ମୁଣ୍ଡ ଉଠାଇ ଚିନ୍ତା ମଧ କରିପାରୁନଥିଲି ପୁରୀ ଯିବାପାଇଁ। ସେ କଥା ନୁହେଁ, ବୋଧହୁଏ ପରମ କାରୁଣିକ ଶ୍ରୀ ଜଗନ୍ନାଥ ତାଙ୍କ ଦର୍ଶନର କରୁଣାରୁ ମତେ ବଂଚିତ କରିଥିଲେ ଓ ତାଙ୍କ ଡୋରି ଲାଗିପାରିନଥିଲା। ମୋର ସାନଭଉଣୀ ସବିତା, ମିଶ୍ର, ଭଉଣୀଜୋଇଁ ଇନ୍‌କମ୍ ଟ୍ୟାକ୍ସ କମିଶନର୍ ଶ୍ରୀଯୁକ୍ତ ଯୋଗେଚନ୍ଦ୍ର ମିଶ୍ର ତାଙ୍କ ଦୁଇ ପୁଅକୁ ନେଇ ନାଗପୁରରୁ ଆସି ପହଂଚିଲେ କଟକରେ। ଦିନଟିଏ ବେଶ୍ ଧୁମ୍‌ଧାମ୍‌ରେ କଟିଲା। ତା'ପରଦିନ ପ୍ଲାନ୍ ହେଲା "ଚାଲ ପୁରୀ ଯାଇ ବଡ ଠାକୁରଙ୍କୁ ଦର୍ଶନ କରି ଆସିବା"। ସେତେବେଳେକୁ ଜୁଲାଇ ମାସ। ଭୀଷଣ ଭାବରେ ପୁରୀରେ ଗାଷ୍ଟ୍ରୋଏଣ୍ଟେ ରାଇଟିସ୍ ବ୍ୟାପି ଯାଇଥିଲା। ତୀର୍ଥ ଯାତ୍ରୀମାନଙ୍କୁ ତଥା ପୁରୀରେ ଘରେ ଘରେ ସମସ୍ତଙ୍କୁ ସତର୍କ କରି ଦିଆଯାଇଥିଲା ଏବଂ ଯାତ୍ରୀମାନେ ବଜାରର ଖାଦ୍ୟ ନଖାଇବାକୁ କଡା ନିର୍ଦ୍ଦେଶ ଦିଆ ଯାଇଥିଲା। ତେଣୁ ଆମେ ଦୁଇ ଭଉଣୀ ସକାଳୁ ଉଠି ଧୁମ୍ ଧାମ୍ କାମରେ ଲାଗି ପଡିଲୁ। ଡେକ୍‌ଚିଏ ପୁରୀ, ଆଳୁକଷା, ମିଠା, ପାଣି ବୋତଲ, କାର୍ ଡିକିରେ ଭର୍ତ୍ତିକରି ଚାଲିଲୁ ପୁରୀ। ମଝିରେ କୋଣାର୍କ ସୂର୍ଯ୍ୟମନ୍ଦିର ଦେଖା ଏବଂ ତାପରେ ମେରାଇନ୍ ଡ୍ରାଇଭ୍‌ରେ ସମୁଦ୍ର କୂଳେ କୂଳେ ପୁରୀ ଗଲୁ। ସେ ରାସ୍ତାରେ ଖୁବ୍ ହଇଚଇ ମଚାଇ ଆମେ ଯାଉଥାଉ। ପୁରୀ ଆଉ ଅଳ୍ପ ଦୂର ଅଛି, ହଠାତ୍ ମୋର ମନେ ପଡିଲା ଆରେ ମୋର ପିଲାଦିନର ସାଙ୍ଗ ଟଂଟୁ ତ' ଏଠି ଅଛି। କେତେଥର କଟକ ଆସି ମତେ ଦେଖିଗଲାଣି। ପ୍ରାୟ ୨୭ ବର୍ଷ ହେଲା ତାକୁ ମୁଁ ଦେଖିନି। ଯଦି ସୁବିଧା ହେବ ଏବଂ ସମୟ ବଳିବ ତା' ପାଖକୁ ଟିକେ ଯିବା। କିନ୍ତୁ ଭଉଣୀ ଜୋଇଁ ଯୋଗେଶ୍ ବାବୁ ନଛୋଡ ବନ୍ଧା, ସେ କହିଲେ "ନାନୀଙ୍କ ସାଙ୍ଗ ଘରକୁ ଆଗ ଯିବା"। ଅଗତ୍ୟା ପୁରୀ ପହଂଚୁ ପହଂଚୁ ଷ୍ଟିଅରିଂ ମୋଡା ହେଲା ସାଙ୍ଗ ଘରକୁ। ଆମକୁ ଦେଖୁ ଦେଖୁ ସେ ଖୁସିରେ ବିହ୍ୱଳ ହୋଇ ପଡିଲା। କଥା ବାର୍ତ୍ତା ଭିତରେ ଜଳଖିଆ ବାଢିଦେଲା ସଦ୍ୟ ବଜାରରୁ କିଣା ହୋଇ ଆସିଥିବା ମିଠା, ସିଙ୍ଗଡା ଓ ବରା। ସମସ୍ତଙ୍କ ମୁଣ୍ଡରେ"ଗ୍ୟାଷ୍ଟ୍ରୋ" ଭୂତ ପଶିଛି। ଖାଇ ପାରୁନୁ କି ମନାକରିପାରୁନୁ। ଛୁଆମାନେ ବିକଳରେ ଆମକୁ ଅନାଇଛନ୍ତି। ହଁ କହିଲେ ସାଙ୍ଗେ ସାଙ୍ଗେ ଖାଇବା ଆରମ୍ଭ କରିବେ। ମୋ ସାଙ୍ଗ ଟଂଟୁ କହିଲା "ଖାଉନ କାହିଁକି"? ଶେଷରେ ଡଃ ଷଡ଼ଙ୍ଗୀ ଅସଲ କଥାଟି କହିଲେ, "ନାଇଁ ପୁରୀରେ ପ୍ରବଳ ଗ୍ରାଷ୍ଟ୍ରୋଏଣ୍ଟେ ରାଇଟିସ୍ ତ! ଆମେ ବାହାର ଜିନିଷ କିଛି ଖାଇବୁନି ବୋଲି ଠିକ୍ କରିଛୁ।" ସାଙ୍ଗେ ସାଙ୍ଗେ ସେ ପାଟି କରି କହିଲା "ଇଏ ଗୋଟେ କଥା, ଏତେ ଦିନକେ ଆସିଛ, "ଗ୍ୟାଷ୍ଟ୍ରୋ" "ଫ୍ୟାଷ୍ଟ୍ରୋ" କିଛି ହବନି, ସମସ୍ତେ ଖାଇ କରି ଯିବ"। ଆମେ ସମସ୍ତେ ଆମ ମୁରବୀ ହେଡ୍‌ମାଷ୍ଟ୍ରେ ଡଃ ଷଡ଼ଙ୍ଗୀଙ୍କୁ ଅନାଇ ସବୁଜ ସଂକେତ ମିଳିବା ପରେ ହିଁ ଗୋଟିଏ ଗୋଟିଏ ସିଂଗଡା ଖାଇଲୁ ଏବଂ ବାହାରି ଆସିଲୁ। ଗାଡିରେ ବସିଲା ମାତ୍ରେ ପିଲାମାନଙ୍କର ପ୍ରବଳ ପାଟିତୁଣ୍ଡ ଆରମ୍ଭ ହୋଇଗଲା, "ଆଗ ମନ୍ଦିର ନୁହଁ, ଆଗ ଚାଲ ସମୁଦ୍ରକୂଳ"। ସନ୍ଧ୍ୟା ହୋଇ ଯାଉଛି, ସୂର୍ଯ୍ୟ ଅସ୍ତ ହୋଇଯିବେ। ଆମେ ଲହଡି ଦେଖି ପାରିବୁନି କି ଫଟୋ ଉଠାଇ ପାରିବୁନି। ସେମାନଙ୍କ ସଙ୍ଗେ ସ୍ୱର ମିଶାଇଲେ ଡଃ ଷଡ଼ଙ୍ଗୀ "ହଁ ହଁ ଚାଲ ସମୁଦ୍ର କୂଳ, ବହୁତ ଫଟୋ ଉଠାଇବାର ଅଛି, ବିଶେଷ କରି ସୂର୍ଯ୍ୟ ବୁଡିଲାବେଳର ଫଟୋ। ଅଗତ୍ୟା ଷ୍ଟିଅରିଂ ମୋଡି ଚାଲିଲୁ ସମୁଦ୍ର କୂଳ। ବେଶ୍ କିଛି ସମୟ ବିତିଲା ଆମର ସମୁଦ୍ର କୂଳରେ। ଫଟୋଉଠା, ଲହଡି ଦେଖା ଏବଂ ସମୁଦ୍ର କୂଳ ବାଲିରେ ବସି ସୂର୍ଯ୍ୟାସ୍ତ ଦେଖିବାରେ। ତା' ପରେ ରାତିରେ ଶ୍ରୀମନ୍ଦିର ଗଲୁ।

ଶ୍ରୀ ମନ୍ଦିର ଭିତରକୁ ପଶିବା ମାତ୍ରେ ଆମେ ସମସ୍ତେ ଆଗ ବଡ ବଡ ଦୀପ କିଣି ପକାଇଲୁ ଏବଂ ଭୋଗ ଓ ଫୁଲ ଧରି ଠାକୁରଙ୍କ ପାଖକୁ ଯିବା ବେଳକୁ ଜଣେ ପଣ୍ଡା କହିଲେ "ଆଜ୍ଞା, ଏଇ ଟିକକ ଆଗରୁ ପରା ପହଡ ପଡିଯାଇଛି"। ଆମେ ସମସ୍ତେ ହତାଶ ହୋଇଗଲୁ। ଦୀପଟିମାନ ଧରି ମନ୍ଦିର ବେଢାରେ ବସିଲୁ, ପ୍ରଭୁଙ୍କୁ ପ୍ରଣାମ କଲୁ ଏବଂ ନୀଳଚକ୍ରକୁ ଅନାଇଲୁ। ପ୍ରଭୁ ଶେଷରେ ଏଇୟା କଲ, ଆମେ ଦର୍ଶନ କରିବା ପୂର୍ବରୁ ପହଡ ପକାଇଦେଲ। ଭଉଣୀ ଜୋଇଁ ଯୋଗେଶ୍ ବାବୁ ଶେଷରେ ଅସଲ ମଂଜି କଥାଟି କହିଲେ, "ଆମେ ପୁରୀ ଆସି ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା କଥା କିନ୍ତୁ ପ୍ରଥମେ ସାଙ୍ଗ ଘର, ତାପରେ ସମୁଦ୍ର କୂଳ, ସବାଶେଷରେ ଶ୍ରୀମନ୍ଦିର। ଠାକୁର ରାଗିବେନି?" ଜଗନ୍ନାଥ ପରା ମନେ ମନେ ଅଭିମାନ କରି କହିଲେ "ହଇରେ ମୂଢ, ପାପୀମାନେ, ପ୍ରଥମେ ପୁରୀ ଆସି ଦିଅଁ ଦର୍ଶନ କରିଥାଆନ୍ତ ସିନା ତା'ପରେ ଯାଇଥାଆନ୍ତ ସମୁଦ୍ରକୂଳ ଓ ସାଙ୍ଗଘର। ମତେ ସବା ଶେଷକୁ ରଖିଲ? ଏମିତି ତୁମ ଭକ୍ତି? ହଉ ହଉ ମୁଁ ବି ଦେଖାଉଛି ମୋର କରାମତି। ହେଇ ଦେଖ, ଦେଲି ପକେଇ ପହଡ। ଏବେ ମଜା ପାଉଥାଅ। ବସିଥାଅ ମନ୍ଦିର ବାହାରେ ଦୀପଟିଏ ଲେଖାଁ ଧରି"। ସମସ୍ତେ ବୁଝିଗଲୁ ମରମ କଥା। କାଳିଆ ଦିଅଁଙ୍କର ଅଭିମାନ କଥା। ତାଙ୍କ ଗୁମର କଥା। ଠିକ୍ ଏକ ଘଣ୍ଟାରୁ ବେଶୀ ଶାସ୍ତି ପାଇଲୁ ଆମେ ମନ୍ଦିର ବାହାରେ ବସି। ଘଣ୍ଟାଏ ପରେ କାଳିଆ ସାଆନ୍ତଙ୍କର ପହଡ ଭାଙ୍ଗିଲା ଏବଂ ଆମେ ସମସ୍ତେ ଯାଇ ପ୍ରଭୁଙ୍କୁ ଦର୍ଶନ କଲୁ। ଠାକୁରଙ୍କ ଚକା ଚକା ଆଖି ସୂର୍ଯ୍ୟ ଓ ଚନ୍ଦ୍ର, ଅପୂର୍ବ ବଡ଼ସିଂହାର ବେଶ ଓ ଶ୍ରୀମୁଖ ଦର୍ଶନ କଲାବେଳେ ଲାଗୁଥିଲା ସେ ଯେମିତି ମୁରୁକେଇ ମୁରୁକେଇ ହସୁଥିଲେ। ଖୁବ୍ ଭଲ ଭାବରେ ଦିଅଁ ଦର୍ଶନ ସାରି ଆସିଲାବେଳେ ସମସ୍ତେ କାନ, ନାକ ମୋଡି ହୋଇ ପ୍ରତିଜ୍ଞା କଲୁ, ଆଉ ଜୀବନରେ କେବେହେଲେ ଏମିତି ଭୁଲ୍ ହେବନାହିଁ । ପ୍ରଥମେ ପୁରୀ ଛୁଇଁଲା ମାତ୍ରେ ଆଗେ ଦିଅଁ ଦର୍ଶନ, ପରେ ଅନ୍ୟ କାମ। ସେ ଦିନରୁ ଆଜିଯାଏଁ ଅନେକ ବର୍ଷ ବିତି ଗଲାଣି କିନ୍ତୁ ସେଦିନର ଏଇ କଥାଟି ଏବେ ମଧ ହୃଦୟରେ ଜୀବନ୍ତ ହୋଇ ରହିଛି। ପୁରୀର ଅନତିଦୂରରେ ବଡଦେଉଳ ଉପରେ ଉଡୁଥିବା ନେତର ପବିତ୍ର ସୁଦର୍ଶନରେ ମନ ଉଚ୍ଚାଟ ହୋଇଥାଏ। ଶ୍ରୀମନ୍ଦିରରେ ଦିଅଁ ଦର୍ଶନ କରି ପରେ ଅନ୍ୟ କାମ ସାରୁ। ଅନନ୍ୟ ସେ ଅନୁଭବ। ଶ୍ରୀକ୍ଷେତ୍ର ମାଟିକୁ ଛୁଇଁଲା ମାତ୍ରେ ହିଁ ଭାବ, ଭକ୍ତି ଓ ପ୍ରୀତିର ଏକ ତନ୍ମୟ ସମର୍ପଣରେ ହୃଦୟ ସମର୍ପି ହୋଇଯାଏ। ପ୍ରଭୁ ପ୍ରୀତିର ସେ ଲୁହ ଟିକକ ପରା ଗଙ୍ଗାଜଳଠାରୁ ମଧ ପବିତ୍ର।

## ଚେତନାର ଚଉହଦୀ : ନକୁଳ ଚନ୍ଦ୍ର ସାହୁ

# ସାହିତ୍ୟର ଆଦିତତ୍ତ୍ୱ ୧



॥ ଏକ ॥

"ଦେବସ୍ୟ ପଶ୍ୟ କାବ୍ୟମ୍ - ନ ମମାର ନ ଜୀର୍ଷତି", ଅର୍ଥାତ୍ ଏହି ଜଗତ ଦେବତାର କାବ୍ୟ - ତାଙ୍କ ପରମ ଚେତନାର ପ୍ରକାଶ!

ଅଥର୍ବବେଦର ଏହି ପଂକ୍ତିଟି ଭିତରେ ରହିଛି ଗୋଟିଏ ବ୍ୟଂଜନା, ଯାହା ସୂଚିତ କରିଛି 'କାବ୍ୟ' ('ସାହିତ୍ୟ', ଶବ୍ଦ ବେଦ ସୃଷ୍ଟି ବହୁ ଶତାବ୍ଦୀ ପରେ ହୋଇଅଛି) କ'ଣ? ବାଣୀ ରୂପେ ଚେତନାର ପ୍ରଥମ ରୂପାୟନ"! ଗୋଟିଏ ଦିବ୍ୟ ଦର୍ଶନର ଅନୁଭବକୁ ବାଣୀ ରୂପ ଦେବାକୁ ବେଦରେ କୁହାଯାଇଛି 'ବାକ୍'।

'ଋଗବେଦରେ ଗୋଟିଏ ମିଥୁନର କଥା ରହିଛି - 'ବ୍ରହ୍ମ' ଓ 'ବାକ୍'। 'ଯାଦବ ବ୍ରହ୍ମ ବିଷ୍ଠିତଂ ତାବତୀ ବାକ୍' (୧୦/୧୬୪/୮)। ସେହି ପରମ ଚେତନା ବ୍ରହ୍ମ। ଯେଉଁ ଅନୁଭବ ବା ଦର୍ଶନ କଥା କହୁଛୁ ଆମେ ତାହା ତାଙ୍କରି! 'ବାକ୍' ସେହି ଚେତନାର ସ୍ୱତଃସ୍ଫୂର୍ତ୍ତ ପ୍ରକାଶ। ତାଙ୍କର ବାଣୀ ରୂପ ହେଉଛି 'କାବ୍ୟ' (ସାହିତ୍ୟ)। 'ବେଦ ରହସ୍ୟ'ରେ ଶ୍ରୀ ଅରବିନ୍ଦ ଗୋଟିଏ ପଂକ୍ତିରେ କହିଛନ୍ତି ସୂଚିତ - 'ବ୍ରହ୍ମନ୍‌ପତି ଅପ୍ରକେତରୁ ବାକ୍ ଦ୍ୱାରା ବ୍ୟକ୍ତିକୁ ପ୍ରକାଶ କରନ୍ତି।

ଅପ୍ରକେତ କ'ଣ? ପ୍ରକାଶ ଜଗତ ଉର୍ଦ୍ଧ୍ୱରେ ଓ ନିମ୍ନରେ ଅଛି ଦୁଇଟି ସମୁଦ୍ର। ନିମ୍ନ ଅପ୍ରକେତ 'ହୃଦ୍ୟ' ଓ ରତ୍ ସମୁଦ୍ର (Sub consient) ଏବଂ ଉର୍ଦ୍ଧ୍ୱରେ ସମୁଦ୍ର ସତ୍ ସମୁଦ୍ର (Super consient)। ଯାହା 'ବ୍ୟକ୍ତ' ତାହାକୁ 'ବାକ୍' (ସାହିତ୍ୟ) ଦ୍ୱାରା କରନ୍ତି ପ୍ରକାଶ। ଯାହା ଅବ୍ୟକ୍ତ ତାହା ସାଧନା ଦ୍ୱାରା ହୋଇଥାଏ ଅନୁଭବ୍ୟ। 'Hymans to Mystic Fire' ପୁସ୍ତକ ଉପୋଦ୍‌ଘାତରେ ଶ୍ରୀ ଅରବିନ୍ଦ ସୂଚିତ କରିଛନ୍ତି, 'ମନ୍ତ୍ର' (ସାହିତ୍ୟର ଆଦିମ ଶବ୍ଦ ଓ ପଂକ୍ତି) ଚେତନାର ଗୁପ୍ତ ଓ ଉର୍ଦ୍ଧ୍ୱ ଲୋକରୁ ପ୍ରେରିତ ହୋଇ ଆସିଛି ଏବଂ ତହିଁରେ ନିହତ ଗହନ ବିଜ୍ଞାନ ବୋଲି ଋଷିମାନେ କରନ୍ତି ବିଶ୍ୱାସ। ସ୍ୱୟଂଦ୍ରଷ୍ଟା ବା ଧ୍ୟାନୀ କେବଳ ବୈଦିକ ଶବ୍ଦ ସମୂହର ଯଥାର୍ଥ ଅର୍ଥ ହୁଅନ୍ତି ଅବଗତ ଏବଂ ଅନ୍ୟମାନେ ସେହି ଗୁପ୍ତଜ୍ଞାନରୁ ଥିଲେ ବଞ୍ଚିତ। ବାମଦେବ ୪ର୍ଥ ମଣ୍ଡଳ (୪/୩/୧୩) ଋଗବେଦରେ ନିଜକୁ ବେଦାଭ୍ୟାସୀ 'ବିପ୍ର' ଭାବେ ବର୍ଣ୍ଣନା କରିବା ସହିତ ତାଙ୍କ ଚିନ୍ତା ଓ ବାଣୀ ମଧ୍ୟରେ ଅନ୍ୟମାନଙ୍କ ପାଇଁ ଦିଗ୍‌ଦର୍ଶନ ରୂପେ ଗୁପ୍ତବଚନ (ନିଣ୍ୟା ବଚାଂସି) କରିଛନ୍ତି ପ୍ରକାଶ! ବାଣୀ ଦ୍ରଷ୍ଟାଙ୍କ ପ୍ରଜ୍ଞା ପ୍ରସୂତ। କେବଳ ସତ୍‌ଦର୍ଶୀଙ୍କ ନିକଟରେ ସିଏ ନିଜ ଅର୍ଥକୁ କରନ୍ତି ପ୍ରକଟ (କାବ୍ୟାନି କବୟେ ନିବଚନା)।

ବାଣୀ ପରମା, ନିର୍ଦ୍ଦୋଶ ଓ ବଚନର ଶୀର୍ଷ ସ୍ଥାନୀୟା ବୋଲି ଦଶମ ମଣ୍ଡଳରେ ବର୍ଣ୍ଣିତ। ଏଣୁ ସତ୍ୟଦ୍ରଷ୍ଟା ଋଷିଙ୍କ ମଧ୍ୟରେ ଅନୁପ୍ରବଷ୍ଟା ଏବଂ ଋଷିମାନଙ୍କ ବଚନକୁ ଅନୁସରଣ କରି ମାନବପ୍ରାପ୍ତ ହୁଏ ବାକ୍‌କୁ। ବାକ୍‌ର ଗହନ ଅର୍ଥ (ତତ୍ତ୍ୱ)କୁ ସମସ୍ତେ ପ୍ରାପ୍ତ ହୋଇ ନଥାନ୍ତି। ସୁବସନା ବାକ୍‌ବଧୂ ସେହି ସିଦ୍ଧ ସୌନ୍ଦର୍ଯ୍ୟ ସାଧକ ସମ୍ମୁଖରେ ବିବସନା ହୋଇ ସୂସୌନ୍ଦର୍ଯ୍ୟକୁ ବାଢ଼ିଦିଏ ଓ ବାଢ଼ି ଦେଇଥାଏ ଅର୍ଥ ସମ୍ପଦକୁ। ଯେଉଁମାନେ ଗହନ ଗୁହାୟିତ ତାକୁ ପ୍ରାପ୍ତ ହୋଇଥାନ୍ତି!

॥ ଦୁଇ ॥

ସଭ୍ୟତାର ପ୍ରାକ୍ କାଳ, ଯେଉଁ ସାରସ୍ୱତ ସର୍ଜନ କଳା ଋଷି ଲାଭ କରିଥିଲେ ତାହାର ସ୍ୱରୂପ ଉକ୍ତି ରସ ଧାରାରେ ଥିଲା ସିକ୍ତ। ଭାରତୀୟ ସାହିତ୍ୟ ତା ଜନ୍ମକାଳରୁ ଆଧ୍ୟାତ୍ମିକ। ଉକ୍ତି ଓ ଜ୍ଞାନର ଅଖଣ୍ଡ ଧାରା ଗୁରୁ-ଶିଷ୍ୟ ପରମ୍ପରା ଦେଇ ହୋଇଛି ପ୍ରବାହିତ। ଲିପିକଳା ଅପେକ୍ଷା ସାହିତ୍ୟ ସୃଷ୍ଟିକଳା ସର୍ବପ୍ରଥମେ ହୋଇଛି ପରିପକ୍ୱ।

ସାହିତ୍ୟ କ'ଣ? କ'ଣ ଏହି ସାହିତ୍ୟ? ଯାହା ଥାଏ ନିଜ ସହିତ! ଯାହା ଥାଏ ଜୀବ ସହିତ! ପୁନଶ୍ଚ - ଯହିଁରେ ସାଧିତ ହୋଇଥାଏ ସାମୂହିକ ହିତ!

ଶବ୍‌ଦାର୍ଥୌ ସହିତଡୌ, ଶବ୍ଦ ଓ ଅର୍ଥ ସହିତ ଯେଉଁ ଅଭିବ୍ୟକ୍ତ ସାରସ୍ୱତ ଶିଳ୍ପ! ଶବ୍ଦ ଓ ଅର୍ଥ ସହିତ ପରିବ୍ୟାପ୍ତ ଅସୀମ ଭାବରେ ଦୃଶ୍ୟ, ଯାହା ପ୍ରାଣକୁ ସଘନ ରସରେ କରି ପକାଏ ଦ୍ରବିତ! ଭସାଇ ନିଏ ଚେତନାର ନୌକାକୁ ଦିଗରୁ ଦିଗନ୍ତକୁ। 'ସହିତ' ଥାଏ ଯେଉଁ ଆନନ୍ଦର ଅନ୍ତଃସଲିଳା ସ୍ରୋତ, ସାହିତ୍ୟ!

ଦେହ ରଥ। ରଥ ସହିତ ଥା'ନ୍ତି ରଥ-ସାରଥି। ସାରଥି ଶବ୍ଦଟି ସାମ୍ନାକୁ ଆସିଲେ ଉଙ୍କିମାରେ ମହାଭାରତ ଯୁଦ୍ଧ ରଥର ସାରଥି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି। ଦେହ ସହିତ ଥିବା ଦେହୀ, ଆତ୍ମା ରୂପରେ ବିରାଜିତ ସର୍ବ ବ୍ୟାପକ ଚିତ୍‌ଶକ୍ତି, ସେ ହିଁ ଅଟନ୍ତି! ସାହିତ୍ୟ ଶବ୍ଦ-ଚିତ୍ର ସଂସାର ଚିତ୍ର କେବଳ ନୁହେଁ, ଶବ୍ଦ ଓ ସଂସାର ଉର୍ଦ୍ଧ୍ୱରେ ବିଦ୍ୟମାନ ନିଃଶବ୍ଦର ଆତ୍ମତତ୍ତ୍ୱ ମଧ୍ୟ!

ପର୍ବତରୁ ଉତ୍ପନ୍ନ ସମସ୍ତ ଗିରିଝରେ ଗୋଟିଏ ଦିଗକୁ ହୋଇଥାନ୍ତି ଧାବମାନ। ସମସ୍ତ ଜୀବ ଜନ୍ମ କାଳରୁ ଅବସ୍ଥା ପରେ ଅବସ୍ଥା ଅତିକ୍ରମ କରି ଗୋଟିଏ ଦିଗକୁ ଚାଲିଛନ୍ତି ଧାଇଁ। ସଜ୍ଞାତ ବା ଅଜ୍ଞାତ, ମୃତ୍ୟୁର ନୀଳସମୁଦ୍ରକୁ ଜୀବନର ଗତି! ନୀଳ ସମୁଦ୍ର ହିଁ ତା' ଲକ୍ଷ୍ୟ ସ୍ଥଳ! ବସ୍ତୁବାଦୀ ଦୃଷ୍ଟିରେ ତାହା ମୃତ୍ୟୁ, ଗୋଟିଏ ଭୟାନକ ଶେଷ ଯନ୍ତ୍ରଣାର କଳ୍ପନା, ଆଧ୍ୟାତ୍ମିକ ଦିଗରୁ ସେ 'ଶ୍ରୀକୃଷ୍ଣ' ଅଟନ୍ତି! ଯସ୍ୟ ଛାୟାତ ମୃତମ୍ ତସ୍ୟଃ ମୃତ୍ୟୁ! ନୀଳପଦ୍ମର ସୁବାସିତ ଶଯ୍ୟା ବା ଅନନ୍ତ ନାଗର ଶେଯ, ମିଥିଟି ତାହା! ଜୀବ ଶିବ। ଈଶ୍ୱରଃ ସର୍ବଭୂତାନାଂ ହୃଦ୍ୟେଶେଜ୍ଜୁନ ତିଷ୍ଠତି ଭ୍ରାମୟନ ଭୂତାନି ଯନ୍ତ୍ରାରୂଢ଼ାନି ମାୟୟା।

ସବୁ ଦେହର ହୃଦ୍‌ବେଗରେ ଦେହୀ ଈଶ୍ୱର କରୁଛନ୍ତି ବିରାଜମାନ। ଶିବ ଶବ ହୁଅନ୍ତି ଯେତେବେଳେ ସିଏ ମାୟା ଯନ୍ତ୍ରର ଯାନ ଆରୋହଣ କରି ଗୋଟିଏ ଦେହରୁ ଅନ୍ୟ ଗୋଟିଏ ଦେହକୁ ହୁଅନ୍ତି ଘଟାନ୍ତର। ଏହି ଘଟାନ୍ତର ଲୀଳାର ନାମ ସଂସାର। ପଶ୍ୟ ମେ ପାର୍ଥ ରୂପାଣି ଶତଶୋଦ୍ଧଥ ସହସ୍ରଶଃ, ଶତ ସହସ୍ର ରୂପ ମୋର, ହେ ପାର୍ଥ, କର ଦର୍ଶନ। ସର୍ବାଶ୍ଚର୍ଯ୍ୟମୟମ୍। ଅତ୍ୟନ୍ତ ଆଶ୍ଚର୍ଯ୍ୟମୟ ସମସ୍ତ! ଇମଂ ପରମଂ ଗୃହ୍ୟମ୍। ଯିଏ ଯେଉଁ କର୍ମ କରୁଛି, ସମସ୍ତ କର୍ମର ଆଭିମୁଖ୍ୟ ଏକ, ତାଙ୍କରି ସ୍ତବ! ସମସ୍ତ ସୃଷ୍ଟି, ସୃଷ୍ଟିର ସକଳବସ୍ତୁଙ୍କ ଲକ୍ଷ୍ୟ ଏକ, ତାଙ୍କରି ମହିମାର ଆଲୋକକୁ କରିବା ବ୍ୟାପକ! ସୃଷ୍ଟି ସ୍ରଷ୍ଟାଙ୍କ ଅପରିମିତ କୃପାର ଗୁଣମୁଗ୍ଧ। ତେଣୁ ସକଳବସ୍ତୁ ସ୍ପନ୍ଦନର ଅନ୍ତରାଳରେ ସତ୍ୟର ସ୍ତବ ପ୍ରଚ୍ଛନ୍ନ।

ଋଷି ଉପଲବ୍ଧି କରିଛନ୍ତି, ଯସ୍ମେ ମେ ହିମବନ୍ତୋ ମହିତ୍ୱା ଯସ୍ୟ ସମଦ୍ରଂ ରସୟା ସହାହୁଃ। ଯସ୍ମେମାଃ ପ୍ରଦିଶୀ ଯସ୍ୟ ବାହୁ କସ୍ମୈ ଦେବାୟ ଦୁବିଷା ବିଧେମ (ଋଗ-୧୦/୧୨୧/୪)। ଅର୍ଥାତ୍ ଯାହାଙ୍କ ମହିମାଗାନ କରୁଛନ୍ତି ଏହି ହିମାଚ୍ଛାଦିତ ପର୍ବତ, ଅନନ୍ତ ସୁନୀଳ ସମୁଦ୍ର, ସୁବିସ୍ତୃତ ଶ୍ୟାମଳୀ ଧରିତ୍ରୀ ଏବଂ ସମସ୍ତ ଦିଗ, ସେହି ଭଗବାନ 'କ' ଆଦି ଅନେକ ନାମରେ ନାମିତ। 'କ' ଶୋଡ଼ଷାକ୍ଷରୀ 'ଶ୍ରୀବିଦ୍ୟା'ର ଆରମ୍ଭ ଧ୍ୱନି ଏବଂ ଏହା 'ଲୋପାମୁଦ୍ରା' ଶ୍ରେଣୀୟ ମନ୍ତ୍ର।

(Aprenticed to a Himalaya Master/Sri M, Page 200, Magenta pullisher, Karnatak, 2010)

ଯେଉଁ ବର୍ଣ୍ଣ ବା ଅକ୍ଷରଟି ହୁଏ ଉଚ୍ଚାରିତ, ତାହା ଅମ୍ୟତ ଚେତନାର ଧ୍ୱନିଟିଏ ଖାଲି ନୁହେଁ, ତାହା ଅକ୍ଷର ବ୍ରହ୍ମ। ଏକାଧିକ ଅକ୍ଷର ବ୍ରହ୍ମଙ୍କ ମିଳିତ ନାଦବ୍ରହ୍ମ ଅଟନ୍ତି ଶବ୍ଦବ୍ରହ୍ମ।

'ମନୁସ୍ମୃତି' ବର୍ଣ୍ଣନା କରିଛନ୍ତି, ସର୍ବେଷାଂ ତୁ ସ ନାମାନି କର୍ମାଣି ଚ ପୃଥକ୍ ପୃଥକ୍। ସୃଷ୍ଟିର ପ୍ରତ୍ୟେକ ପଦାର୍ଥକୁ ଭଗବାନ ଗୋଟିଏ ଗୋଟିଏ ନାମ ଦେଲେ, ଯେମିତି ଇଏ ପର୍ବତ, ଇଏ ନଦୀ, ଇଏ ମନୁଷ୍ୟ, ଇଏ ସୂର୍ଯ୍ୟ, ଇଏ ଅଗ୍ନି, ଏହା ଆକାଶ ଓ ଏହା ଧରିତ୍ରୀ ପ୍ରଭୃତି! ଗୋଟିଏ ଗୋଟିଏ ପରିଚୟ କଲେ ସୃଷ୍ଟି। ପରିଚୟ ତଳେ ପ୍ରଚ୍ଛନ୍ନ ରହିଲା ସ୍ରଷ୍ଟାଙ୍କ ଠାରୁ ସୃଷ୍ଟ ସୃଷ୍ଟି। ସୃଷ୍ଟିଟିକୁ ସାହିତ୍ୟ ବା ଗଦ୍ୟ, ପଦ୍ୟ, ନାଟକ ଓ ବାକ୍ୟ ଭାବେ ଗଲୁ ଚିହ୍ନି! ସୃଷ୍ଟିଟି ଯାହାଙ୍କ ଅଂଶବିଶେଷ ତାହାଙ୍କ ସହିତ ଆମେ ଅପରିଚିତ! ଯେଉଁ ସ୍ରଷ୍ଟା ଧାରଣ କରିଛନ୍ତି ସୃଷ୍ଟି ରୂପ, ସିଏ ନ ଦ୍ୱୈତ, ଅଦ୍ୱୈତ 'ଏକୋସତ୍', ଚିନ୍ମୟ, ସୁନ୍ଦର ଓ ଶିବ। ତାହା ହିଁ ଅଟେ 'ସାହିତ୍ୟ'! ସହିତ ଥିବା ସେହି ଅବିନାଶୀ ଅଂଶ!

(ଆରଥରକୁ)

+ ଶବ୍‌ଦଘର, ଗୋଡିସାହି, କଟକ
ମୋ:୯୪୩୭୭୪୦୨୬୪

# ମହେନ୍ଦ୍ରଗିରି ଓ ଚନ୍ଦ୍ରଗିରି ଓଡ଼ିଶା ପର୍ଯ୍ୟଟନ ସର୍କିଟ ସହ ସଂଯୋଜିତ ହେବ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଜପତି ଜିଲ୍ଲା ଗସ୍ତକରି ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ଜିଲ୍ଲାରେ ରହିଥିବା ପର୍ଯ୍ୟଟନ ସମ୍ଭାବନାର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଥିଲେ । ସେ ବ୍ରହ୍ମପୁରରୁ ପାରଳାଖେମୁଣ୍ଡି ରାସ୍ତାରେ ତୁମ୍ବା-ପୁରିଆ ସାହି-ବୁରଖତ ଆଦି ସ୍ଥାନ ଦେଇ ମହେନ୍ଦ୍ରଗିରିର କୁନ୍ତୀ ମନ୍ଦିର, ଯୁଧିଷ୍ଠିର ମନ୍ଦିର ପରିଦର୍ଶନ କରିଥିଲେ। ଶ୍ରୀ ମହାପାତ୍ର ମଧ ମହେନ୍ଦ୍ରଗିରି ଶିଖର ଅଂଚଳରେ ପର୍ଯ୍ୟଟନ ବିକାଶର ସମ୍ଭାବନା ଅନୁଧ୍ୟାନ କରିଥିଲେ। ଏହିସବୁ ମନ୍ଦିର ଏବଂ ମହେନ୍ଦ୍ରଗିରିକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଅଧିକ ଆକର୍ଷଣୀୟ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶମାନ ଦେଇଥିଲେ । ଏହା ସହ ମହେନ୍ଦ୍ରଗିରି ଜୈବ ଅଂଚଳର ଜୈବବିବିଧତା ବୃଦ୍ଧି କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପର୍ଯ୍ୟଟକମାନଙ୍କ ନିମନ୍ତେ ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ରାସ୍ତାକୁ ସଂଯୋଜିତ କରୁଥିବା ସ୍ଥାନ ବୁରଖତଠାରେ ପର୍ଯ୍ୟଟକ-ରହଣି କ୍ୟାମ୍ପ୍ ଓ ସୁବିଧା କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତକାଳରେ ମୁଖ୍ୟ ଶାସନ ସଚିବ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଏବଂ ଖସଡ଼ା ଜଳପ୍ରପାତ ପର୍ଯ୍ୟଟନ ବିକାଶ ଆଦିର ସମୀକ୍ଷା କରିଥିଲେ। ସମୀକ୍ଷାରୁ ଜଣାପଡ଼ିଥିଲା ଯେ ଇତି ମଧ୍ୟରେ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଏହି ପ୍ରକଳ୍ପ ଗଜପତି ଜିଲ୍ଲାର ୫୦୦ ହେକ୍ଟର ଏବଂ ଗଞ୍ଜାମ ଜିଲ୍ଲାର ପ୍ରାୟ ୬୦୦୦ ହେକ୍ଟର ଜମିକୁ ଜଳସେଚିତ କରିବ । ସମୀକ୍ଷା ପରେ ପରେ ଗଣମାଧ୍ୟମ ପ୍ରଶ୍ନର ଉତର ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ ଗଜପତି ଜିଲ୍ଲାରେ ପ୍ରକୃତି-ପର୍ଯ୍ୟଟନ ନିମନ୍ତେ ପର୍ଯ୍ୟାପ୍ତ ସମ୍ଭାବନା ରହିଛି । ମହେନ୍ଦ୍ରଗିରି ଓ ଚନ୍ଦ୍ରଗିରିକୁ ଓଡ଼ିଶା ପର୍ଯ୍ୟଟନ ସର୍କିଟ ସହ ସଂଯୋଜିତ କରିବା; ଏବଂ ବ୍ରହ୍ମପୁରରୁ ତୁମ୍ବା ଓ ମହେନ୍ଦ୍ରଗିରି ଦେଇ ପାରଳାଖେମୁଣ୍ଡି ସିଧାସଳଖ ଯିବା ପାଇଁ ଥିବା ରାସ୍ତାର ବିକାଶ ନିମନ୍ତେ ଆବଶ୍ୟକୀୟ ପ୍ରକଳ୍ପ ପ୍ରସ୍ତୁତ ହେବ। ଏହା କରାଗଲେ ଗଜପତି ଜିଲ୍ଲାରେ ପ୍ରକୃତି ପର୍ଯ୍ୟଟନ ବିକାଶ ସହ ସ୍ଥାନୀୟ ବାସିନ୍ଦାମାନଙ୍କର ରୋଜଗାର ପନ୍ଥା ବୃଦ୍ଧି ପାଇବ। ଏହି ଗସ୍ତ ସମୟରେ ରାଜସ୍ୱ ଡିଭିଜନ୍ କମିଶନର ଡି. ଓ୍ୱାପାଙ୍ଗ୍ ଆଓ ଏବଂ ଗଜପତିର ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସମୀକ୍ଷା ନିମନ୍ତେ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ ।

# ବାଘାଯତିନଙ୍କ ୧୦୬ତମ ବଳିଦାନ ଦିବସ ପାଳିତ

କପ୍ତିପଦା,୧୧/୦୯ (ନି.ପ୍ର): ଦେଶକୁ ସ୍ୱାଧିନ କରିବା ପାଇଁ ସଶସ୍ତ୍ର ସଂଗ୍ରାମ ଚଳାଇଥିବା ସ୍ୱାଧିନତା ସଂଗ୍ରାମୀ ଯତିନ୍ଦ୍ର ନାଥ ମୁଖାର୍ଜି ଓରଫ ବାଘାଯତିନଙ୍କ କର୍ମକ୍ଷେତ୍ର କପ୍ତିପଦାର ମହୁଲଡ଼ିହା ଠାରେ ତାଙ୍କର ୧୦୬ତମ ବଳିଦାନ ଦିବସ ଚଳିତ ସେପ୍ଟେମ୍ବର ୧୦ ତାରିଖ ଶୁକ୍ରବାର ଦିନ ପାଳିତ ହୋଇ ଯାଇଛି। ଏହି ଅବସରରେ ମହୁଲଡ଼ିହା ଠାରେ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ସ୍ଥାନିୟ ବିଧାୟକ ଭାସ୍କରଚନ୍ଦ୍ର ମଡ୍ଢେଇ ପ୍ରଭାତରେ ପହଞ୍ଚି ଏଠାରେ ବାଘାଯତିନଙ୍କୁ ଆଶ୍ରୟ ଦେଇଥିବା ସ୍ୱାଧିନତା ସଂଗ୍ରାମୀ ମନିନ୍ଦ୍ର ନାଥ ଚକ୍ରବର୍ତ୍ତି ଓ ବାଘାଯତିନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରି 'ଭାରତମାତା କି ଜୟ', 'ବନ୍ଦେ ମାତରଂ' ଇତ୍ୟାଦି ଧ୍ୱନି ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଘାଯତିନ ସ୍ମୃତି ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଇଂ. ଅଶୋକ ଚକ୍ରବର୍ତ୍ତି, ପ୍ରଫୁଲ୍ଲ ମହାଳିକ, ସତ୍ୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି ଚଳିତ ବର୍ଷ କୋଭିଡ଼ କଟକଣା ପାଇଁ ସାଧାରଣ ସଭା ଓ ଜନସମାବେଶକୁ ବନ୍ଦ କରାଯାଇଥିଲା ।

# ରାଜଧାନୀରେ ୨୪ ଘଂଟାରେ ୧୬୨ ପଜିଟିଭ୍

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୧୬୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୧୭ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୫୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ନୟାପଲ୍ଲୀରୁ ସର୍ବାଧିକ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶୈଳଶ୍ରୀବିହାରରୁ ୮ ଜଣ, ଚନ୍ଦ୍ରଶେଖରପୁରରୁ ୭ ଜଣ , ଓଲ୍ଡ ଟାଉନ୍ ଓ ପୋଖରୀପୁଟରୁ ୬ ଜଣ ଲେଖାଏଁ, ୟୁନିଟ ୬ ଓ ରସୁଲଗଡରୁ ୫ ଜଣ ଲେଖାଏଁ, ନିଳାଦ୍ରୀବିହାର , ବରମୁଣ୍ଡା, ଆଇଆରସି ଭିଲେଜ,ସୁନ୍ଦରପଦା ଓ ପାତ୍ରପଡା ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୯୨୪୦ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୪୮୬୯ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୩୪୧ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୦୯ କୁ ବୃଦ୍ଧି ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ....

ଆଫଗାନିସ୍ତାନ । ଅଲକାଏଦାର ମୁଖ୍ୟ ଥିଲା ଓସମା ବିନ୍ ଲାଡେନ । ଆମେରିକା ଉପରେ ଯେଉଁ ଆକ୍ରମଣ ହୋଇଥିଲା ଏହାର ସମସ୍ତ ଅର୍ଥ ଯୋଗାଇଥିଲା ଅଲକାଏଦା । ତେଣୁ ଅଲକାଏଦା ବିରୋଧରେ ଆମେରିକାର ଯୁଦ୍ଧ ଡାକରା । ୨୦୦୧ ମସିହା ଅକ୍ଟୋବର ମାସରେ ଆଫଗାନିସ୍ତାନ ମାଟିରେ ସୈନ୍ୟ ଓହ୍ଲାଇଲା ଆମେରିକା । ସେତେବେଳେ ଆମେରିକାର ଉଦେଶ୍ୟ ଥିଲା ଅଲକାଏଦାକୁ ମୂଳପୋଛ କରିବା । ଆଫାଗାନିସ୍ତାନ ମାଟିରୁ ଆତଙ୍କ ସଫା କରି ଏହାକୁ ନୂଆ କରି ଗଢି ତୋଳିବା । ଏଥିପାଇଁ ଆଫଗାନିସ୍ତାନରେ ସେତେବେଳେ କ୍ଷମତାରେ ଥିବା ତାଲିବାନକୁ ବିତାଡିତ କରି ସରକାର ଗଠନ କଲା ଆମେରିକା । ସେପଟେ ଆତଙ୍କ ବିରୋଧୀ ଯୁଦ୍ଧରେ ପ୍ରାୟ ୧ ଲକ୍ଷରୁ ଅଧିକ ସୈନ୍ୟ ସହିତ ୬୦ ନାଟୋ ଦେଶର ସୈନ୍ୟ ବି ମୁତୟନ ହେଲେ ଆଫଗାନିସ୍ତାନରେ । ମିଶନ ଆଫଗାନିସ୍ତାନରେ ଲାଡେନକୁ ନିପାତ କରିବା ପରେ ବି ଜାରି ରହିଲା ଆମେରିକାର ଆତଙ୍କ ବିରୋଧୀ ସୈନ୍ୟ ଅଭିଜାନ ।

## ଓଡ଼ିଶା ହାଇକୋର୍ଟରେ....

ଅନ୍ୟାନ୍ୟ ଇ-ସେବାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହାଇକୋର୍ଟର ଜଷ୍ଟିସ୍ ସଂଜୟ କୁମାର ମିଶ୍ର, ଜଷ୍ଟିସ ବିଶ୍ୱଜିତ ମହାନ୍ତି, ଜଷ୍ଟିସ୍ ସଂଗ୍ରାମ କୁମାର ସାହୁ, ଜଷ୍ଟିସ ବି.ଆର୍ . ଷଡଙ୍ଗୀ, ଜଷ୍ଟିସ୍ ଦେବବ୍ରତ ଦାଶ, ଜଷ୍ଟିସ୍ ଏସ୍. ପୂଜାହାରୀ, ଜଷ୍ଟିସ୍ ବିଶ୍ୱନାଥ ରଥ, ଜଷ୍ଟିସ୍ କେ. ଆର୍. ମହାପାତ୍ର,ଜଷ୍ଟିସ ବି.ପି.ରାଉତରାଏ, ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ, ଜଷ୍ଟିସ ସାବିତ୍ରୀ ରଥୋଏବଂ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ୍ ଏ.କେ. ପରିଜା, ହାଇକୋର୍ଟ ବାର ଆସୋସିଏସନ୍ ର ସଭାପତି ଜଗବନ୍ଧୁ ସାହୁ ଯୋଗଦାନ କରିଥିଲେ।

## ଓଡ଼ିଶା ସୀମାନ୍ତ ମାଣିକପାଟଣାରେ....

ଆନ୍ଧ୍ରର ଏହି ଷଡ଼ଯନ୍ତ୍ର ପଛରେ ରାଜନୈତିକ ଏବଂ ବ୍ୟାବସାୟିକ ସ୍ୱାର୍ଥ ରହିଛି ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ରାୟଗଡ଼ ବ୍ଲକ୍‌ର ଗଙ୍ଗାବାଡ଼ ଏବଂ କେରାଣ୍ଡି ପଞ୍ଚାୟତ ଅତ୍ୟନ୍ତ ଦୁର୍ଗମ। ଲୋକଙ୍କ ମୁଖ୍ୟ ସମସ୍ୟା ହେଉଛି ରାସ୍ତା । ବ୍ଲକ୍ ସଦରମହକୁମା ରାୟଗଡ଼ ସହ ସିଧା ରାସ୍ତା ସମ୍ପଯୋଗ ନଥିବା ଯୋଗୁଁ ଗଙ୍ଗାବାଡ଼ ବାସିନ୍ଦା ନିୟମିତ ଭାବେ ପଡ଼ୋଶୀ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାର ମଞ୍ଜୁଷା ମଣ୍ଡଳ ରାସ୍ତା ଦେଇ ଗାରାବନ୍ଧ ବାଟେ ଓଡ଼ିଶାକୁ ଆସନ୍ତି । ପଞ୍ଚାୟତ ଚାରିପାର୍ଶ୍ୱରେ ମହେନ୍ଦ୍ରଗିରି ପର୍ବତମାଳା ଏବଂ ଘଞ୍ଚ ଜଙ୍ଗଲ। ଗଜପତି ଜିଲ୍ଲା ସହ ସିଧାସଳଖ ରାସ୍ତା ସମ୍ପଯୋଗ ନଥିବାରୁ ବହୁ ବର୍ଷ ହେଲା ଏହି ପଞ୍ଚାୟତବାସୀ ଆନ୍ଧ୍ରବାସୀଙ୍କ ସହ ଭଲ ସମ୍ପର୍କ ରଖିଛନ୍ତି ।

## ସ୍ନେହ ଏବଂ ସଦିଚ୍ଛାର ଅନନ୍ୟ ....

ଚାଷଜମିରେ ନୂଆ ଶସ୍ୟକୁ ଦେଖି ଉଲ୍ଲସିତ ହେବା ଏବଂ ନୂଆ ଶସ୍ୟକୁ ପୂଜାର୍ଚ୍ଚନା କରି ଭଗବାନଙ୍କୁ ଅର୍ପଣ କରିବା ପରେ ମାଁ ମାଟିକୁ କୃତଜ୍ଞତା ଜଣାଇବାର ଅନନ୍ୟ ପର୍ବ ହେଉଛି ନୂଆଁଖାଇ । ପରିବାର ଏବଂ ବନ୍ଧୁବାନ୍ଧବ ମାନଙ୍କ ସହ ମିଶି ଖାଇବା ଓ ପରେ ନିଜ ପରିବାର ଏବଂ ସମାଜର ବୟୋଜ୍ୟେଷ୍ଠ ମାନଙ୍କୁ ମୁଣ୍ଡିଆ ମାରି ଜୁହାର କରିବା - ନୂଆଁଖାଇର ବିଶିଷ୍ଟ ପରମ୍ପରା । ଏହି ପର୍ବର ମହତ୍ ଉଦ୍ଦେଶ୍ୟ ହେଉଛି ନିଜ ପରିବାରରେ ସମସ୍ତଙ୍କୁ ସ୍ନେହ, ଶ୍ରଦ୍ଧା ଓ ସ୧ାନ ଦେଇ ପାରିବାରିକ ଓ ସାମାଜିକ ସମ୍ବନ୍ଧକୁ ସୁଦୃଢ଼ କରିବା । ବୈଶ୍ୱିକ ମହାମାରୀ ଯୋଗୁଁ ପ୧/୨ିମ ଓଡ଼ିଶାର ଲୋକମାନେ ପରସ୍ପର ଭେଟ ନ ହୋଇ ମଧ ନୂଆଁଖାଇର ଭାବ, ପ୍ରୀତି, ଶ୍ରଦ୍ଧା ଅତୁଟ ରଖିଛନ୍ତି । ବର୍ତମାନ କରୋନା ମହାମାରୀର ସଂକଟ ଯାଇନାହିଁ । ତେଣୁ ଆମକୁ ପୂର୍ବଭଳି ସତର୍କ ରହିବାକୁ ପଡ଼ିବ ।

## ଡବଲ୍ ଡୋଜ୍ ଟିକା ପରେ....

ଉତ୍ତର ପୂର୍ବରୁ ୮୦ ପ୍ରତିଶତ କେସ ଆସୁଛି। ମହାରାଷ୍ଟ୍ରରେ ଟିକେ ବଢିଛି। ରାଜ୍ୟରେ ଟିକାକରଣ ପ୍ରକ୍ରିୟା ଭଲରେ ଚାଲିଛି। ୧୮ ବର୍ଷରୁ କମ ପିଲାଙ୍କ ପାଇଁ ସତର୍କ ରହିବାକୁ ପଡ଼ିବ। ରାଜଧାନୀ ଭୁବନେଶ୍ୱରରେ ଅଧିକ ଗହଳି ରହୁଛି। ଅଧିକ ଲୋକଙ୍କ ସମାଗମ ହେଉଛି, ଯେଉଁଥିପାଇଁ ପଜିଟିଭ ସଂଖ୍ୟା ସାମାନ୍ୟ ଅଧିକ ରହୁଛି। ତେବେ ପୂର୍ବରୁ ଏଠାରେ ଦୈନିକ ସଂକ୍ରମଣ ୧ ହଜାର ଉପରେ ଥିଲା। ଏବେ ୨୦୦ରୁ ୩୦୦ ଭିତରେ ରହୁଛି। ହଜାରରୁ ୩୦୦କୁ କମ ସମୟରେ ଖସିଥାଏ। କିନ୍ତୁ ୩୦୦ରୁ କମ୍ ହେବାକୁ ଅଧିକ ସମୟ ଲାଗେ। ଦିଲ୍ଲୀରେ ବି ଏଭଳି ସ୍ଥିତି ରହିଥିଲା।

## ଡ.ରମାକାନ୍ତ ବେହେରାଙ୍କୁ ଆତ୍ମଜୀବନୀ....

ସୁବର୍ଣ୍ଣଶ୍ରୀ ପ୍ରକାଶନୀ ମୁଖ୍ୟ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା ପୁସ୍ତକ ପ୍ରକାଶନର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିବା ବେଳେ ଡ.ବେହେରା ନିଜର ଲେଖକୀୟ ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ କଥା ରଖିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ଏଥିରେ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ସହ ପରିଚୟ ପ୍ରଦାନ କରିଥିବା ବଳେ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି ଭାଷା ବନ୍ଦନା ଗାନ କରିଥିଲେ। ଶେଷରେ କବି କାଳିପଦ ପଣ୍ଡ ଧନ୍ୟବାଦ ଦେଇଥିଲେ ।

## ବଙ୍ଗୋପସାଗରରେ ଲଘୁଚାପ....

ଏହିସମୟ ମଧ୍ୟରେ ଗଂଜାମ , ବାଲେଶ୍ୱର, ନୟାଗଡ, ଅନୁଗୁଳ , ବୌଦ୍ଧ, ସମ୍ବଲପୁର, ସୋନପୁର , ବଲାଙ୍ଗୀର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୩ ତାରିଖରୁ ୧୪ ତାରିଖ ମଧ୍ୟରେ ଅନୁଗୁଳ, ଦେବଗଡ , କେନ୍ଦୁଝର, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ବରଗଡ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡିକୁ ଅରେଂଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସମୟ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୂଆପଡା, କଟକ, ଯାଜପୁର, ଢେଙ୍କାନାଳ, ମୟୁରଭଂଜ, ଭଦ୍ରକ , ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

# ଧାମନଗର ପୋଲିସ ଦ୍ୱାରା ବିଦେଶି ଓ ଦେଶି ମଦ ଜବତ : ଜଣେ ଗିରଫ



ଧାମନଗର,୧୧/୦୯ (ନି.ପ୍ର): ଧାମନଗର ଥାନା ଅନ୍ତର୍ଗତ କଲ୍ୟାଣୀ ପଂଚାୟତ କଲ୍ୟାଣୀ ନଗରୀ ଗ୍ରାମର ଅନାମ ପାଲଙ୍କ ପୁଅ ପିତାମ୍ବର ପାଲ(୪୯)ଙ୍କୁ ଛେରାମଦ ବେପାର କରୁଥିବାବେଳେ ଧାମନଗର ପୋଲିସ ଗିରଫ କରିଥିବା ଜଣାଯାଇଛି। ଦେଶ ତଥା ରାଜ୍ୟରେ ଦିନକୁ ଦିନ ବେକାରୀ ଓ ବେରୋଜଗାରିଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଯୁବ ପିଢିମାନେ ନିଶା ଗ୍ରସ୍ତ ହେଉଛନ୍ତି। ଏଥିସହିତ ସହର ଓ ଗ୍ରାମାଞ୍ଚଳରେ ମଦର ଅବାଧ ଛେରାକାରବାର ହେତୁ ଛୋଟବଡ଼ ଅପରାଧ ଓ ଦୁର୍ଘଟଣା ମାନ ଘଟୁଛି। ମଝିରେ ମଝିରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଦେଶି ବିଦେଶି ମଦ ଜବଦ ସହ କିଛି ବେପାରିଙ୍କୁ ଗିରଫ କରି ତା'ର ଚୁପ୍ ବସୁଛି। ଗତକାଲି କୌଣସି ଏକ ବିଶେଷ ସୂତ୍ରରୁ ଖବରପାଇ ଧାମନଗର ଥାନାଅଧିକାରୀ ପ୍ରଦୀପ ମହନ୍ତଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ମୋତିଲାଲ ମାରାଣ୍ଡି, ମୋନାଲିସା ପ୍ରଧାନ, ଗିରଫ ହୋଇଥିବା ଛେରାବୋପରି ପିତାମ୍ବର ପାଲଙ୍କ ଠାରୁ ପୋଲିସ ୨୯ବୋତଲ ବିଅର ୨୧ଟି କେନ୍ ବିଅର, ୨୯ବୋତଲ ବିଦେଶି ମଦ ସହ ୩୩.୦୫ଲିଟର ଦେଶିମଦ ଜବତ କରିଛି। ଧାମନଗର ପୋଲିସ ଥାନା କେସନଂ ୨୫୧/୨୧ ଓଡ଼ିଶା ଅବକାରୀ ଆଇନ୍ ୫୨(କ) ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଅଧିକ ତଦନ୍ତ ଯାରିରଖିବାପାଇଁ ଏସ୍‌ଆଇ ମୋନାଲିସା ପ୍ରଧାନଙ୍କୁ ଆଇଆଇସି ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# କେନ୍ଦ୍ରୀୟ କୋଷାଧକ୍ଷଙ୍କୁ ଉତ୍କଳ ସମ୍ମିଳନୀ ଫଳକ ପ୍ରଦାନ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ପବିତ୍ର ନୁଆଖାଇ ଅବସରରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖାକୁ ସମ୍ମିଳନୀର କେନ୍ଦ୍ରୀୟ କମିଟି କୋଷାଧକ୍ଷ ବିମଳ ଚନ୍ଦ୍ର ଷଡ଼ଙ୍ଗୀ ପରିଦର୍ଶନ କରି ସମ୍ମିଳନୀର କାର୍ଯ୍ୟକ୍ରମ ସହିତ ଶାଖା ପକ୍ଷରୁ ପ୍ରକାଶ ପାଉଥିବା ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକାକୁ ବହୁ ପ୍ରଶଂସା କରିଥିଲେ। ସାକ୍ଷାତ ସମୟରେ ସମ୍ମିଳନୀର ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଶ୍ରୀ ଷଡ଼ଙ୍ଗୀଙ୍କୁ ସମ୍ମାନ ସୂଚକ ଉତ୍କଳ ସମ୍ମିଳନୀର ଫଳକ ପ୍ରଦାନ କରିଥିଲେ। ଦୁଇ ବରିଷ୍ଠ କର୍ମକର୍ତା ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟକ୍ରମ ଓ କୋଟିଆ ସମସ୍ୟା ସଂକ୍ରାନ୍ତରେ କିଛି ସମୟ ଆଲୋଚନା କରିଥିଲେ। ବୈଠକରେ ଶ୍ରୀ ଷଡ଼ଙ୍ଗୀ ଦିଲ୍ଲୀପ ଦାଶଶର୍ମାଙ୍କୁ ଉତ୍କଳ ସମ୍ମିଳନୀର ଜଣେ ଦୀର୍ଘଦିନର ଉତ୍ସାହପୂର୍ଣ୍ଣ ଓ କର୍ମଠ କର୍ମୀ ଭାବରେ ବର୍ଣ୍ଣନା କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

# ହରିବଳଦେବ ଜୀଉଙ୍କୁ ନିମ୍ନ ମାନର ପୂଜା ଦ୍ରବ୍ୟ ଯୋଗାଣ

## ସେବାୟତ ଦେଲେ ଥାନାରେ ଅଭିଯୋଗ ପତ୍ର



ବାରିପଦା,୧୧/୦୯ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ମହାପ୍ରଭୁଙ୍କ ମନ୍ଦିରରେ ପୂଜା ନୀତି ପାଳନ ପାଇଁ ଯୋଗାଣ ହେଉଥିବା ଭୋଗ ଓ ପୂଜା ସାମଗ୍ରୀ ନିମ୍ନମାନର ଯୋଗାଣ ହେଉଥିବା ଅଭିଯୋଗ କରି ସେବାୟତ କାମେଶ୍ୱର ତ୍ରିପାଠୀ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ମହାପ୍ରଭୁଙ୍କ ବାରମାସରେ ତେରପର୍ବ ପାଳନ ହେବା ସହିତ ନିତ୍ୟାନି ପୂଜା ନୀତି ପାଳନ ହୋଇଥାଏ । ମନ୍ଦିରରେ ପୂଜାନୀତି ଭୋଗ ପାଇଁ ଆବଶ୍ୟକ ସାମଗ୍ରୀ ଟେଣ୍ଡର ମାଧ୍ୟମରେ ଦେବୋତର ବିଭାଗର ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ବା ସଂସ୍ଥା ଯୋଗାଣ କରିଥାନ୍ତି । ଚଳିତ ବର୍ଷ ଷ୍ଟେସନ ବଜାର ଅଞ୍ଚଳର ଗୋପାଳ ଭଣ୍ଡାର ନାମକ ସଉଦା ଦୋକାନ ମନ୍ଦିର ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଣପାଇଁ ସ୍ୱୀକୃତି ପାଇଛନ୍ତି । ପୂଜା ଓ ଭୋଗ ପାଇଁ ଆବଶ୍ୟକ ସାମଗ୍ରୀ ଏକ ନମ୍ବର ଓ ଉଚ୍ଚମାନର ହେବାର ନିୟମ ରହିଛି, କାରଣ ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗି ହେବା ପରେ ଏହି ଭୋଗ ଶହଶହ ଭକ୍ତ ପ୍ରସାଦ ରୂପେ ପାଇଥାନ୍ତି । ଏଥିରେ ଭକ୍ତଙ୍କ ଆବେଗ ମଧ ଜଡିତ ରହିଛି । ମାତ୍ର ଦୁଃଖର ବିଷୟ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପାଇଁ ଚନ୍ଦନ, ଧୂପ ପାଇଁ ଗୋକୁଳ ଓ ଶ୍ରୀଅଙ୍ଗ ଲାଗି ଓ ଆଳତି ପାଇଁ କର୍ପୁର ବହୁ ନିମ୍ନମାନର ଯୋଗାଣ ହେଉଛି । ଏଥ ନିମନ୍ତେ ଯୋଗାଣ କାରୀଙ୍କ ନିଟକରେ ବାରମ୍ବାର ଅଭିଯୋଗ କଲେ ମଧ କିଛି ଫଳ ମିଳୁ ନଥବା ବେଳେ ଆଇନ ଅନୁଯାୟୀ ଠାକୁର ନାବାଳକ, ଆଜି ତାଙ୍କୁ ମଧ ଠକାମୀର ଶିକାର ହେବାକୁ ପଡୁଛି ଏବଂ ଦେବୋତର ବିଭାଗ ପକ୍ଷରୁ ଯୋଗାଣ ପାଇଁ ହେଉ ଥିବା ଟେଣ୍ଡର ସମୟରେ ହୋଇଥିବା ବୁଝାମଣା ପତ୍ର ଚୁକ୍ତି ନାମା ଅନୁଯାୟୀ ଯୋଗାଣ ନକରି ସରକାରଙ୍କୁ ମଧ ଠକି ଚାଲିଛନ୍ତି ବୋଲି ଅଭିଯୋଗ କରାଯାଇଛି । ମହାପ୍ରଭୁଙ୍କ ହଜାର ହଜାର ଭକ୍ତଙ୍କ ଏହି ମନ୍ଦିର ପ୍ରତି ଆସ୍ଥା ଓ ଆବେଗ ଜଡିତ । ତେଣୁ ମନ୍ଦିରକୁ ନୀତି ପାଇଁ ଯୋଗାଣ ହେଉଥିବା ସାମଗ୍ରୀକୁ ସରକାରୀ ନିୟମ ଅନୁଯାୟୀ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଠକାମୀ ଅଭିଯୋଗରେ ଆଇନ ଅନୁଯାୟୀ ଦଣ୍ଡବିଧାନ ବ୍ୟବସ୍ଥା କରିବା ସହିତ ଆଗାମୀ ଦିନରେ ମନ୍ଦିରକୁ ଉଚ୍ଚମାନର ସାମଗ୍ରୀ ଯୋଗାଣ ହେବ ସେଥି ନିମନ୍ତେ ଦୃଷ୍ଟି ଦେବାକୁ ସେବାୟତ କାମେଶ୍ୱର ତ୍ରିପାଠୀ ଅଭିଯୋଗରେ ଦର୍ଶାଇଛନ୍ତି ।

# ପାନ୍ ଆରୋମା କାଫେ ଉଦ୍‌ଘାଟନ କଲେ ବିଧାୟକ ସୁରେଶ ରାଉତରାୟ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ଆଜି ଅପରାହ୍ନରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ନବଯୁଗ ରିସର୍ଚ୍ଚଠାରେ ଏକ ଅତ୍ୟାଧୁନିକ ପାନ ବିକ୍ରୟ କେନ୍ଦ୍ର ଉଦଘାଟନ କରିଛନ୍ତି। ଏହି ବିକ୍ରୟ କେନ୍ଦ୍ରର ନାମ ପାନ୍ ଆରୋମା କାଫେ ରଖାଯାଇଛି। ଯାହାର ମାଲିକଙ୍କ ନାମ ସମୀର ଦାସ। ସେଠାରେ ସର୍ବନିମ୍ନ ପାନର ମୂଲ୍ୟ ୨୦ ଟଙ୍କା ରଖାଯାଇଥିବା ବେଳେ ସର୍ବାଧିକ ପାନର ମୂଲ୍ୟ ୨୧୦୦ ଟଙ୍କା ରଖାଯାଇଛି। ଏଠାରେ ଲଡୁପାନ, ଆଇସକ୍ରିମ ପାନ, ଧୂଆଁପାନ, ମିଠାପାନ, ଚଟଣୀପାନ ଓ ଜୁସ୍ ପାନ ପ୍ରଭୃତି ୧୫୦ ପ୍ରକାରର ପାନ ରଖାଯାଇଛି। ଭୁବନେଶ୍ୱରରେ ଏଭଳି ପାନ ଦୋକାନ ବିରଳ। ଏହି ପାନ ଦୋକାନ ଅତ୍ୟାଧୁନିକ ଶୈଳୀରେ ବ୍ୟବସ୍ଥିତ ହୋଇଛି। ଏହି କେନ୍ଦ୍ରଟି ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ମେଟ୍ରୋସିଟିରେ ଏଭଳି ଦୋକାନ ଖୋଲିବାର ଆବଶ୍ୟକତା ମଧ ରହିଛି। ଏହି ଉଦ୍‌ଘାଟନ କାର୍ଯ୍ୟରେ ସମାଜସେବୀ ମନୋଜ ଜେନା, ପ୍ରକାଶ ମିଶ୍ର, ଆଶିଷ ଦତ ଓ ମଳୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହଜି ଯାଉଛି ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକୀ



ଉଦଳା,୧୧/୦୯ (ନି.ପ୍ର): ସ୍ୱାଧିନତାର ଦିର୍ଘ ୭୫ ବର୍ଷ ବିତିଗଲା । ଚଳିତ ବର୍ଷ ଏଥିପାଇଁ ଏହାକୁ ଅମୃତ ମହୋତ୍ସବ ଭାବରେ ସମଗ୍ର ଦେଶରେ ପାଳନ କରାଯାଉଛି । ସ୍ୱାଧିନତା ସଂଗ୍ରାମୀ ମାନଙ୍କର ସ୍ମୃତିଚାରଣ କରାଯିବବା ସଙ୍ଗେ ସଙ୍ଗେ ସ୍ୱାଧିନତା ଆନ୍ଦୋଳନର ସ୍ମୃତି ସ୍ମାରକି ଗୁଡ଼ିକର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଯତ୍ନ ନିଆଯାଉଛି । ସେହିପରି ମୟୂରଭଞ୍ଜର କପ୍ତିପଦାସ୍ଥିତ ମହୁଲଡ଼ିହା ଠାରେ ଯତିନ୍ଦ୍ରନାଥ ମୁଖାର୍ଜି ଓରଫ ବାଘାଯତିନ ତାଙ୍କର ବନ୍ଧୁ ମାନଙ୍କ ସହିତ ଗୋପନରେ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ ଓ ଇଂରେଜ ସରକାରଙ୍କ ବିରୁଦ୍ଧରେ ପ୍ରସ୍ତୁତ ହେଉଥିଲେ । ଯେଉଁ ପାହାଡ଼ରେ ଯୁଦ୍ଧବିଦ୍ୟା ଶିକ୍ଷା ଚାଲିଥିଲା ଏହାକୁ ମୟୂରହୁଡ଼ା ବୋଲି କୁହାଯାଇଥାଏ । ଉକ୍ତ ପାହାଡ଼ଟି ସ୍ୱାଧିନତା ଆନ୍ଦୋଳନର ଏକ ସ୍ମୃତି ସ୍ମାରକି ପାଲଟି ଯାଇଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଦର୍ଶନୀୟସ୍ଥାନ ପାଲଟି ଯାଇଛି । କିନ୍ତୁ ଦୁଃଖର କଥା ବର୍ତ୍ତମାନ ଏହି ପାହାଡ଼ଟିକୁ ଡ଼ିନାମାଇଟ ଲଗାଇ ନଷ୍ଟ କରିଦିଆଯାଉଛି । ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାପରେ ଏ ଅଞ୍ଚଳରୁ ସ୍ୱାଧିନତା ଆନ୍ଦୋଳନର ଏକ ସ୍ମୃତି ସ୍ମାରକି ସବୁଦିନ ପାଇଁ ହଜିଯିବ ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାରିପଦା,୧୧/୦୯ (ନି.ପ୍ର): ରାଖାଲଗୋପ ଉଚ୍ଚ ବିଦ୍ୟାଳୟରେ ବିଦାୟୀ ଖେଳ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ବସା ବିଦାୟୀ ଶିକ୍ଷକ ବିଜୟ କୁମାର ଜେନାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଯଦୁନାଥ ପାଣିଗ୍ରାହୀ, ମିନତୀ ମହାପାତ୍ର, ସନ୍ଧ୍ୟାରାଣୀ ବେରା, ଗୀତିକୃଷ୍ଣା ମହାପାତ୍ର, ପ୍ରଦୀପ କୁମାର କର, ସୀତାଂଶୁ ଶେଖର ପାତ୍ର ଓ ଅନ୍ୟାନ୍ୟ ସହକର୍ମୀମାନେ ଉପସ୍ଥିତ ଥିଲେ ।

# ଭଂଜସେନାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା,୧୧/୦୯ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ଯୁବ ଛାତ୍ରସଂଗଠନ ଭଂଜସେନାର ନୂତନ କର୍ମକର୍ତା ମନୋନୀତ ହୋଇଥିବା ଜଣାଯାଇଛି । ନବ ନିର୍ବାଚିତ କର୍ମକର୍ତାଙ୍କ ମଧ୍ୟରେ ଜିଲ୍ଲା ସଭାପତି ଭାବରେ ପିଣ୍ଟୁ ମାଇତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବରେ ସାମନ୍ତ ଶେଖର ପାଲ ଓ ସୁମନ୍ତ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ମୋହିତ ବିଶୋଇ, ଜିଲ୍ଲା ଆଦିବାସୀ ଶାଖା ସଭାପତି ଭାବରେ ବାଜୁନ ହାଁସଦା, ଜିଲ୍ଲା ଆଦିବାସୀ ଶାଖା କାର୍ଯ୍ୟକାରୀ ସଭାପତି ଭାବରେ ଶିବ ସିଂ ଓ ଲକ୍ଷ୍ମଣ ଟୁଡୁ, ଜିଲ୍ଲା ମହିଳା ଶାଖା ସଭାନେତ୍ରୀ ଭାବରେ ଚନ୍ଦନା ଦାସ, ଜିଲ୍ଲା ଓବିସି ଶାଖା ସଭାପତି ଭାବରେ ରାକେଶ ବେହେରା, ଜିଲ୍ଲା କୁଡୁମୀ ଶାଖା ସଭାପତି ଭାବରେ ଜି.ଏସ. ମାଇକେଲ ମହାନ୍ତ, ଜିଲ୍ଲା ସଂଖ୍ୟାଲଘୁ ଶାଖା ସଭାପତି ଭାବରେ ଇଂ ରମଜାନ ବେଗ, ଜିଲ୍ଲା ଯୁବଶାଖା ସଭାପତି ଭାବରେ ମାନସ ବେହେରା, ଜିଲ୍ଲା ଛାତ୍ରଶାଖା ସଭାପତି ଭାବରେ ସୌମ୍ୟରଂଜନ ମିଶ୍ର ଏବଂ ବାମନଘାଟି ଉପଖଣ୍ଡ ସଭାପତି ଭାବରେ ସୌମିତ ବଳ, ପାଞ୍ଚପିଢ ଉପଖଣ୍ଡ ସଭାପତି ଭାବରେ ଦକ୍ଷିଣା ମହାନ୍ତ, କପ୍ତିପଦା ଉପଖଣ୍ଡ ସଭାପତି ଭାବରେ ରବିନ ମହାନ୍ତି, ବାରିପଦା ଉପଖଣ୍ଡ ସଭାପତି ଓ ମୁଖପାତ୍ର ଭାବରେ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ସଂଯୋଜକ ଭାବରେ ଜିତେନ୍ଦ୍ର ହେମ୍ବ୍ରମ, ଜିଲ୍ଲା ଯୁବଛାତ୍ର ସଂଯୋଜକ ଭାବରେ ଏସ.କେ. ରାଜାଖାନ, ଜିଲ୍ଲା ସଂଗଠନ ସମ୍ପାଦକ ଭାବରେ ଧନଞ୍ଜୟ ସାହୁ, ବାରିପଦା ସହର ସଭାପତି ଭାବରେ ପ୍ରୀତମ ପଣ୍ଡା, ରାଇରଙ୍ଗପୁର ସହର ସଭାପତି ଭାବରେ ମୃତ୍ୟୁଞ୍ଜୟ ସାନ ଡାଙ୍ଗୁଆ ମନୋନୀତ ହୋଇଥିବା ବେଳେ, ପୂର୍ବରୁ ଥିବା ଭଂଜସେନା ଏବଂ ଭଂଜସେନା ଆଦିବାସୀ ଶାଖା ବ୍ଲକ ସଭାପତି ମାନଙ୍କର ଦାୟିତ୍ୱ ଅବ୍ୟାହତ ରହିବ ବୋଲି ଜଣାଯାଇଛି ।

ବାଲେଶ୍ୱର ରବିବାର, ୧୨ ସେପ୍ଟେମ୍ବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋଟିଏ ଦିନରେ ୬୩୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୦୯(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୩୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୫୭୧୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୧୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୦୦୦୫୪୮ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୦୨୦ ରହିଛି। ଆଜି ଚିହ୍ନଟ ହୋଇଥିବା ୬୩୦ ଜଣଙ୍କ ମଧ୍ୟରୁ ୩୬୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୨୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩ ଜଣ, ବରଗଡ଼ରୁ ୪ ଜଣ, ଭଦ୍ରକରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୩, ବୌଦ୍ଧ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୧୧୮ , ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୧ ଜଣ, ଯାଜପୁରରୁ ୩୨ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୧ କଳାହାଣ୍ଡି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୨, କେନ୍ଦ୍ରାପଡ଼ାରୁ ୮ ଜଣ, କେନ୍ଦୁଝରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମୁହୂର୍ତ୍ତର ମାନଚିତ୍ର ପୁସ୍ତକ ଉନ୍ମୋଚିତ



ବାଳକାଟି,୧୧/୦୯ (ନି.ପ୍ର): ସମାଜରେ ଭିନ୍ନ ଭିନ୍ନ ଚରିତ୍ରର ଅନେକ ମଣିଷ ଅଛନ୍ତି । ଏମାନଙ୍କ ସହ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଘଟଣା ନିଜର କାନଭାସରେ ସାଇତି ରଖିବା ସହ କ୍ଷୁଦ୍ର ଗଳ୍ପପୁସ୍ତକ 'ମୁହୂର୍ତ୍ତର ମାନଚିତ୍ର'ରେ ସ୍ଥାନ ଦେଇଛନ୍ତି ଲେଖକ, ଗାଳ୍ପିକ, କବି ତଥା ଚଳଚିତ୍ର ସଂଳାପ ଲେଖକ ଡ.ରଜନୀ ରଞ୍ଜନ ଦାଶ। ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ବାଳକାଟି ସ୍ଥିତ ସରଦେଇପୁର ଡାକବଙ୍ଗଳାରେ ଏହି ପୁସ୍ତକର ଉନ୍ମୋଚନ ଉତ୍ସବ ବାଲିଅନ୍ତା ପ୍ରେସ କ୍ଲବ ଦ୍ୱାରା ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ପ୍ରେସ କ୍ଲବର ସଭାପତି ସୋମନାଥ ସ୍ୱାଇଁ। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଅଧ୍ୟାପକ ବିଶ୍ୱରଞ୍ଜନ, ମୁଖ୍ୟବକ୍ତା ଗାଳ୍ପିକ ଡ. ଅଜୟ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ଏହି ପୁସ୍ତକର ବିଷୟବସ୍ତୁ ଉପରେ ଆଲୋକପାତ କରିବା ସହ ଲେଖକଙ୍କ ପ୍ରତିଟି ଗଳ୍ପ ଉଚ୍ଚକୋଟିର ବୋଲି ଅଭିହିତ କରିଥିଲେ । ଏଥିରେ କବି ବିପିନ ମହାନ୍ତି ସଂଯୋଜନା କରିଥିବା ବେଳେ ପ୍ରକାଶକ ବନୋଜ ତ୍ରିପାଠୀ, ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲ୍ଲିପ କୁମାର ଓଝା, କବି ବଙ୍କିମଚନ୍ଦ୍ର ନାୟକ, ଅରୁଣ ଚନ୍ଦ୍ର ମହାନ୍ତି, ପୁଣ୍ଡଚନ୍ଦ୍ର ମହାରଣା, ରମାକାନ୍ତ ଗୋଛାୟତ, ବିଦ୍ୟାଧର ଗୁରୁ ସମେତ ବହୁ ସାହିତ୍ୟିକ ତଥା ସାମ୍ବାଦିକମାନେ ଯୋଗଦାନ କରିଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କରୋନା କଟକଣା ପାଇଁ ଫିକା ପଡିଲା ଗଣେଶ ପୂଜା



ବାରିପଦା,୧୧/୦୯ (ନି.ପ୍ର): ଆଜି ବୁଦ୍ଧିଦାତା ଗଜାନନଙ୍କ ପବିତ୍ର ବାର୍ଷିକ ପୂଜା । ପ୍ରତିବର୍ଷ ବାରିପଦା ସହର ରେ ଧୁମଧାମରେ ପାଳିତ ହୋଇଥାଏ ଏହି ଗଣେଶ ଚତୁର୍ଥୀ । ତେବେ ଚଳିତବର୍ଷ କରୋନା କଟକଣା ପାଇଁ ନିରାଡମ୍ବର ଭାବରେ ପାଳିତ ହୋଇଛି ଗଣେଶ ପୂଜା । ଖାଁଖାଁ ଦିଶୁଛି ଗାଁ ଠାରୁ ସହର । ବିଗତ ୨ବର୍ଷ ଧରି ଲକଡାଉନ୍ ଯୋଗୁଁ ସମସ୍ତ ପୂଜା ବନ୍ଦ ଥିବା ବେଳେ ଚଳିତ ବର୍ଷ କୋଭିଡ ନିୟମ ମୁତାବକ ଚାଲିଛି ଗଣେଶ ପୂଜା । ସରକାରଙ୍କ କୋରନା ଗାଇଡ଼ଲାଇ ଅନୁସାରେ ୪ ଫୁଟ ମଧ୍ୟରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ମଣ୍ଡପରେ ପୂଜାର୍ଚ୍ଚନା ପାଉଛନ୍ତି ବିଘ୍ନହର୍ତ୍ତା ଗଜାନନ । କେବଳ ସେତିକି ନୁହେଁ ସର୍ବାଧିକ ୭ ଜଣ ଲୋକ ରହି ପୂଜାର୍ଚ୍ଚନା ସମ୍ପର୍ଣ୍ଣ ମଧ କରୁଛନ୍ତି । ସେପଟେ ଗଣେଶ ପୂଜା ହେଉଛି ବିଶେଷତ ଛାତ୍ରଛାତ୍ରୀଙ୍କ ଖୁସିର ପର୍ବ । ଛାତ୍ରଛାତ୍ରୀ ଗଣେଶ ପୂଜାରେ ନୂଆ ପୋଷାକ ପିନ୍ଧି ଆନନ୍ଦରେ ସ୍କୁଲ କଲେଜ କୁ ଯାଇଥାନ୍ତି । ସାଙ୍ଗ ସାଥିରେ ମଉଜମଜଲିସରେ ଦିନ କାଟି ଥାଆନ୍ତି । ଗଣେଶ ପୂଜା ଆସିଲେ ସ୍କୁଲ କଲେଜ ଓ ବିଭିନ୍ନ କମିଟି ମାନଙ୍କରେ ସାଜସଜ୍ଜା କରାଯାଇଥାଏ କିନ୍ତୁ ଚଳିତ ବର୍ଷ ତାହା ଫିକା ପଡ଼ିଛି ବୋଲି କହିଛନ୍ତି ଛାତ୍ରଛାତ୍ରୀ ଓ ପୂଜା କମିଟିର କର୍ମକର୍ତ୍ତା ମାନେ । ତେବେ ଚଳିତ ବର୍ଷ ବିଘ୍ନହର୍ତ୍ତାଙ୍କ ପାଖରେ ଛୁଆରୁ ବୁଢ଼ା ପର୍ଯ୍ୟନ୍ତ ମହାମାରୀ ଶୀଘ୍ର ଦୂର ହୋଇ ପରିସ୍ଥିତି ସ୍ୱାଭାବିକ ହେବା ନିମନ୍ତେ ପ୍ରାର୍ଥନା କରିଛନ୍ତି ।

# ଡକାୟତି ଯୋଜନା କରି ୫ ଯୁବକ ଗିରଫ

ବାଲେଶ୍ୱର,୧୧/୦୯ (ନି.ପ୍ର): ଡକାୟତି ଯୋଜନା କରୁଥିବା ବେଳେ ୪ଜଣ ଯୁବକଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ଗିରଫ ଯୁବକମାନେ ହେଲେ ଆଖଡା ଶାଳ ଅଞ୍ଚଳର ତାପସ କୁମାର ବାରିକ (୨୬) ଓ ରୂପକ କୁମାର ବାରିକ (୨୫), ମାନସିଂବଜାର ଅଞ୍ଚଳର ତପନ ଦାସ (୨୦) ଓ ରଞ୍ଜନ ବେହେରା (୨୫) ଏବଂ ମଛୁଆସାହି ଅଞ୍ଚଳର ଶଶିକାନ୍ତ ଦାସ(୨୮)। ଥାନାଧିକାରୀ ସଲଖାନ ମୁର୍ମୁଙ୍କ ନିର୍ଦ୍ଦେଶରେ ରାତ୍ରି ପ୍ରହରାରେ ଯାଇଥିବା ପୁଲିସ ଏହି ଡକାୟତି ଦଳକୁ ଠାବ କରିଥିଲା। ରାତି ପ୍ରାୟ ଦେଢ଼ଟା ବେଳେ ନକୁଳମିଲ ଛକ ନିକଟରେ କିଛି ଅସାମାଜିକ ବ୍ୟକ୍ତି ରୁଣ୍ଡ ହୋଇଥିବା ସୂଚନା ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ତେବେ ପୁଲିସ ଗାଡ଼ି ପହଞ୍ଚିବା କ୍ଷଣି ଯୁବକମାନେ ଖସି ପଳାଇ ଯିବାକୁ ପ୍ରୟାସ କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଦୁଇଟି ତେଲେଙ୍ଗୀ କଟୁରୀ, ଓଡି୦୧ଏଏଚ ୬୪୭୨ନଂର ଏକ ବାଇକ ଓ ଅନ ସାମଗ୍ରୀ ଜବତ କରାଯାଇଥିଲା। ଏନେଇ ଟାଉନ ଥାନାରେ ୨୦୪/୨୧ ମୂଳେ ମାମଲା ରୁଜୁ ହୋଇ ଗିରଫ ଯୁବକଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ମୁର୍ମୁ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ପ୍ରତିଷ୍ଠା ଉତ୍ସବ ପାଳିଲା ମୋବାଇଲ ବିକ୍ରେତା ସଂଘ

ବାଲେଶ୍ୱର,୧୧/୦୯ (ନି.ପ୍ର): 'ବାଲେଶ୍ୱର ମୋବାଇଲ ବିକ୍ରେତା ସଂଘ'ର ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଗହଣରେ ଶନିବାର ପାଳିତ ହୋଇଯାଇଛି। ସର୍ବଭାରତୀୟ ମୋବାଇଲ ବିକ୍ରେତା ମହାସଂଘର ପରାମର୍ଶ କ୍ରମେ ଜିଲା ଶାଖାର କର୍ମକର୍ତ୍ତାମାନେ ସହରର ବଣିଆପଟିସ୍ଥିତ 'ପ୍ରୟାସ ଦିବ୍ୟାଙ୍ଗ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଗହଣରେ କେକ କାଟି ଉତ୍ସବ ପାଳନ କରିଥିଲେ। ଏଥି ସହିତ ସ୍କୁଲରେ ଥିବା ଛାତ୍ରଛାତ୍ରୀଙ୍କୁ ସୁଖିଲା ପୃଷ୍ଟିକର ଖାଦ୍ୟ ମଧ୍ୟ ବଣ୍ଟନ କରିଥିଲେ। ସମାଜରେ ଅବହେଳିତ ହୋଇ ପଡ଼ିଥିବା ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିବା, ସେମାନେ ସମସ୍ତଙ୍କ ଇଚ୍ଛାଶକ୍ତି ବୃଦ୍ଧି କରିବାରେ ସଂଘର ଏହି ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ପରେ ସଂଘର କର୍ମକର୍ତ୍ତାମାନେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଶଲ୍ୟ ବିଭାଗରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ରାଜେଶ କର୍ଣ୍ଣାନୀ, ସୁରେଶ କୁମାର ଉପାଧ୍ୟାୟ, ପ୍ରୀୟଙ୍କା କୋଟେଜା, ଅୟେନ ସେନ, ଚନ୍ଦ୍ରଶେଖର ଗିରି, ବିନାୟକ ମହାକୁଡ଼, ପୁନୀତ ଠାକ୍କର, ସଞ୍ଜୀବ ପାଣିଗ୍ରାହୀ, କମଲେଶ ଦେ ପ୍ରମୁଖ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

# ଦୃଷ୍ଟିହୀନ ଅସହାୟଙ୍କୁ ପ୍ରୟାସ ପରିବାରର ସହାୟତା

ବାଲେଶ୍ୱର,୧୧/୦୯ (ନି.ପ୍ର): ରାସ୍ତା ପାର୍ଶ୍ୱରୁ ଦୃଷ୍ଟିହୀନ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର ସହ 'ପ୍ରୟାସ ପରିବାର' ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ସହରର ଓଟିରୋଡ଼ ପାର୍ଶ୍ୱରେ ସମ୍ପୃକ୍ତ ବ୍ୟକ୍ତି ପଡ଼ିରହିଥିବା ବେଳେ ତାଙ୍କୁ ଜନ୍ଦା ପିମ୍ପୁଡ଼ି ଚଢ଼ିଯାଇଥିଲେ। ତାଙ୍କର ଏଭଳି ସ୍ଥିତି ଦେଖି ରାସ୍ତାରେ ଯାଉଥିବା ଦୁଇଜଣ କଲେଜ ଛାତ୍ର ପିସିଆର ପୁଲିସକୁ ଖବର ଦେଇଥିଲେ। ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସଦର ଥାନାକୁ ନେଇ ଯାଇଥିଲା। ସଦର ଥାନାଧିକାରୀର ଅଶୋକ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସବ-ଇନସ୍ପେକ୍ଟର ବନବିହାରୀ ଶତପଥୀ ଅସହାୟଙ୍କୁ ସହାୟତା କରିବା ପାଇଁ ପ୍ରୟାସ ପରିବାରକୁ ଯୋଗଯୋଗ କରିଥିଲେ। ଖବର ପାଇ ପ୍ରୟାସ ପରିବାର ମୁଖ୍ୟ ରୋଜି ପଟ୍ଟନାୟକ ସେଠାରେ ପହଞ୍ଚି ଏହି ବ୍ୟକ୍ତିଙ୍କୁ ନେଇ ଯାଇଥିଲେ। ଟିକେ ସୁସ୍ଥ ହେବା ପରେ ତାଙ୍କ ଘର ମୟୂରଭଂଜ ଜିଲା ଠାକୁରମୁଣ୍ଡା ଅଞ୍ଚଳର ବୋଲି ଜଣାପଡ଼ିଥିଲା। ତେବେ ତାଙ୍କୁ ତାଙ୍କ ଘରକୁ ପଠାଇବା ପାଇଁ ପ୍ରୟାସ ପରିବାର ନିଷ୍ପତ୍ତି ନେଇଛି। ତେବେ ଏହି ମହତ କାର୍ଯ୍ୟରେ ସନ୍ଦୀପ୍ତ ଦାସ ସହଯୋଗ କରିଥିଲେ।

# ରାଜ୍ୟରେ କରୋନାରେ ଆଉ ୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୧/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୦୯୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୨ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି। ଏହାଛଡ଼ା ବାଲେଶ୍ୱର, ଢେଙ୍କାନାଳ, ଜଗତସିଂହପୁର, ଯାଜପୁର, ମାଲକାନଗିରି ଓ ମୟୂରଭଞ୍ଜ ଜିଲ୍ଲାରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

# ପ୍ରଭାସ କର ମହାପାତ୍ର ପିସିସି ସମ୍ପାଦକ ହେବାପରେ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା



ବାରିପଦା,୧୧/୦୯ (ନି.ପ୍ର): ପ୍ରଦେଶ କଂଗ୍ରେସର କାର୍ଯ୍ୟକାରିଣୀ କମିଟିରେ ମୟୂରଭଞ୍ଜ ଜିଲ୍ଲାର ପ୍ରଭାସ କର ମହାପାତ୍ରଙ୍କୁ ରାଜ୍ୟ ସମ୍ପାଦକ ଭାବେ ମନୋନୀତ କରାଯାଇଥିବା ପରିପ୍ରେକ୍ଷୀରେ ଯୁବ କଂଗ୍ରେସ ସଭାପତି ଅଂଶୁମାନ ଦାସଙ୍କ ନେତୃତ୍ୱରେ ବହୁ ଯୁବ କଂଗ୍ରେସ କର୍ମୀ ତାଙ୍କ ଉପରେ ଆସ୍ଥାପ୍ରକଟ କରି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ କେକ କାଟି ଖୁସି ମନାଇଛନ୍ତି । ପ୍ରଭାସଙ୍କୁ ନେତୃତ୍ୱ ମିଳିବା ପରେ ମୟୂରଭଞ୍ଜ ଜିଲ୍ଲାରେ କଂଗ୍ରେସ ବେଶ ଲାବାନ ହେବ ବୋଲି ଯୁବ କଂଗ୍ରେସ କର୍ମୀ ମାନେ କହିଥିବା ବେଳେ, ଜିଲ୍ଲାରେ ବିଗତ କିଛି ବର୍ଷ ଧରି କଂଗ୍ରେସର ସଂଗଠନ ଦୁର୍ବଳ ହୋଇଥିବା ବେଳେ, ସମସ୍ତଙ୍କର ସହଯୋଗ କ୍ରମେ ଦଳ ନିଜର ସଂଗଠନକୁ ମଜଭୁତ କରିବ ବୋଲି କୁହାଯାଇଛି। ପ୍ରଭାସ କର ମହାପାତ୍ରଙ୍କୁ ପିସିସି ସମ୍ପାଦକ ଭାବରେ ମନୋନୀତ କରିଥିବାରୁ କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ, ସମ୍ପାଦକ ବେଣୁଗୋପାଳ ଓ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଛନ୍ତି ।

# ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ



ବାରିପଦା,୧୧/୦୯ (ନି.ପ୍ର): ମୟୂରଭଞ୍ଜ ଜିଲାର ୫୫ଜଣ ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଗୁରୁବାର ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବୀପତ୍ର ମୁତାବକ ରାଜ୍ୟ ସରକାରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଦୀର୍ଘ ୧୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସମସ୍ତେ କାର୍ଯ୍ୟ କରୁଥିଲେ ହେଁ ଚାକିରି ନିୟମିତ କରାଯାଉ ନାହିଁ । ମାସିକ ବେତନ ୪୭୬୦ଟଙ୍କା ଦିଆଯାଉଛି । ତାହା ପୁଣି ପ୍ରତି ମାସରେ ଦେବା ପରିବର୍ତ୍ତେ ୬ ମାସକୁ ଥରେ ମିଳୁଛି । ଜଣେ ଦିନ ମଜୁରିଆଠାରୁ କମ ପାରିତୋଷିକ ହୋଇଥିବାରୁ ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡୁଛି । ଭାରତ ସରକାରଙ୍କୁ ଭିନ୍ନକ୍ଷମ ଆଇନ ଅନୁଯାୟୀ ୬ବର୍ଷରେ ନିୟମିତ କରିବା ପରିବର୍ତ୍ତେ ବିଭାଗ ପକ୍ଷରୁ ପ୍ରତିବର୍ଷ ଗୋଟିଏ ଦିନ ଲେଖାଏ ଛଟେଇ କରି ନିୟମିତ ହେବାରୁ ବଞ୍ଚିତ କରାଯାଉଛି । ଚାକିରିକୁ ନିୟମିତ କରିବା, ସରକାରୀ ନିୟମ ଅନୁଯାୟୀ ଦରମା ବୃଦ୍ଧି, ପ୍ରତିବର୍ଷ ଛଟେଇକୁ ଉଚ୍ଛେଦ ଆଦି ଦାବୀ କରି ଏହି ଦାବୀପତ୍ର ପ୍ରଦାନ କରାଯାଇଛି । ଜିଲା ଭିନ୍ନକ୍ଷମ ଅନ୍ତର୍ନିବେଶୀ ସେଚ୍ଛାସେବୀ ମାନେ ସଭାପତି ଅଜିତ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି ।

# ସମସ୍ତଙ୍କୁ ଶସ୍ତା ଏବଂ ସହଜ ନ୍ୟାୟ ଦେବାପାଇଁ ପ୍ରତିବଦ୍ଧ : ସିଜେଆଇ

ପ୍ରୟାଗରାଜ,୧୧/୦୯ (ନି.ପ୍ର): ଏଲ୍ଲାହାବାଦ ହାଇକୋର୍ଟରେ ଆୟୋଜିତ କାର୍ଯ୍ୟକ୍ରମ ସମୟରେ ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧିଶ ଏନ୍‌ଭି ରମନା ସଙ୍ଗମନଗରୀରେ ନିଜ ଆଗମନର ଗୌରବର ବିଷୟ ବୋଲି କହିଛନ୍ତି। ସେ କହିଛନ୍ତି ଯେ ମହାତ୍ମା ଗାନ୍ଧୀ ଏହି ମାଟିରୁ ବ୍ରିଟିଶ୍ ଶାସନର ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଯୁଦ୍ଧର ଆରମ୍ଭ କରିଥିଲେ। ସେ କହିଛନ୍ତି ଯେ ଆମେ ସମସ୍ତଙ୍କ ପାଇଁ ଶସ୍ତା ଏବଂ ସହଜ ନ୍ୟାୟ ଦେବାକୁ ପ୍ରତିବଦ୍ଧ ଅଟନ୍ତି। ସିଜେଆଇ କହିଛନ୍ତି ଯେ ଆହ୍ଲାବାଦ ହାଇକୋର୍ଟର ଇତିହାସ ଦେଢ଼ଶହ ବର୍ଷ ପୁରୁଣା ଅଟେ। ଏଠିକା ନ୍ୟାୟାଧିଶ ଜଗମୋହନ ଲାଲ୍ ସିହ୍ନା ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ରଦ୍ଧ କରିବାକୁ ଐତିହାସିକ ଫୈସଲା ଦେଇଥିଲେ। ଏହି ସମୟରେ ସେ ସଚ୍ଚିଦାନନ୍ଦ ସିହ୍ନା, ମୋତିଲାଲ୍ ନେହେରୁ, ମହାମନା ମଦନ ମୋହନ ମାଲବ୍ୟ ଏବଂ ଜଗମୋହନ ଲାଲ ସିହ୍ନାଙ୍କ ଉପରେ ବିଚାର ବ୍ୟକ୍ତ କରିଥିଲେ। ଉତର ପ୍ରଦେଶର ରାଜ୍ୟପାଳ ଆନନ୍ଦି ବେନ୍ ପଟେଲ ସଙ୍ଗମନଗରୀର ଐତିହାସିକ ପୌରାଣିକ ପୃଷ୍ଠଭୂମି କହିବା ସହ ଝଲବା ସ୍ଥିତ ରାଷ୍ଟ୍ରୀୟ ବିଧି ବିଶ୍ୱବିଦ୍ୟାଳୟକୁ ନେଇ ଆଶା ପ୍ରକାଶ କରିଛନ୍ତି ଏହି ବିଶ୍ୱବିଦ୍ୟାଳୟ ମିଲ୍ କା ପତ୍ଥର ସାବିତ ହେବ। ସେ ଏହି କାନୁନୀ ଶିକ୍ଷାର ଗୁଣବତା ପାଇଁ ଜରୁରୀ ବୋଲି କହିଛନ୍ତି ଯେ ଏଠାରୁ ଶିକ୍ଷିତ ଯୁବକ ନ୍ୟାୟ ଦେବାରେ ସକ୍ଷମ ହେବେ।

# ଅନ୍ୟଦଳ ଛାଡି ବିଜେପିରେ ମିଶିଲେ ବହୁ କର୍ମୀ



ଜଳେଶ୍ୱର,୧୧/୦୯ (ନି.ପ୍ର): ଆଜି ଅପରାହ୍ନରେ ବିଜେପିର ଏକ ମିଶ୍ରଣ ପର୍ବ ମୂରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଘୋଷଣା ଅନୁଯାୟୀ ପୂର୍ବତନ ନଗରପାଳ ପ୍ରବୀର କୁମାର ପ୍ରଧାନ ସଦଳବଳେ ଆଜି ବିଜେପିରେ ସାମିଲ ହୋଇଛନ୍ତି । ତାଙ୍କୁ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡଙ୍ଗୀ, ପୂର୍ବତନ ମନ୍ତ୍ରୀ ତଥା ବିଜେପିର ଅନ୍ୟତମ ମୁଖ୍ୟ ରଘୁନାଥ ମହାନ୍ତି, ବିଜେପି ବାଲେଶ୍ୱର ଜିଲା ପ୍ରଭାରୀ ଜୀବନ ପ୍ରଦୀପ ଦାଶ ଶ୍ରୀ ପ୍ରଧାନଙ୍କୁ ବିଜେପିରେ ସାମିଲ କରାଇଥିଲେ । ତାଙ୍କ ସହିତ ସୁଗୋ ପଂଚାୟତର ସମିତି ସଦସ୍ୟ ସଂଜୟ ମହାନ୍ତି, ନେତୁଆ ପଂଚାୟତର ସମିତି ସଦସ୍ୟ ସୁରେଶ ଜେନା, ଶ୍ରୀରାମପୁର ପଂଚାୟତର ସମିତି ସଦସ୍ୟ ପୁଷ୍ପଲତା ଘୋଷ, ନେତୁଆ ପଂଚାୟତର ୱାର୍ଡ ସଦସ୍ୟ ଦିଲ୍ଲିପ ରାଉଳ, ସୁଗୋ ପଂଚାୟତର ସର୍ବେଶ୍ୱର ଦାସ, ଭୋଗରାଇର ଅବସରପ୍ରାପ୍ତ ଅତିରିକ୍ତ ବିଡିଓ ଅଜିତ୍ କୁମାର ଅଠା ବିଜେପିରେ ଯୋଗ ଦେଇ ଦଳୀୟ ଉତ୍ତରୀୟ ପିନ୍ଧିଥିଲେ । ସେହିପରି ବିଭିନ୍ନ ପଂଚାୟତର ଅନ୍ୟ ଦଳର ବହୁ କର୍ମୀମାନେ ଆଜି ଯୋଗଦେବାପରେ ବିଜେପିର ଶକ୍ତି ବୃଦ୍ଧି ହୋଇଥିବା ଏଠାରେ ଯୋଗ ଦେଇଥିବା ନେତୃମଣ୍ଡଳୀମାନେ କହିଛନ୍ତି। ମିଶ୍ରଣ ପରେ ପ୍ରବିର କୁମାର ପ୍ରଧାନ ଜଳେଶ୍ୱର ବିଜେପିକୁ ସୁଦୃଢ଼ କରିବାର ପ୍ରୟାସ ଏବଂ କର୍ମୀମାନଙ୍କୁ ଶୃଙ୍ଖଳିତ କରିବେ ବୋଲି କହିଛନ୍ତି । ଏଥିରେ ଯୁବମୋର୍ଚ୍ଚା ସଭାପତି ରବିନ୍ଦ୍ର ପାତ୍ର ମଂଚ ଆହ୍ୱାନ, ନନ୍ଦନ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାନ୍ତନୁ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟ ପ୍ରଦାନ କରିଥିଲେ । ଏହି ମଂଚରେ ବରିଷ୍ଠ ବିଜେପି ନେତା ଶୁଭଙ୍କର ମହାପାତ୍ର, ଅରୁଣ ବେଜ, ଅଂଶୁମାନ ମହାନ୍ତି, ସମୀର ପାତ୍ର, ସାବିତ୍ରୀ ଜେନା, ଶ୍ରୀନିବାସ ପ୍ରଧାନ, ଗୌରଗୋପାଳ ଦାସ ଅଧିକାରୀ, ରାମକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସହ ଜନ୍ମଦିନ ପାଳିଲେ ଅଙ୍କିତା

ବାଲେଶ୍ୱର,୧୧/୦୯ (ନି.ପ୍ର): ପ୍ରତିବର୍ଷ ଭଳି ଯୁବ ସମାଜସେବୀ ଅଙ୍କିତା କଚ୍ଛସା ସ ସହରର ରାଣୀପାଟଣାସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଜନ୍ମଦିନ ଶନିବାର ପାଳନ କରିଛନ୍ତି। ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସହ ଜନ୍ମଦିନ କେକ କାଟିବା ସହ ସମସ୍ତଙ୍କୁ ସୁଷମ ଖାଦରେ ସେ ଆପ୍ୟାୟିତ କରିଛନ୍ତି। ସମାଜର ଭିନ୍ନକ୍ଷମ ତଥା ଅବହେଳିତ ବର୍ଗଙ୍କ ସହ ଜନ୍ମଦିନ ପାଳନ କରି ସେ ଅପରା ଆନନ୍ଦ ପାଆନ୍ତି ବୋଲି ଅଙ୍କିତା କହିଛନ୍ତି। ଆଗାମୀ ଦିନରେ ବି ଏହି ଧାରା ବଜାୟ ରଖିବେ ବୋଲି ସେ ଦୂଚନା ଦେଇଛନ୍ତି। ଅଙ୍କିତାଙ୍କ ଏଭଳି ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଦିବାକର ସ। ଘର ପରିବାରଠାରୁ ଦୂରରେ ରହୁଥିବା ଏହି ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ସହ ସମୟ ବିତାଇବା ଭଳି ଉଚ୍ଚ ବିଚାର ଅନ୍ୟାମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। ଅଙ୍କିତା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ଅଙ୍କିତାଙ୍କ ମାଆ ରଶ୍ମିଦାସ, ଭଉଣୀ ଇତ୍ୟାଶା ସ, ରୀତିକା ସ, ଇସ୍ମିତା ସଙ୍କ ସମେତ ସମ୍ପାଦକ ଅନୀଲ ପ୍ରଧାନ ଉପସ୍ଥିତ ଥିଲେ।

# ଢେଙ୍କାନାଳର ଜିଲ୍ଲାପାଳ ନୀଳଗିରି ଅଞ୍ଚଳର ଅସହାୟ ପିଲାର ପାଠପଢ଼ା ଦାୟିତ୍ୱ ନେଲେ

ବାଲେଶ୍ୱର,୧୧/୦୯ (ନି.ପ୍ର): ଢେଙ୍କାନାଳ ଜିଲ୍ଲାପାଳ ତଥା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ତେନ୍ତୁଳିଆ ପଞ୍ଚାୟତର ତେନ୍ତୁଳିଆ ଗ୍ରାମର ସରୋଜ କୁମାର ସେଠୀ ଶନିବାର ଦିନ ନିଜ ଜନ୍ମମାଟିକୁ ଆସିଥିବା ବେଳେ ପ୍ରଥମେ ଜିଲ୍ଲାପାଳ ନୀଳଗିରି ଜଗନ୍ନାଥ ମନ୍ଦିରକୁ ଯାଇ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ପରେ ସଜନାଗଡ଼ ଚଣ୍ଡି ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିବା ବେଳେ ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଏକ ୫ବର୍ଷର ପୁଅ ପିଲା ଅସହାୟ ଅବସ୍ଥାରେ ଫୁଙ୍ଗୁଳା ଦେହରେ ବୁଲୁଥିବା ବେଳେ ପିଲାଟିର ତଥ୍ୟ ପଚାରି ବୁଝିଥିଲେ । ସଜନାଗଡ଼ ପଞ୍ଚାୟତର ପାଣବନ୍ଧ ଗ୍ରାମର ସୁକୁଲ ହେମ୍ବ୍ରମର ୫ବର୍ଷର ପୁଅ ଶିବ ବୋଲି ଜଣାପଡ଼ିଥିଲା । ପରେ ମନ୍ଦିର ପରିସରରେ ସ୍ଥାନୀୟ ସମିତି ସଭ୍ୟ ଗଣେଶ୍ୱର ସିଂ, ସରପଞ୍ଚର ସ୍ୱାମୀ ପ୍ରଦୀପ କୁମାର ଖାଲପାଳିଆ, ରଶ୍ମିରଂଜନ ରାଉତ, ମନୋରଂଜନ ଦାସବାବୁ, ମନୋରଂଜନ ବେହେରା, ଅଂଜୁଲତା ସ୍ୱାଇଁ, ଅନ୍ତର୍ଯ୍ୟାମୀ ବାଗୁଡ଼ାଇ ପ୍ରମୁଖ ସରୋଜ କୁମାର ସେଠୀଙ୍କୁ ସାକ୍ଷାତ କରିବା ସହ ଜିଲ୍ଲାପାଳ ଶ୍ରୀଯୁକ୍ତ ସେଠୀ ଉକ୍ତ ଅସହାୟ ପିଲାଟିକୁ ତୁରନ୍ତ ନୂଆ ପ୍ୟାଣ୍ଟ ସାର୍ଟ ପିନ୍ଧାଇବା ସହ ନଗର ଏକ ହଜାର ଟଙ୍କା ପ୍ରଦାନ କରିଥିଲେ । ପିଲାଟିର ଆଶ୍ରମ ସ୍କୁଲରେ ଆଡ଼ମିଶନ ପାଇଁ ବାଲେଶ୍ୱର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପିଲାଟିର ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପଢ଼ା ଖର୍ଚ୍ଚ ଜିଲ୍ଲାପାଳ ବହନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଜିଲ୍ଲାପାଳଙ୍କର ଏତାଦୃଶ୍ୟ କାର୍ଯ୍ୟକୁ ନୀଳଗିରିରେ ବେଶ୍ ଚର୍ଚ୍ଚା କରିବା ସହ ପ୍ରଶଂସା କରାଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo